NITIDIN
ନିତିଦିନ
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
8+16 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ
SUNDAY
15 FEBRUARY 2026
ରବିବାର
୧୫ ଫେବୃଆରୀ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 270 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୨୭୦ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

ଟି-୨୦ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ମହାଲଢ଼େଇ

**କଲମ୍ବୋ, ୧୪।୨/ଏଜେନ୍ସି:**

ରବିବାର ଟି-୨୦ ବିଶ୍ୱକପ ୨୦୨୬ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ-ପାକିସ୍ତାନ ମଧ୍ୟରେ ହେବ ମହାଲଢ଼େଇ। ଶ୍ରୀଲଙ୍କାର କଲେମ୍ବୋ ଷ୍ଟାଡିୟମ୍‌ରେ ଟି-୨୦ ବିଶ୍ୱକପ୍‌ର ଅନ୍ୟତମ ହାଇଭୋଲ୍‌ଟେଜ୍ ମ୍ୟାଚ୍‌ରେ ଭାରତ-ପାକିସ୍ତାନ ପୁଣି ଥରେ ମୁହାଁମୁହିଁ ହେବେ। ଏହି ମ୍ୟାଚ ଉପରେ ସାରା ବିଶ୍ୱର ନଜର ରହିଛି। ଏହାକୁ ନେଇ ଚାରିଆଡେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ ଅଦିନିଆ ବର୍ଷା ମ୍ୟାଚ୍‌କୁ ଖରାପ କରିପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ କୌଣସି ଯୁଦ୍ଧ ଠାରୁ କମ୍ ବିବେଚନା କରାଯାଏ ନାହିଁ। ସୁତରାଂ ଏହି ମ୍ୟାଚ୍‌କୁ ଦେଖିବା ପାଇଁ କେବଳ ଭାରତ କିମ୍ବା ପାକିସ୍ତାନର ନାଗରିକ ନୁହଁନ୍ତି ବରଂ ବିଶ୍ୱର କୋଣ ଅନୁକୋଣରୁ ଅସଂଖ୍ୟ କ୍ରିକେଟ୍ ପ୍ରେମୀମାନେ ଚଢ଼ା ବିମାନ ଭଡ଼ା ଦେଇ କଲମ୍ବୋରେ ଆସି ପହଞ୍ଚିବାରେ ଲାଗିଛନ୍ତି। ୨୦୨୫ରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତ ଠାରୁ ଲଜ୍ଜାଜନକ ପରାଜୟ ବରଣ କରିବା ପରେ ପ୍ରଥମ ଥର ପାଇଁ ପାକିସ୍ତାନ ପୁନର୍ବାର



**ଦେଶପ୍ରେମ ମନୋଭାବ ନେଇ ଖେଳିବ ସୂର୍ଯ୍ୟ ବାହିନୀ**

**ସମ୍ମାନ ବଞ୍ଚାଇବାକୁ ଚେଷ୍ଟା କରିବେ ପାକ୍ ଖେଳାଳି**

**ଚାରିଆଡ଼େ ଅପୂର୍ବ ଉତ୍ସାହ, ଫିକା କରିପାରେ ବର୍ଷା**

ଭାରତକୁ ସାମ୍ନାକୁ କରିବାକୁ ଯାଉଛି। ଗୋଟିଏ ପଟେ ବିଶ୍ୱର ଅନେକ ବଡ଼ ବଡ଼ କ୍ରିକେଟ୍

▶▶ ୫

୪ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

# ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ଜଳବଣ୍ଟନ ଉପରେ ଫୋକସ୍

**୩୬୯ କୋଟି ୭୭ ଲକ୍ଷ ୧୨,୬୪୬ ଟଙ୍କାର ତିନି ଟେଣ୍ଡରକୁ ମଞ୍ଜୁରୀ**

**୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଠିକାଦାର ସଂସ୍ଥାକୁ ନିର୍ଦ୍ଦେଶ**



**ଭୁବନେଶ୍ୱର,୧୪।୨/ଏନ୍‌ଏନ୍‌ଏସ୍:**

ରାଜ୍ୟର ଅନ୍ୟତମ ବୃହତ୍ ଜଳସେଚନ ପ୍ରକଳ୍ପ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍‌ର ଜଳବଣ୍ଟନ ଉପରେ ରାଜ୍ୟ ସରକାର ଫୋକସ୍ କରିଛନ୍ତି। ବୈତରଣୀ ନଦୀ ଉପରେ ହୋଇଥିବା ଏହି ଆନନ୍ଦପୁର ବ୍ୟାରେଜ ଓ ଏହାର ବିତରଣ ପ୍ରଣାଳୀର ନିର୍ମାଣ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ୬୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମନ୍ତେ ୩୬୯ କୋଟି ୭୭ ଲକ୍ଷ ୧୨,୬୪୬ ଟଙ୍କାର ତିନୋଟି ଟେଣ୍ଡରକୁ ମଞ୍ଜୁରୀ ଦେଇଛନ୍ତି। ୨୪ ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଠିକାଦାର ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜଳସଂପଦ ବିଭାଗ ପକ୍ଷରୁ ଆସିଥିବା ତିନି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ୩୬ ତମ ବୈଠକ ବସିଥିଲା। ଏଥିରେ ମୋଟ୍ ଦୁଇ ବିଭାଗରେ ୪ଟି ପ୍ରସ୍ତାବରେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ସେଇ ଦୁଇ

▶▶ ୫

**ଇଏସ୍‌ଆଇ ହସ୍ପିଟାଲ୍ ରେଡିଓଗ୍ରାଫର୍ ସେବା ସର୍ତ୍ତାବଳୀ**

## ନିଯୁକ୍ତି ପଦ୍ଧତି ନିୟମ-୨୦୨୬କୁ ମଞ୍ଜୁରୀ

ରାଜ୍ୟର ଇଏସ୍‌ଆଇ ହସ୍ପିଟାଲ ଏବଂ ଡିସପେନ୍‌ସାରିରେ ସେବା କରିବା ପାଇଁ 'ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା'ରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ କାର୍ଯ୍ୟକାରୀ ହୋଇଛି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ରେଡିଓଗ୍ରାଫର ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ମଞ୍ଜୁରୀ ଦିଆଯାଇଛି।

ଟେକ୍ସଟାଇଲ୍ ପାର୍କ ଓ ଡାଟା ସେଣ୍ଟର୍‌ର ଶିଳାନ୍ୟାସ

# କେନ୍ଦୁଝର ହେବ ଅଭିବୃଦ୍ଧିର କେନ୍ଦ୍ର: ମୁଖ୍ୟମନ୍ତ୍ରୀ



**ଟେକ୍ସଟାଇଲ୍ ପାର୍କ ପାଇଁ ୧୦୦ କୋଟି ବ୍ୟୟବରାଦ**

**୧୨୦୦ ଯୁବକଯୁବତୀଙ୍କୁ ମିଳିବ ନିଯୁକ୍ତି ସୁଯୋଗ**

**ବାର୍ଷିକ ଉତ୍ପାଦନ ହେବ ୨୪ ଲକ୍ଷ ପୋଷାକ**

**ଡାଟା ସେଣ୍ଟର ପାଇଁ ନିବେଶ ହେବ ୧୮୭ କୋଟି**

**ଭୁବନେଶ୍ୱର,କେନ୍ଦୁଝର,୧୪।୨/ଏନ୍‌ଏନ୍‌ଏସ୍:**



କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଓ ଡାଟା ସେଣ୍ଟରର ଶିଳାନ୍ୟାସ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ଏହି ଶିଳାନ୍ୟାସ କରି କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ିବାବା ସହ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି।

ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର

▶▶ ୫

# ଯୁବକଙ୍କୁ ପିଟି ମାରିଦେଲେ, ୨୦ ଗିରଫ

**ବ୍ରହ୍ମପୁର,୧୪।୨/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସାର୍ଦ୍ଦୁଳ ଗାଁରେ ଚୋରି ଅଭିଯୋଗରେ ଗ୍ରାମବାସୀ ଜଣେ ଯୁବକଙ୍କୁ ନିସ୍ତୁକ ପିଟିବା ଓ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ଜଣକ ହେଲେ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ତଟମା ଗାଁର ବେଣୁଧର ପ୍ରଧାନ। ସେ ଦୀର୍ଘ ବର୍ଷ ହେଲା କୁରୁମୁଙ୍ଗିଆ ଗାଁରେ ରହି ଆସୁଥିଲେ। ଆଜି ସକାଳେ ଖବର ପାଇ ଭଞ୍ଜନଗର ପୁଲିସ ଗାଁରେ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଗାଁରେ ଜଣଙ୍କ ଘରର କବାଟ ଭାଙ୍ଗି ଜଣେ ଯୁବକ ଚୋରି କରୁଥିବା ବେଳେ ଅନ୍ୟ ଜଣେ ଚୋର ବାହାରେ ଅପେକ୍ଷା କରିଥିଲେ। ତେବେ ଗାଁ ଲୋକେ ଜଣେ ଚୋରକୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଖସି ପଳାଇବାରେ ସକ୍ଷମ ହୋଇଥିଲା। ଚୋରକୁ ଧରିବା ପରେ ଦଉଡ଼ି ସାହାଯ୍ୟରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାରପିଟ୍ କରି ଗୁରୁତର କରିଦେଇଥିଲେ। ଖବର ପାଇ ପୁଲିସ ଘଟଣାର ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଚୋରକୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ଚୋରି କାର୍ଯ୍ୟରେ ବ୍ୟବହୃତ କିଛି ଲୁହା ରଡ଼, ଲାଠି ଓ ରସିକୁ ପୁଲିସ୍ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପଟେ ଛାତରୁ ଡେଇଁ ଚୋର ଗୁରୁତର ହୋଇଥିବା କଥା ଗାଁ ଲୋକେ କହିଛନ୍ତି। ତେବେ ମୃତକଙ୍କ ପରିବାର ପକ୍ଷରୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଭଞ୍ଜନଗର ପୁଲିସ୍ ଗାଁରେ ପହଞ୍ଚି ୩୦ରୁ ଅଧିକ ଯୁବକଙ୍କୁ ଉଠାଇ ଆଣି ଅଟକ ରଖିଥିଲା। ଗାଁରେ ପୁଲିସ୍ ଛାଉଣୀ ହୋଇଥିବା ବେଳେ ଗାଁ ସାରା ଏବେ ପୁରୁଷ ଶୂନ୍ୟ ହୋଇଯାଇଛି। ଏହି ଘଟଣାରେ ଭଞ୍ଜନଗର ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏପର୍ଯ୍ୟନ୍ତ ଏହି ମାମଲାରେ ୨୦ ଜଣ ଗିରଫ ହୋଇଥିବା ନେଇ ସୂଚନା ମିଳିଛି।

ଓଡ଼ିଆ ପୁଅ ପ୍ରମୋଦ ଭଗତ୍‌ଙ୍କ ନୂଆ କୀର୍ତ୍ତିମାନ୍

# ପୁଣି ଜିତିଲେ ସ୍ୱର୍ଣ୍ଣ ପଦକ



**ନୂଆଦିଲ୍ଲୀ, ୧୪।୨/ଏଜେନ୍ସି:**

ଓଡ଼ିଶାର ଗର୍ବ ଗୌରବ ତଥା ଦେଶର ଶ୍ରେଷ୍ଠ ପାରା ସଟଲର୍ (ବ୍ୟାଡମିଣ୍ଟନ୍ ଖେଳାଳି) ପ୍ରମୋଦ ଭଗତ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍‌ର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍ ୩ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବାହାରିନର ମାନାମାଠାରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର କମାଣ୍ଡିଂ ଫାଇନାଲ୍ ପ୍ରତିଯୋଗିତାରେ ପ୍ରମୋଦ୍ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମାମ୍‌ଙ୍କୁ ୨୧-୧୨, ୨୧-୧୮ ସ୍କୋରଲାଇନ୍ ସହିତ ପରାସ୍ତ କରିଛନ୍ତି। ତେବେ ଏହି ଚମତ୍କାର ବିଜୟ ସହିତ, ପ୍ରମୋଦ ସିଙ୍ଗଲ୍ସରେ ତାଙ୍କର ୬ଷ୍ଠ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ଏବଂ ତାଙ୍କର କ୍ରମାଗତ ଚତୁର୍ଥ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଏହି ସ୍ୱର୍ଣ୍ଣ ପଦକ ସହ ସେ ଦେଶ ପାଇଁ ଆଉ ଏକ ଐତିହାସିକ ସ୍ୱର୍ଣ୍ଣିମ ଗୌରବ ଆଣିଥିବା

**୬ଥର ବିଶ୍ୱ ଚାମ୍ପିଅନସିପ୍ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ଜିତିବାରେ ସାଜିଲେ ପ୍ରଥମ ପାରା ସଟଲର୍**

ବେଳେ ନିଜ କୀର୍ତ୍ତିମାନରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସେ ଏବେ ବିଶ୍ୱର ପ୍ରଥମ ପାରା ସଟଲର୍ ସାଜିଛନ୍ତି ଯିଏକି ସର୍ବାଧିକ

▶▶ ୫

ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ସାଂସଦଙ୍କୁ ନିମନ୍ତ୍ରଣ ନକରିବା ପ୍ରସଙ୍ଗ

# ଜିଲ୍ଲାପାଳଙ୍କୁ ରାଜ୍ୟସଭାର ସ୍ୱାଧିକାର ଭଙ୍ଗ ନୋଟିସ୍

**କଟକ,୧୪।୨/ଏନ୍‌ଏନ୍‌ଏସ୍:**

କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ରାଜ୍ୟସଭା ପକ୍ଷରୁ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରାଯାଇଛି। ସରକାରୀ କାର୍ଯ୍ୟକ୍ରମକୁ ସାଂସଦଙ୍କୁ ଆମନ୍ତ୍ରଣ କରାନଯିବା ଘଟଣାକୁ ନେଇ ରାଜ୍ୟସଭା ସଚିବାଳୟ ପକ୍ଷରୁ ଏହି ନୋଟିସ ଜାରି କରାଯାଇଛି। ଦେବାଶିଷ ସାମନ୍ତରାୟଙ୍କ ସହ ଅନ୍ୟ ବିଜେଡି ସାଂସଦଙ୍କ ପକ୍ଷରୁ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଦିଆଯାଇଥିବା



ଲିଖିତ ଅଭିଯୋଗକୁ ଗ୍ରହଣ କରି ନୋଟିସ ଜାରି କରାଯାଇଛି। ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ମୁଜିବୁଲ୍ଲା ଖାଁ, ସୁଲତା ଦେଓ, ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି, ମାନସ ରଞ୍ଜନ ମଙ୍ଗରାଜଙ୍କ ପକ୍ଷରୁ ଫେବୃଆରୀ ୫ ତାରିଖରେ ଏହି ନୋଟିସ ରାଜ୍ୟସଭା ଅଧକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଣୁ ରାଜ୍ୟସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶକ ସକେତ କୁମାର ଏହି ନୋଟିସ୍ କେନ୍ଦ୍ର ପର୍ସନେଲ୍, ପବ୍ଲିକ୍ ଗ୍ରିଭାନ୍‌ସେସ୍


▶▶ ୫

**ମୋରାନ୍ ରାଜପଥରେ ଓହ୍ଲାଇଲା ସି-୧୩୦**

# ଇତିହାସ ରଚିଲେ ମୋଦୀ

**ଗୁଆହାଟୀ, ୧୪।୨/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନିକିଆ ଆସାମ ଗସ୍ତରେ ଯାଇ ସେଠାରେ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରଥମେ ଚାବୁଆ ଏୟାରଫିଲ୍ଡରେ ପହଞ୍ଚିଥିଲେ। ପରେ ସେ ବାୟୁସେନାର ସି-୧୩୦ ବିମାନ ଯୋଗେ ଦିବ୍ରୁଗଡ଼ ଅଭିମୁଖେ ବାହାରିଥିଲେ। ବାୟୁସେନାର ଏହି ବିମାନଟି ମୋରାନ ବାଇପାସ୍ ହାଇୱେରେ ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ୍)ରେ ଅବତରଣ କରିଥିଲା। ତେବେ କୌଣସି ରାଜମାର୍ଗରେ ବିମାନ ଅବତରଣ କରିବାରେ ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଏକ ଇତିହାସ ସୃଷ୍ଟି କରିଛନ୍ତି। ମୋଦୀ ଏହି ସ୍ୱତନ୍ତ୍ର ଭାବେ ନିର୍ମିତ ଇଏଲଏଫ୍‌କୁ ବୁଲି ଦେଖିଥିଲେ। ଏହି ଏୟାରଷ୍ଟ୍ରିପ୍ ସାମରିକ ରଣନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳ ଚୀନ ସୀମାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଅବସ୍ଥିତ। ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ରାଫେଲ ଏବଂ ସୁଖୋଇ ସମେତ ୧୬ ଟି ଲଢୁଆ





**ଉଡ଼ାଣ ଭରିଲା ରାଫେଲ୍ ଏବଂ ସୁଖୋଇ ସମେତ ୧୬ ଲଢୁଆ ବିମାନ**

**ଶୁଭାରମ୍ଭ ହେଲା ୫,୪୫୦ କୋଟିର ବିଭିନ୍ନ ପ୍ରକଳ୍ପ, ଯୋଜନା**

ବିମାନ ମୋରାନ ରାଜପଥରେ ଏକ ଆକାଶପଥ ପ୍ରଦର୍ଶନ କରିଥିଲେ। ଏହି ସମୟରେ, ବିମାନ ରାଜପଥରୁ ହିଁ ଅବତରଣ ଏବଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ଡେମୋ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପରେ ପରେ ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ କୁମାର ଭାସ୍କର ବର୍ମନ ସେତୁ ଏବଂ ଆଇଆଇଏମ୍ ଗୁଆହାଟୀର ଏକ ଅସ୍ଥାୟୀ କ୍ୟାମ୍ପସକୁ ମଧ୍ୟ ଉଦଘାଟନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆସାମର କାମରୂପ ଜିଲ୍ଲାର ଅମିନଗାଓଁରେ ଉତ୍ତର-ପୂର୍ବାଞ୍ଚଳ ପାଇଁ ଜାତୀୟ ଡାଟା ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ଡାଟା ସେଣ୍ଟର ବିଭିନ୍ନ ସରକାରୀ ବିଭାଗର ମିଶନ-କ୍ରିଟିକାଲ୍ ପ୍ରୟୋଗଗୁଡ଼ିକୁ କାର୍ଯ୍ୟକାରୀ କରିବ ଏବଂ ଅନ୍ୟ ଜାତୀୟ ଡାଟା ସେଣ୍ଟର ପାଇଁ ଏକ ବିପର୍ଯ୍ୟୟ ପୁନରୁଦ୍ଧାର କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଗୁଆହାଟୀ (୧୦୦), ନାଗପୁର (୫୦), ଭାବନଗର (୫୦) ଏବଂ ଚଣ୍ଡିଗଡ଼ (୨୫) ରେ ପିଏମ୍ ଇ-ବସ୍ ସେବା ଯୋଜନା ଅଧୀନରେ ୨୨୫ ଟି

▶▶ ୫

# ତୁଟିଲା ରାଜନଗର 'ଜାତି' ବିବାଦ

**ସୋମବାରଠୁ ଅଙ୍ଗନବାଡ଼ି ଆସିବେ ପିଲା**



**ରାଜନଗର,୧୪।୨/ଏନ୍‌ଏନ୍‌ଏସ୍:**

ଯେଉଁ ଜାତିପ୍ରଥାର ଖରାପ ପରମ୍ପରା ପାଇଁ ରାଜନଗରରୁ ଦେଶର ରାଜଧାନୀ ଯାଏଁ ଉଦବେଗ ପ୍ରକାଶ ପାଇଲା, ସଂସଦରେ ବି କଥା ଉଠିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତୁଟିଛି ଜାତି ବିବାଦ। ବାହାରିଲା ସମାଧାନର ପନ୍ଥା। ଜିଲ୍ଲା ପ୍ରଶାସନଠୁ ମହିଳା କମିଶନ ପର୍ଯ୍ୟନ୍ତ, ଗାଁରେ ପହଞ୍ଚି ବୁଝାସୁଝା ସହିତ ପାଲା ମାଧ୍ୟମରେ ଜାତିଗତ ଭେଦଭାବ ବିରୋଧରେ ଲୋକଙ୍କୁ ସଚେତନ କରାଯାଇଛି। ଯେଉଁ ଅଙ୍ଗନବାଡ଼ି ସହାୟିକାଙ୍କୁ ନେଇ ଭେଦଭାବର ମଞ୍ଜି ପୋତାହୋଇଥିଲା, ଶେଷରେ ତାଙ୍କ ହାତରନ୍ଧା ଖାଦ୍ୟକୁ ଏକାଠି ବସି ଖାଇଥିଲେ ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀ। ଆଉ ଆସନ୍ତା ସୋମବାର ଠାରୁ ନିୟମିତ ଭାବେ ପିଲାମାନଙ୍କୁ ଅଙ୍ଗନବାଡ଼ି ଛାଡ଼ିବା ସହ ଖାଦ୍ୟ ଖାଇବା ଓ ଶୃଙ୍ଖଳା

▶▶ ୫

# ସ୍କୁଟି ସହ ଗଞ୍ଜେଇ ଜବତ, ଦୁଇ ଗିରଫ

**ବାଲିଗୁଡା, ୧୪।୨/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକ ପୋଲିସ କେଳାପଡା ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟିକୁ ତନଖିବା ସମୟରେ ଡ଼ିକିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ସ୍କୁଟି ଓ ଗଞ୍ଜେଇ ଜବତ ସହ ଦୁଇ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ପୋଲିସ ପକ୍ଷରୁ ଜଣାପଡିଛି । ସ୍କୁଟି ନଂ. ଓଡି- ୩୪- ସି - ୬୭୯୦ ସହ ଗଞ୍ଜେଇ ଚାଲାଣ କାରୀ ରାକେଶ ନାୟକ ଓ ନିର୍ମଳ କର୍ମା ଙ୍କୁ ପୋଲିସ ଗିରଫ କରି କେଶ ନଂ. ୧୭/୨୬ ପ୍ରକାରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି ।



## ତାମିଲନାଡୁରେ ଶୋଷଣର ଶିକାର ପ୍ରବାସୀ ଓଡ଼ିଆ ଶ୍ରମିକ ଉଦ୍ଧାର ଘଟଣା

# ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ସଂସ୍କାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

**ବ୍ରହ୍ମପୁର, ୧୪।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଲକ୍ଷ୍ମୀନାରାୟଣପୁର ଗ୍ରାମର ତିନିଜଣ ପ୍ରବାସୀ ଶ୍ରମିକ ତାମିଲନାଡୁରେ ଚୋରା ଚାଲାଣ ଏବଂ

**ପୁଲିସର ତ୍ୱରିତ ପଦକ୍ଷେପକୁ ସାଂସଦଙ୍କ ପ୍ରଶଂସା**

ଶୋଷଣର ଶିକାର ହେବା ଘଟଣାରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ତେବେ ଫସି ରହିଥିବା ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର ଦିଗରେ ବ୍ରହ୍ମପୁର ପୁଲିସର ତ୍ୱରିତ ପଦକ୍ଷେପକୁ ସାଂସଦ ଶ୍ରୀ ପାଣିଗ୍ରାହୀ ଉଚ୍ଚ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଆନୁଷ୍ଠାନିକ ପତ୍ରରେ ଡ. ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି ଯେ, ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ ଏବଂ ଦିଗପହଣ୍ଡି ପୁଲିସ ଟିମ୍‌ର ସମୟୋଚିତ ପଦକ୍ଷେପ ଯୋଗୁଁ ତାମିଲନାଡୁରେ ଫସିଥିବା ଓଡିଆ ଯୁବକମାନେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି । ଯାହା ଆମ ରାଜ୍ୟର ପୁଲିସ ପ୍ରଶାସନର ଦକ୍ଷତାକୁ ପ୍ରମାଣିତ କରୁଛି । କେବଳ ତୁରନ୍ତ ଉଦ୍ଧାର ନୁହେଁ, ବରଂ 'ଦାଦନ ସମସ୍ୟା'ର ସ୍ଥାୟୀ



ସମାଧାନ ଏବଂ ସଂସ୍କାର ପାଇଁ ଡ. ଶ୍ରୀ ପାଣିଗ୍ରାହୀ ରାଜ୍ୟ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ପ୍ରତିଟି ଓଡ଼ିଆ ଶ୍ରମିକଙ୍କ ଅଧିକାର ଓ ସମ୍ମାନ ରକ୍ଷା ପାଇଁ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବା, ସୁରକ୍ଷିତ ପ୍ରବାସ ପ୍ରୋଟୋକଲ୍' ପ୍ରଣୟନ କରିବା ହିଁ ଦାଦନ ସମସ୍ୟାର ଦୀର୍ଘକାଳୀନ ସମାଧାନ ବୋଲି ସାଂସଦ ଡ. ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି । ଏଥିସହିତ ଡିଜିଟାଲ୍ ଟ୍ରାକିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଶ୍ରମିକମାନଙ୍କ ପଞ୍ଜିକରଣ ପାଇଁ ବାଧ୍ୟତାମୂଳକ ରିଅଲ-ଟାଇମ୍ ପୋର୍ଟାଲ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ପ୍ରବାସୀ ଶ୍ରମିକଙ୍କ ପାଇଁ ସୁରକ୍ଷା ବୀମା କାର୍ଯ୍ୟକାରୀ କରିବା ଲାଗି ମଧ୍ୟ ସେ ଅନୁରୋଧ କରିଛନ୍ତି । ଏହାଦ୍ୱାରା ଓଡ଼ିଶା ବାହାରେ କାର୍ଯ୍ୟ କରୁଥିବା ଜିଲ୍ଲାର ଶ୍ରମିକ ଉପକୃତ ହୋଇପାରିବେ । ଏଥିସହ ଶ୍ରମିକ ଓ କଣ୍ଟ୍ରାକ୍ଟରମାନଙ୍କ ଯାଞ୍ଚ ଏବଂ ତଦାରଖ ପାଇଁ ସରପଞ୍ଚମାନଙ୍କୁ ଆଇନଗତ କ୍ଷମତା ପ୍ରଦାନ କରିବା, ମାନବ ଚୋରା ଚାଲାଣ ବିରୋଧୀ ସେଲ୍ ଗଠନ କରିବା, ବେଆଇନ ନିଯୁକ୍ତିଦାତାଙ୍କୁ ଚିହ୍ନଟ କରିବା ପାଇଁ ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲଗୁଡିକରେ ସର୍ଭେଲାନ୍ସ ବା ନଜର ରଖିବା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବାକୁ ସାଂସଦ ଶ୍ରୀ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିଥିବା ଚିଠିରେ ଦର୍ଶାଇଥିବା ଜଣାପଡିଛି ।

# କଡ଼ା ସୁରକ୍ଷା ମଧ୍ୟରେ ଯୁକ୍ତ ୨ ପ୍ରଶ୍ନପତ୍ର

**ବୁଗୁଡ଼ା, ୧୪।୨/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜ ହବ୍ ସେଣ୍ଟରରେ ଯୁକ୍ତ୨ ବିଜ୍ଞାନ ଓ କଳା ସହିତ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର



ଶନିବାର ଅପରାହ୍ନରେ ଆସି ପହଞ୍ଚିଛି । ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପୁଲିସର ୨୪ ଘଣ୍ଟିଆ ପ୍ରହରା ସହ କଡା ସୁରକ୍ଷା ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି । ଚଳିତ ମାସ ୧୮ ତାରିଖରୁ ଯୁକ୍ତ୨ ବିଜ୍ଞାନ ଓ ୧୯ ତାରିଖରୁ ଯୁକ୍ତ ୨ କଳାର ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ବୁଗୁଡ଼ାର ପିପୁଲ୍ସ କଲେଜ ଓ ବଳଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାଙ୍ଗକୁ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କରଚୁଲି ଶକୁନ୍ତଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ଏବଂ ପିପୁଲ୍ସ କଲେଜର ଧନ୍ଦାମୂଳକ ଶିକ୍ଷାର୍ଥୀ ନିଜ ନିଜର ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ପାଇଁ ଏହି ହବ୍ ସେଣ୍ଟରରେ ପରୀକ୍ଷା ପ୍ରଶ୍ନପତ୍ର ଗଚ୍ଛିତ ରହିଛି । ଅନ୍ୟପକ୍ଷରେ ବାଲିପଦରସ୍ଥ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପିପୁଲ୍ସ କଲେଜ କେନ୍ଦ୍ରରେ ପରୀକ୍ଷା ଦେବା ନେଇ ଜଣାଯାଇଛି । ଉକ୍ତ ହବ୍ ସେଣ୍ଟରର ସୁପରଭାଇଜର ଓ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଯଥାକ୍ରମେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଅଧ୍ୟାପକ ଡ. ଜୟରାମ ବିଷୋୟୀ ରହିଥିବା ବେଳେ ସହଯୋଗୀ ଭାବେ କନିଷ୍ଠ କିରାଣୀ ହର ପ୍ରସାଦ ମହାପାତ୍ର ଓ ପିଅନ ଯୁଗଳ କିଶୋର ଜେନା ନିୟୋଜିତ ଥିବା ଜଣାଯାଇଛି ।

# ବଡି ବିଲ୍ଡିଂ ପ୍ରତିଯୋଗିତାରେ ଦିଲ୍ଲୀପଙ୍କୁ ଗୋଲ୍ଡ ମେଡାଲ



**ବାଲିଗୁଡା, ୧୪।୨/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡାର ଗର୍ବ ଓ ଗୌରବ ଦିଲ୍ଲୀପ ପାତ୍ର । ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ ହାସଲ କରି ବାଲିଗୁଡା ପାଇଁ ଗୌରବ ଅଣିଛନ୍ତି ଦିଲ୍ଲୀପ । ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପରେ ଆୟୋଜିତ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦେଶର ୧୫୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସମସ୍ତ ବିଭାଗରେ ଗୋଲ୍ଡ ମେଡାଲ ହାସଲ କରିଛନ୍ତି ଦିଲ୍ଲୀପ । ୬୦ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଭରାଲରେ ଚମ୍ପିଆନ ହୋଇଛନ୍ତି । ସ୍ୱର୍ଣ୍ଣ ପଦକ ସହ ୬ ହଜାର ଟଙ୍କା ଏବଂ ଓଭରାଲ ଚମ୍ପିଆନରେ ୩୧ ହଜାର ଟଙ୍କା ସମୁଦାୟ ୩୬ ହଜାର ଟଙ୍କାର ଚେକ, ଟ୍ରଫି ସହ ଏକଖଣ୍ଡା ପୁରସ୍କାର ପାଇଛନ୍ତି । ବାଲିଗୁଡା ଥାନା ଅନ୍ତର୍ଗତ ନିପଟ ମଫସଲ ଗାଁ ବୁଡ଼ାଗୁଡା ରେ ଜନ୍ମ ହୋଇ ବର୍ତ୍ତମାନ ବାଲିଗୁଡା ଥାନା ରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି । ନିଜର ଚେଷ୍ଟା ଓ ପରିଶ୍ରମ ବଳରେ ସଫଳତା ର ସିଡି ଚଢ଼ି ଚାଲିଛନ୍ତି । ଏହି ସଫଳତା ପଛରେ ଜିମ୍ ଶିକ୍ଷକ, ଥାନା ଅଧିକାରୀ ଏବଂ ସାଙ୍ଗସାଥୀ ଙ୍କ ହାତ ଥିବା ସେ କହିଛନ୍ତି । ଆଗକୁ ସେ ଏସିଆ ଗେମ୍ ଖେଳିବା ପାଇଁ ଚେଷ୍ଟା ଜାରୀ ରଖିଛନ୍ତି । ଏହି ସଫଳତା ପାଇବା ପରେ ଦିଲ୍ଲୀପଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଟିମ୍ କ୍ଲିନ୍ ସିଟି ପକ୍ଷରୁ ପୁଲ୍‌ୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମପୁର, ୧୪।୨/ଏନ୍ଏନ୍ଏସ୍:** ପୁଲ୍‌ୱାମା ଆକ୍ରମଣରେ ସହୀଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବ୍ରହ୍ମପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ୍ କ୍ଲିନ ସିଟି । ୨୦୧୯ ମସିହା ଆଜିର ଦିନରେ ଆତଙ୍କବାଦୀଙ୍କ ଆକ୍ରମଣରେ ଦେଶର ୪୦ଜଣ ସିଆରପିଏଫ ଯବାନ ସହୀଦ ହୋଇଥିଲେ । ଏହି ଘଟଣାକୁ ଇତି ମଧ୍ୟରେ ବିତିଛି ୭ ବର୍ଷ । ଶହୀଦ ବୀର ଯବାନଙ୍କ ସ୍ମୃତିରେ ସ୍ଥାନୀୟ ଏମକେସିଜି ମେଡିକାଲର ମୁଖ୍ୟ ଫାଟକ ନିକଟରେ ଟିମ୍ କ୍ଲିନ୍ ସିଟିର ସମସ୍ତ ସଦସ୍ୟଙ୍କ ସମେତ ବିଭିନ୍ନ ସଙ୍ଗଠନ, ସାମ୍ବାଦିକ ଓ ସହରବାସୀ ଏକତ୍ରିତ ହୋଇଥିଲେ । ପରେ କ୍ୟାଣ୍ଡେଲ ଜାଳି ଦୁଇ ମିନିଟ ନୀରବ ପ୍ରାର୍ଥନା କରି ଶହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ । ଉପସ୍ଥିତି ସମସ୍ତ ସଦସ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମେଡିକାଲ ଭିତରେ କିଛିବାଟ ପରିକ୍ରମା କରିଥିଲେ । ଶହିଦ ଯବାନ ଅମର ରହେ ଓ ଆତଙ୍କବାଦୀ ହାମଲାରେ ପାକିସ୍ତାନର ହାତ ଥିବା ଦର୍ଶାଇ




ପାକିସ୍ତାନ ହାଏ ହାଏ ନାରାରେ ସମସ୍ତେ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ତଥା ଟିମ୍ କ୍ଲିନ ସିଟି ସଦସ୍ୟ ଅଶୋକ କୁମାର ଶୁକ୍ଳ, ଶକ୍ତିଧର ରାଜଗୁରୁ, ରାଜେଶ କୁମାର ସାହୁ, ସୂର୍ଯ୍ୟନାରାୟଣ ଚୌଧୁରୀ, ପ୍ରମୋଦ କୁମାର ଦଳେଇ, ସୁବାଷ ମାଝି, ଅଭୟ ରଥ, ମନୋଜ ପାଣିଗ୍ରାହୀ, ପ୍ରଦୀପ କୁମାର ସାହୁ, ସନ୍ତୋଷିନୀ ବେହେରା, ସନ୍ତୋଷ ସାହୁ, ସୀମାଞ୍ଚଳ ଶତପଥୀ, ସୁରେଶ ଚନ୍ଦ୍ର ପାଢୀ, ପ୍ରଶାନ୍ତ କୁମାର ରଥ, ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ସୁଦୀପ କୁମାର ସାହୁ, ଗୋପାଳ ରେଡ୍ଡୀ, ମୃତ୍ୟୁଞ୍ଜୟ ସାହୁ, କପିଲ ପାଢୀ, ଚନ୍ଦନ ସାହୁ, ଅମର ଦାଶ ଓ ଶୁବ୍ରମନ୍ୟମ ସ୍ୱାମୀ ପ୍ରମୁଖ ଉପସ୍ଥିତ ରହି କେଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ବିରୋଧରେ ଅଭିଯୋଗ

# ଜିଲ୍ଲା ଚିକିତ୍ସାଧିକାରୀଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧବୃଦ୍ଧା

**ବ୍ରହ୍ମପୁର, ୧୪।୨/ଏନ୍ଏନ୍ଏସ୍:** ଡାକ୍ତର ଦେଖାଉଛନ୍ତି ରୋଗୀଙ୍କୁ ଖରାପ ବ୍ୟବହାର । ଚିକିତ୍ସା ବଦଳରେ ଦେଉଛନ୍ତି ଧମକ । ଏଭଳି ସଙ୍ଗିନ ଅଭିଯୋଗ ଆସିଛି କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଡାକ୍ତରଙ୍କ ବିରୁଦ୍ଧରେ । କୁକୁଡ଼ାଖଣ୍ଡି ଅଞ୍ଚଳର କିଛି ବୃଦ୍ଧବୃଦ୍ଧା ଏଭଳି ଅଭିଯୋଗ ନେଇ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି । କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଡାକ୍ତର ଅଶୋକ କୁମାର ସାବତ ନିଜ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ବୃଦ୍ଧବୃଦ୍ଧାମାନେ ଅଭିଯୋଗ ଆଣିଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ଚିକିତ୍ସା କରିବା



ବଦଳରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ପଠାଇ ଦାୟିତ୍ୱ ସାରୁଛନ୍ତି । ରାତ୍ରି ଡ୍ୟୁଟି ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ବଦଳରେ ସରକାରୀ ବାସଭବନରେ ରହୁଛନ୍ତି । ରୋଗୀ ଆସିଲେ ଦୁର୍ବ୍ୟବହାର କରିବା ସହିତ ଔଷଧ ଦେଉନଥିବା ନେଇ ବୃଦ୍ଧବୃଦ୍ଧାମାନେ ଅଭିଯୋଗ କରିଛନ୍ତି । ଉତ୍ତମ ଚିକିତ୍ସା ସେବା ସହ ସମ୍ପୃକ୍ତ ଡାକ୍ତରଙ୍କ ମନୋମାନି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଶ୍ରୀ ପୁଡୁଗେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ

# କଳସ ଶୋଭାଯାତ୍ରାରେ ସାମିଲ୍ ହେଲେ ଶତାଧିକ ଶ୍ରଦ୍ଧାଳୁ

**ଆସିକା, ୧୪।୨/ଏନ୍ଏନ୍ଏସ୍:** ପବିତ୍ର ମହାଶିବରାତ୍ରୀ ଉପଲକ୍ଷେ ଆସିକା ସହର ନିକଟସ୍ଥ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ଶନିବାର ଠାରୁ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ପବିତ୍ର ଋଷିକୁଲ୍ୟା ଓ ବଡନଦୀର ସଙ୍ଗମ ସ୍ଥଳରେ ପୂଜାର୍ଚ୍ଚନା ସାରି ବିଶାଳ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ମନ୍ଦିର ପରିସରରେ ସ୍ଥାପିତ ଅସ୍ଥାୟୀ ରୁଦ୍ରଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟସ୍ଥ ଭାଟକୁମରଡା ଗ୍ରାମର ବିଦ୍ୱାନ ପଣ୍ଡିତ ରୂପେ ପରିଚିତ ଥିବା ରାଜେଶ୍ ଶତପଥୀଙ୍କ ନେତୃତ୍ୱରେ ସହଯୋଗୀ ପଣ୍ଡିତ ସୁରେଶ ଶତପଥୀ, ସନ୍ତୋଷ କୁମାର ବ୍ରହ୍ମା, ତପନ କୁମାର ଦାଶ, ଦେବୀ ପ୍ରସାଦ ଶତପଥୀ, ଦୁର୍ଗାଚରଣ ପତି, ନଳିନୀକାନ୍ତ ଦାଶ, କାଳୁଚରଣ ଶତପଥୀ, ଅମୂଲ୍ୟ ନନ୍ଦ, ନବକିଶୋର ପତିଙ୍କ ସମେତ ବହୁ ଜ୍ଞାନୀଗୁଣୀ



ଉପସ୍ଥିତ ରହି ଶ୍ରୀ ଯଜ୍ଞନାରାୟଣ ଓ ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା, ଦୀକ୍ଷାଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ବ୍ରାହ୍ମଣବରଣ, ଗୋପୂଜା, ଶାଳାପୂଜା, ରୁଦ୍ରାଭିଷେକ, ଶୈବାଗ୍ନି ସ୍ଥାପନ ସମେତ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । ଦୀର୍ଘ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ବିଶ୍ୱଶାନ୍ତି ରୁଦ୍ରଯଜ୍ଞରେ କର୍ତ୍ତା ରୂପେ ବରିଷ୍ଠ ଅଧ୍ୟାତ୍ମିକପ୍ରେମୀ ସୋମନାଥ ନାହାକ ଓ ତାଙ୍କ ପତ୍ନୀ ସୁପ୍ରଭା ନାହାକ ଦାୟିତ୍ୱ ନିର୍ବାହ କରୁଛନ୍ତି । ବିଶ୍ୱଶାନ୍ତି ରୁଦ୍ରଯଜ୍ଞକୁ ପରିଚାଳନାରେ ନିଗମାନନ୍ଦ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ସୂର୍ଯ୍ୟନାରାୟଣ ନାହାକ, ଶ୍ରଦ୍ଧାଳୁ ଭକ୍ତ ଦେବେନ୍ଦ୍ର ମହାନ୍ତି, ଗଣେଶ ମହାନ୍ତି, ଶିବଶଙ୍କର ମହାନ୍ତି, ଅନିଲ୍ କୁମାର ପାଣିଗ୍ରାହୀ, ଫଂଚାନନ ମହାନ୍ତି, କାମେଶ୍ୱର ରାଉତ, ସୋମନାଥ ନାହାକ, ରମେଶ ଚନ୍ଦ୍ର ରାଉତ, ଅରସୁଲୁ ସ୍ୱାଇଁ, ଶମ୍ଭୁନାଥ ନାହାକ, ସନ୍ୟାସୀ ନାହାକ, ବିଜୟ କୁମାର ନାହାକ, ହୀନ ବାରିକ, ବିକ୍ରମ ପ୍ରଧାନ, ସଂଗ୍ରାମ ମହାନ୍ତି, କାଳୁଚରଣ ପାଣିଗ୍ରାହୀ, ଜୀବନ ମହାନ୍ତି, ଅଭୟ ଜେନା, ଆକାଶ ନାହାକ, ସାଗର ପାତ୍ର, ପ୍ରଦୀପ କେଶରୀ ରାଉତ, ସହଦେବ ନାହାକ, ମଙ୍ଗୁଲୁ ନାହାକ, ସୁରେନ୍ଦ୍ର ପାତ୍ର, ଅଶୋକ ନାହାକ, ବୃନ୍ଦାବନ ଖଣ୍ଡୁଆଳ, ଅଶୋକ ମହାନ୍ତି, ଗୋପୀନାଥ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ହାଡୁବନ୍ଧୁ ମହାନ୍ତି, ଭାସ୍କର କାମ୍ପ, ସୁକାନ୍ତ ସାହୁ, ପାଣ୍ଡା ମହାନ୍ତିଙ୍କ ସମେତ ପୁଡୁଗେଶ୍ୱରପଲ୍ଲୀ ଗ୍ରାମବାସୀ ସହଯୋଗ କରୁଛନ୍ତି ।

# କାମରେ ଆସୁନି ଶୌଚାଳୟ, ପ୍ରତିକାର ଦାବି




**ବୁଗୁଡ଼ା, ୧୪।୨/ଏନ୍ଏନ୍ଏସ୍:** ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସଠାରୁ ଲୋକଙ୍କ କାମରେ ଆସୁନଥିବା ଜଣାଯାଇଛି । ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହେତୁ ଶୌଚାଳୟ ଲୋକଙ୍କ କାମରେ ଆସୁନି । ଶୌଚ ପାଇଁ ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରିବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି । ପାଣି ପମ୍ପଟିକୁ ସଜାଡି ଶୌଚାଳୟରେ ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମ ଏନ୍ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି । ଲୋକେ ବାଧ୍ୟ ହୋଇ ଏଣେତେଣେ ପାଚେରୀକଡେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି । ଏଣୁ ଏନ୍ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।





କେନ୍ଦୁଝରେ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଟେକ୍ସଟାଇଲ୍ ପାର୍କ ଏବଂ ବିପର୍ଯ୍ୟୟ ପୁନରୁଦ୍ଧାର ଓ ଡାଟା ସେଣ୍ଟରର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି ପ୍ରସଙ୍ଗରେ ଆରୋପ ପ୍ରତ୍ୟାରୋପ

## 'ସରକାରଙ୍କ ନୀରବତା ଦୋମୁହାଁ ନୀତିର ପରିଚୟ'



**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ନେଇ ଶନିବାର ବିଜୁ ଜନତା ଦଳ ପ୍ରଶ୍ନ ଉଠାଇବା ସହିତ ରାଜ୍ୟ ସରକାରଙ୍କୁ ଘେରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଆସିଛି। ନବୀନ ବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ଦ୍ୱାରା ନିୟମିତ ଭାବରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦୃଢ଼ ଦାବି କରାଯାଇ ଆସୁଛି। ୨୦୧୨ ମସିହାରେ ଦିଲ୍ଲୀର ଲାଲକିଲ୍ଲା ପଡିଆରେ, ଏକ ବିଶାଳ ଜନସଭା ଆୟୋଜନ କରି ଏହି ଦାବିକୁ ଭାରତ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଭାବେ ଜଣା ଥିବା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଲେ, ଓଡ଼ିଶାରେ ଭିତ୍ତିଭୂମିର ବିକାଶ, ଜନଜାତି ସମ୍ପ୍ରଦାୟର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ସହାୟକ ହେବ ବୋଲି ଯୁକ୍ତି କରାଯାଇ ଆସୁଛି। ପରେ ୨୦୧୪ ମସିହାର ବିଧାନସଭା ନିର୍ବାଚନରେ, ବିଜେପି ଏହାର ନିର୍ବାଚନ ଇସ୍ତାହାରରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି କରିବ ଓ ଏହି ଦାବି ହାସଲ ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ,ବିଡ଼ମ୍ବନାର ବିଷୟ, ରାଜ୍ୟରେ କ୍ଷମତାକୁ ଆସିବାର ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ, ବିଜେପି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ସମ୍ପୂର୍ଣ୍ଣ ନିରବ ରହିଛି। ନିକଟରେ ରାଜ୍ୟସଭାରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କୌଣସି ପ୍ରସ୍ତାବ ରହିଛି କି, ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ତାଙ୍କର ଉତ୍ତରରେ, ଏଭଳି କୌଣସି ପ୍ରସ୍ତାବ ନାହିଁ ବୋଲି ଜଣାଇଥିଲେ। ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ, ଏହି ସମ୍ବନ୍ଧରେ ରାଜ୍ୟ ବିଜେପି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର। ରାଜ୍ୟ ସରକାରଙ୍କୁ ଆମେ ଆହ୍ୱାନ କରିବାକୁ ଚାହୁଁଛୁ ଯେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖିବେ ବୋଲି ନିଷ୍ପତ୍ତି ନିଅନ୍ତୁ । ଯଦି ରାଜ୍ୟ ସରକାର ଏହା ନକରନ୍ତି, ତାହେଲେ ଆମେ ବୁଝିବୁ ଯେ, ଡବଲ ଇଞ୍ଜିନ ସରକାର ରାଜ୍ୟର ସାଢ଼େ ଚାରି କୋଟି ଓଡ଼ିଆଙ୍କ ସହିତ ପ୍ରତାରଣା କରୁଛନ୍ତି । ୨୦୧୪ ମସିହାରେ ଦେଇଥିବା ପ୍ରତିଶ୍ରୁତି, ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରକୃତରେ ପାଣିର ଗାର ପାଲଟିଛି । ନବୀନ ସରକାରଙ୍କ ବିକଶିତ ଓଡିଶା ଗଠନର ସ୍ୱପ୍ନକୁ ଡବଲ ଇଞ୍ଜିନ ସରକାର ଆଜି ବିପର୍ଯ୍ୟସ୍ତ ଓଡିଶାରେ ପରିଣତ କରିବାକୁ ଯାଉଛି। ଏହା ବିଜେପିର ଦୋମୁହାଁ ନୀତିକୁ ପଦାରେ ପକାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ମିଡ଼ିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

## 'ଓଡ଼ିଶାର ପ୍ରଗତିକୁ ସହି ନ ପାରି ନିନ୍ଦୁକ ସାଜିଛି ବିଜେଡି'



**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ସଂକଳ୍ପପତ୍ର ହେଉଛି ଆମ ପାଇଁ ଗୀତା ସଦୃଶ। ଗତ ୨୦୨୪ ମସିହା ସାଧାରଣ ନିର୍ବାଚନ ସମୟରେ ଆମେ ଜାରି କରିଥିବା ସଂକଳ୍ପପତ୍ରର ସମସ୍ତ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ। ମାତ୍ର ୧୯ ମାସ ଭିତରେ ଆମେ ଦେଇଥିବା ଅର୍ଦ୍ଧାଧିକ ପ୍ରତିଶ୍ରୁତି ପାଳନ କରିସାରିଛୁ ଏବଂ ବାକି ଥିବା ପ୍ରତିଶ୍ରୁତିଗୁଡ଼ିକୁ ମଧ ଯଥା ସମୟ ଭିତରେ ପୂରଣ କରିବୁ। ଓଡ଼ିଶାବାସୀ ସେହି ସଂକଳ୍ପପତ୍ରକୁ ଗ୍ରହଣ କରିବା ପରେ ଦଳ ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ସେବା କରିବାର ସୁଯୋଗ ମିଳିଛି। ଓଡ଼ିଶାକୁ ୨୦୩୬ ସୁଦ୍ଧା ସମୃଦ୍ଧ ରାଜ୍ୟ ଗଢି ତୋଳିବା ପାଇଁ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆରମ୍ଭ ହୋଇସାରିଛି। ଅନ୍ୟ ପଟେ ଓଡ଼ିଶାର ପ୍ରଗତିକୁ ସହି ନପାରି ବିଜେଡି ଏବେ ନିନ୍ଦୁକ ସାଜିଛି। ବିଜେଡି ଦୀର୍ଘ ୨୪ ବର୍ଷ ଧରି କ୍ଷମତାସୀନ ଥିଲେ ମଧ ଓଡ଼ିଶାର ବିକାଶ ପ୍ରତି ଆନ୍ତରିକତା ନଥିଲା ଏବଂ ସେମାନେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପରିବର୍ତ୍ତେ ବର୍ଷ ବର୍ଷ ଧରି ରାଜ୍ୟବାସୀଙ୍କୁ ପ୍ରତାରଣା କରିଆସୁଥିଲେ, ଯାହା ବର୍ତ୍ତମାନ ସେମାନେ ଭୁଲି ଯାଇଛନ୍ତି ସତ କିନ୍ତୁ ଓଡ଼ିଶାବାସୀ ଭୁଲିନାହାନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ବିଜେଡିର ଅଭିଯୋଗକୁ ନେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ହେଉଛି ବିଜେଡିର ଚରିତ୍ର। ବକ୍ତବ୍ୟ ଦେବା ପୂର୍ବରୁ ବିଜେଡି ନେତାମାନେ ତାଙ୍କ ଅତୀତକୁ ଭୁଲିଯାଉଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗରେ ଗତ ୨୦୧୮ ମସିହା ଏପ୍ରିଲ ୧୨ ତାରିଖରେ ଓଡ଼ିଶା ବିଧାନସଭାରେ ତତ୍କାଳୀନ କଂଗ୍ରେସ ବିଧାୟକ କୈଳାସ ଚନ୍ଦ୍ର କୁଲେସିକାଙ୍କ ପ୍ରଶ୍ନର ଉତ୍ତରକୁ ବିଜେଡି ସାଂସଦ କେମିତି ଭୁଲିଯାଉଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇବାକୁ ଯେଉଁ ମାନଦଣ୍ଡ ଆବଶ୍ୟକ ଓଡ଼ିଶା ତାହାକୁ ପୂରା କରୁନାହିଁ ବୋଲି ସେତେବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ତତ୍କାଳୀନ ଯୋଜନା ଏବଂ ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉତ୍ତର ରଖିଥିଲେ । ଏହାକୁ ଯଦି ବିଜେଡି ସାଂସଦ ଜାଣିପାରୁନାହାନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁର୍ଭାଗ୍ୟଜନକ। ସେହିପରି ଓଡ଼ିଶାକୁ କେନ୍ଦ୍ରୀୟ ବଜେଟରେ ଅବହେଳା କଥା କହି ଚିରାଚରିତ ଭାବେ ପୁଣି ଥରେ ବିଭ୍ରାନ୍ତ କରିବାକୁ ପ୍ରୟାସ କରିଯାଇଛି। ବଜେଟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କିଛି କହିବା ପୂର୍ବରୁ ଅଧ୍ୟୟନ କରିବା ଉଚିତ। ଚଳିତ ବଜେଟରେ ଓଡିଶା ଭଳି ବିକାଶଶୀଳ ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହେବ। ମାତ୍ର ବିଜେଡି ଏହାକୁ ଗ୍ରହଣ କରିପାରୁନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଓଡ଼ିଶାବାସୀ ପୂର୍ବରୁ ବିଜେଡିକୁ ପ୍ରତ୍ୟାଖାନ କରିସାରିଥିବାବେଳେ ଏଭଳି ଭିତିହୀନ ମନ୍ତବ୍ୟ କାରଣରୁ ଆଗାମୀ ଦିନରେ ସାଢ଼େ ୪ କୋଟି ଓଡ଼ିଶାବାସୀ ସେମାନଙ୍କୁ ସମ୍ପୂର୍ଣ୍ଣ ଦୂରେଇ ଦେବେ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ଚୌଦ୍ୱାର ଜେଲ୍‌ରୁ ଚମ୍ପଟ, ବୃନ୍ଦାବନରୁ ଗିରଫ

**କଟକ,୧୪।୨/ଏନ୍ଏନ୍ଏସ୍:** ଚୌଦ୍ୱାର କାରାଗାରରୁ ଫେରାର ୨ ଜଣ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣକୁ କମିଶନରେଟ ପୁଲିସ ଉତ୍ତରପ୍ରଦେଶର ବୃନ୍ଦାବନରୁ ଗିରଫ କରିଛି। ଫେରାର ଅଭିଯୁକ୍ତ ମଧୁକାନ୍ତ ରାଣା ସେଠାରେ ଥିବା ଏକ ଗେଷ୍ଟ ହାଉସରେ ନାମ ବଦଳାଇ କାମ କରୁଥିଲା ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟଜଣେ ଅଭିଯୁକ୍ତକୁ ଶୀଘ୍ର ଗିରଫ କରାଯିବ ବୋଲି କମିଶନର କହିଛନ୍ତି। ପୁଲିସ ସୂଚନା ମୁତାବକ ଗତ ଅକ୍ଟୋବର ୩ ତାରିଖ ମଧ୍ୟରାତ୍ରିରେ ଚୌଦ୍ୱାର ସର୍କଲ ଜେଲରୁ ୨ଜଣ କଏଦୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଫେରାର ହୋଇଯାଇଥିଲେ। ଲୁହା ରଡ଼, କମ୍ବଳ ଓ ରସି ବ୍ୟବହାର କରି ଉଭୟ ଅନ୍ଧକାରର ସୁଯୋଗ ନେଇ ପାଚେରୀ କାନ୍ଥ ଡେଇଁ ଖସି ଯାଇଥିଲେ। ଏ ସଂପର୍କରେ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମଧୁକାନ୍ତ ଓ ତା ସହଯୋଗୀକୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କମିଶନରେଟ ପୁଲିସ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ କମିଶନରେଟ ପୁଲିସର ଏକ ୨୬ ଜଣିଆ ସ୍ୱତନ୍ତ୍ର ଅଣ୍ଡର କଭର ଟିମ ଗଠନ କରାଯାଇ ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ଖୋଜାଖୋଜି କରାଯାଇଥିଲା । ମଧୁକାନ୍ତ ଓ ରାଜା ଆନ୍ତଃରାଜ୍ୟ ଡକାୟତ ଟିମର ସଦସ୍ୟ ଥିଲେ ବୋଲି ପୁଲିସ କମିଶନର ସୂଚନା ଦେଇଛି। ଚୌଦ୍ୱାର ଜେଲରୁ ଫେରାର ହେବା ପରେ ଉଭୟ ଟ୍ରେନ ଯୋଗେ ପୁରୀ ଅଭିମୁଖେ ପଳାଇଥିଲେ। ଏହାର ଗୋଟିଏ ଦିନ ପରେ ସେମାନେ ପୁଣି ଟ୍ରେନ ଯୋଗେ ବିହାର ପଳାଇ ଯାଇଥିଲେ ବୋଲି ସିପି ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଏହା ପରେ ୨ ଅଭିଯୁକ୍ତ ଅଲଗା ହୋଇଯାଇଥିଲେ। ପୁଲିସର ସ୍ୱତନ୍ତ୍ର ଗୁପ୍ତ ଟିମ ସେମାନଙ୍କୁ ପାଟନା, ନୋଏଡ଼ା ଓ ନାଗାଲାଣ୍ଡରେ ଖୋଜାଖୋଜି କରିଥିଲେ। ଫେରାର ଅଭିଯୁକ୍ତ ମଧୁକାନ୍ତ ବୃନ୍ଦାବନରେ ଏକ ଗେଷ୍ଟ ହାଉସରେ କାମ କରୁଥିଲା। ମଧୁକାନ୍ତ ନିଜ ନାଁ ଓ ବେଶ ବଦଳାଇ ବାସୁ ପାଣ୍ଡେ ନାଁରେ ସେଠାରେ କାମ କରୁଥିଲା ବୋଲି ପୁଲିସ ସୂଚନା ଦେଇଛି। ସ୍ୱତନ୍ତ୍ର ଟିମ ଅଭିଯୁକ୍ତ ମଧୁକାନ୍ତ କୁମାର ରାଣା ଓରଫ ମଧୁକାନ୍ତ ସିଂହଙ୍କୁ ୧୩ ଫେବୃଆରୀ ୨୦୨୬ରେ ଉତ୍ତରପ୍ରଦେଶ ବୃନ୍ଦାବନର ଏକ ଅତିଥି ଗୃହରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ମଧୁକାନ୍ତ (୨୪)ର ଘର ବିହାର ରାଜ୍ୟ ସରଣ ଜିଲ୍ଲାରେ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୪ ତାରିଖରେ ଯାଜପୁର ଜିଲ୍ଲା ପାଣିକୋଇଲିଠାରେ ଥିବା ପଣ୍ଡା ଅଳଙ୍କାର ଦୋକାନରେ ଲୁଟପାଟ ପାଇଁ ଅଭିଯୁକ୍ତମାନେ ୨ ଜଣକୁ ହତ୍ୟା କରିଥିଲେ । ସେତେବେଳେ ସାଧାରଣ ଲୋକେ ଅଭିଯୁକ୍ତ ମଧୁକାନ୍ତ ରାଣା ଓ ରାଜା ସାହାଣୀକୁ ଘଟଣା ସ୍ଥଳରୁ ଧରି ପୁଲିସର ଜିମା ଦେଇଥିଲେ । ପୁଲିସ ଉଭୟ ୨ ବିହାରୀ ଅଭିଯୁକ୍ତକୁ ଗିରଫ କରି ଯାଜପୁର ରଗଡ଼ି ଜେଲକୁ ପଠାଇ ଦେଇଥିଲେ। ଜେଲରେ ଥିବାବେଳେ ଅଧିକ ସୁରକ୍ଷା ଦୃଷ୍ଟିରୁ ଆଠ ମାସ ତଳେ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲର ୨ଟି ସ୍ୱତନ୍ତ୍ର ସେଲରେ ରଖା ଯାଇଥିଲା।

## ଚଳିତବର୍ଷ ଆଗୁଆ ହେବ +୩ ଓ ପିଜି ନାମଲେଖା

**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ଚଳିତବର୍ଷ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ଆଗୁଆ କରାଯିବ। ତେବେ ଜୁଲାଇ ୧୦ରୁ ଶିକ୍ଷାଦାନ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗର ଯୋଜନା ରହିଛି। ଏପ୍ରିଲ୍ ୩୦ ସୁଦ୍ଧା ପରୀକ୍ଷା ଓ ଜୁନ ୧ ସୁଦ୍ଧା ସ୍ନାତକ ରେଜଲ୍ଟ ପ୍ରକାଶ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାରଣ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶା ପିଲା ଆବେଦନ କରିପାରିବେ। ଏନେଇ ସବୁ ବିଶ୍ୱବିଦ୍ୟାଳୟ କୁଳସଚିବ ଓ କଲେଜ ଅଧ୍ୟକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ତେବେ ଜାରି କରାଯାଇଥିବା ଚିଠିରେ ଦର୍ଶାଯାଇଛି ଯେ, ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ବର୍ଷ ୟୁଜି ଏବଂ ପି.ଜି ୧୦ ଜୁଲାଇ ୨୦୨୬ରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜୁଲାଇ ୧୦ ରୁ ଶ୍ରେଣୀଗୃହ ଶିକ୍ଷାଦାନ ଆରମ୍ଭ ହେବାକୁ ଯାଉଛି। ସେହି ଅନୁସାରେ ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ କଲେଜ ଗୁଡ଼ିକୁ ଏପ୍ରିଲ ୩୦ ସୁଦ୍ଧା ୟୁଜି ଶେଷ ସେମିଷ୍ଟର ଏବଂ ପରୀକ୍ଷା ଫଳ ଜୁନ ୧ ତାରିଖ ସୁଦ୍ଧା ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ପିଜି ପାଠ୍ୟକ୍ରମରେ ପ୍ରବେଶ ପାଇଁ ସିପିଇଟି ପରୀକ୍ଷାର ଆୟୋଜିତ ଏବଂ ଶୀଘ୍ର ପରିଚାଳନା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ପିଜି ପାଠ୍ୟକ୍ରମରେ ପ୍ରବେଶ ପାଇଁ ମାଷ୍ଟର ଡାଟାବେସ୍ ପ୍ରସ୍ତୁତ କରାଯାଉଛି। ବିଭାଗ ଫେବୃଆରୀ ୨୪ ସୁଦ୍ଧା ପିଜି ପାଠ୍ୟକ୍ରମରେ ପ୍ରବେଶ ପାଇଁ ମାଷ୍ଟର ଡାଟାବେସ୍ ଅପଡେଟ୍ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଛି। ଶିକ୍ଷାନୁଷ୍ଠାନର ସ୍ଥିତି, ଭିତ୍ତିଭୂମି, ବିଷୟ, ବିଷୟ ଅନୁଯାୟୀ ଗ୍ରହଣ କ୍ଷମତା, ବିଷୟର କାର୍ଯ୍ୟ ପଦ୍ଧତି ଆଦି ପ୍ରତି ଗୁରୁତ୍ୱ ଦିଆଯାଇଛି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଇ-ସ୍ପେସରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ସହିତ ଜଡିତ ସିଟ୍ ସଂଖ୍ୟାର ଅପଡେସନ୍ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

### ନିର୍ବାଚନ ସଚେତନତା ଉପରେ ଦକ୍ଷତା ବୃଦ୍ଧି କର୍ମଶାଳା

## 'କେହି ଜଣେ ବି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି'



**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟର ତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ପରାମର୍ଶ ଦେଇଛନ୍ତି।

ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ 'ରେଡିଓ ପ୍ରସାରକମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା'ରେ ଶ୍ରୀ ଗୋପାଳନଯୋଗଦେଇ ଏହି ପରାମର୍ଶ ଦେଇଛନ୍ତି।

'ଦ ସୋସିଓଜେନିକ୍ ଫାଉଣ୍ଡେସନ୍ ଏବଂ ଆଉଟ୍ରିଚ୍' ପକ୍ଷରୁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଗୋପାଳନ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ ଆଇ ଆର)ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାର ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ ମଧ୍ୟରେ -୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜିକୃତ କରିପାରିବେ, ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା।ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ପାଖରେ ସଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡ଼ିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ କର୍ମଶାଳା ରେ ଆଲୋଚନା କରାଯାଇଥିଲା।

ରେଡ଼ିଓ ପ୍ରସାରକ ମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନଙ୍କ ସହିତ ଏସ୍ଆଇଆର୍ ମ୍ୟାପିଂ ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ ଏବଂ ନିର୍ବାଚନ ଆୟୋଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଇସିଆଇ ନେଟ୍ ଆପ୍‌ର କାର୍ଯ୍ୟକାରିତା ଉପରେ ଜାଣି କିପରି ଏହାର ବହୁଳ ବ୍ୟବହାର ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେସନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ , ବରିଷ୍ଠ ରେଡ଼ିଓ ପ୍ରସାରକ ଅଶୋକ ପାଣିଗ୍ରାହୀ,ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତିରାଜ ବିଭାଗର ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ବ୍ଲକ୍‌ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କର



**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ରାଜ୍ୟର ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇନେବା ପାଇଁ ଶନିବାର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏସ୍ଆଇଆର୍‌ଡି ପରିସରସ୍ଥିତ ମନରେଗା ସୋସାଇଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ବ୍ଲକ ଉନ୍ନୟନ ଅଧିକାରୀମାନଙ୍କ ସହ ବିଭାଗୀୟ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୀକ୍ଷାରେ ମୁଖ୍ୟତଃ 'ବିକଶିତ ଗାଁ ବିକଶିତ ଓଡ଼ିଶା' , ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗା ଏବଂ ଗ୍ରାମୀଣ ସଂଯୋଗୀକରଣ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଗିରିଶ ଏସ୍.ଏନ୍‌ଙ୍କ ଉପସ୍ଥିତିରେ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ବ୍ଲକସ୍ତରୀୟ ଅଗ୍ରଗତି, ସ୍ଥିତି ଓ ବ୍ୟୟ ସମ୍ପର୍କିତ ସମସ୍ତ ତଥ୍ୟ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଯେଉଁ ବ୍ଲକଗୁଡ଼ିକରେ ପ୍ରକଳ୍ପ କାର୍ଯ୍ୟର ଗତି ଧିମା ରହିଛି, ସେଠାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଉପରେ ଭରସା ପ୍ରକଟ କରି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, 'ଗ୍ରାମୀଣ ଓଡ଼ିଶାର ବିକାଶ ପାଇଁ ଆମେ ଅଧିକ କାର୍ଯ୍ୟ କରିବାକୁ ସମର୍ଥ, ଏହି ବାର୍ତ୍ତା କାର୍ଯ୍ୟ ମାଧ୍ୟମରେ ପ୍ରତିଫଳିତ ହେବା ଦରକାର। ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନାହିଁ; ଆମର କାର୍ଯ୍ୟ ହିଁ ଆମର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ। କ୍ଷେତ୍ରସ୍ତରରେ କୌଣସି ସମସ୍ୟା ଥିଲେ ଜଣାନ୍ତୁ, ଦରକାର ପଡିଲେ ମୁଁ ନିଜେ ସେଠାରେ ପହଞ୍ଚି ସମସ୍ୟାର ସମାଧାନ କରିବି ବୋଲି ଶ୍ରୀ ନାଏକ କହିଥିଲେ।

କ୍ଷେତ୍ରସ୍ତରରେ କାମ କରୁଥିବା ଅଧିକାରୀମାନଙ୍କ ସହ ବିଭାଗ ସବୁବେଳେ ଦୃଢ଼ ଭାବେ ଠିଆ ହୋଇଛି ବୋଲି ବିଭାଗୀୟ କମିଶନର ଦୋହରାଇଥିଲେ। ରାଜ୍ୟର ସମସ୍ତ ଗାଁକୁ ରାସ୍ତା ଦ୍ୱାରା ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ସେ ଏହି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଗାଁର ଚେହେରା ବଦଳାଇବାର ସାମର୍ଥ୍ୟ ରଖିଛି ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମ୍ପୂର୍ଣ୍ଣ ହୋଇଥିବା କାମର ବିଲ୍ ଓ କାଗଜପତ୍ର ସଠିକ୍ ସମୟରେ ଦାଖଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ପ୍ରକଳ୍ପର ପ୍ରକୃତ ସ୍ଥିତି ସରକାରୀ ରେକର୍ଡରେ ସଠିକ୍ ଭାବେ ପ୍ରତିଫଳିତ ହେବ ଏବଂ ସମୀକ୍ଷା ପ୍ରକ୍ରିୟା ଅଧିକ ଫଳପ୍ରଦ ହୋଇପାରିବ। ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ୩୦ ଜଣ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ୩୮ ଜଣ ବ୍ଲକ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ।

## କଂଗ୍ରେସ ଭବନରେ ଲୁଲୁ ମହାପାତ୍ରଙ୍କ ଜନ୍ମ ଦିବସ



**ଭୁବନେଶ୍ୱର,୧୪।୨/ଏନ୍ଏନ୍ଏସ୍:** ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ୬୨ତମ ଜନ୍ମ ଦିବସ ଲୁଲୁ ମହାପାତ୍ର ସ୍ମୃତିକମିଟି ତରଫରୁ କଂଗ୍ରେସ ଭବନ ସମ୍ମୁଖରେ ପାଳନ କରାଯାଇଛି। ଏହି ଅବସରରେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାଣୀବିହାର ଠାରୁ ବାହାରି ରୂପାଲି ଛକ, ସତ୍ୟନଗର, ରାମମନ୍ଦିର ଛକ, ମାଷ୍ଟରକ୍ୟାଣ୍ଟିନ ଛକ, ରାଜମହଲ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଲୁଲୁ ମହାପାତ୍ରଙ୍କ ୨୦ଫୁଟର ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେଠରୁ ଲୁଲୁପ୍ରେମୀ ଯୁବକମାନେ ମୋଟରସାଇକେଲ ଶୋଭାଯାତ୍ରରେ କଂଗ୍ରେସ ଭବନ ସମ୍ମୁଖରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ସ୍ଥଳୀରେ ବରିଷ୍ଠ ନେତୃବୃନ୍ଦ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଛେନାପୋଡ଼ କଟାଯାଇଥିଲା। ସେଠାରେ କିଛି ସମୟ ଲୁଲୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମହାପାତ୍ର, ପ୍ରକାଶ ଜେନା, ସମୀର ରାଉତରାୟ, ପୃଥ୍ୱିବଲ୍ଲଭ ପଟ୍ଟନାୟକ, ଚିନ୍ମୟ ପ୍ରସାଦ ବେହୁରା, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅସିତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଏନ୍‌ସି ହାଇସ୍କୁଲ୍‌ର ପ୍ଲାଟିନମ୍ ଜୁବିଲିରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# 'ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି'







**ଯାଜପୁର,ଭୁବନେଶ୍ୱର,୧୪।୨/ଏନ୍‌ଏନ୍‌ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲ ଏନ୍‌ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବିଲି ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ। ଏବଂ କହିଥିଲେ ଯେ, ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ପିଏମ୍‌ଶ୍ରୀ ଯୋଜନାରେ ସ୍କୁଲ୍‌କୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ହେଉଛି ପିଲାମାନଙ୍କ ଚରିତ୍ର ଗଠନ କରିବା ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା। ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଉଲ୍ଲେଖ କରି ସେ ପିଲାମାନଙ୍କ ସୃଜନଶୀଳତା, ଦକ୍ଷତା, ନିଷ୍ପତ୍ତି ଗ୍ରହଣ କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ। 'ଆତ୍ମବିଶ୍ୱାସ ହେଉଛି ସଫଳତାର ଚାବିକାଠି' ବୋଲି ସେ ମତବ୍ୟକ୍ତ କରି ଛାତ୍ରଛାତ୍ରୀ ମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ 'କର୍ତ୍ତବ୍ୟ, ସମର୍ପଣ ଏବଂ ନିଷ୍ଠା'କୁ ଜୀବନ ଦର୍ଶନ ଭାବରେ ଗ୍ରହଣ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଆଲୋଚନା'ରେ ପରାମର୍ଶ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫ ହଜାର ସ୍କୁଲ୍‌ରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ, ପ୍ରକଳ୍ପ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଉଛି। ସେ ଆହୁରି କହିଛନ୍ତି ଯେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ବିନିଯୋଗରେ ୨,୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯାଇଛି। ସରକାରଙ୍କ ନିରନ୍ତର ସହାୟତା ପାଇଁ ଛାତ୍ର ଏବଂ ଅଭିଭାବକ ମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସମୃଦ୍ଧ ଓଡ଼ିଶା ଗଠନ ଏହାର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ସୁଯୋଗ ପ୍ରଦାନ କରିବା ଉପରେ ନିର୍ଭର କରେ। ଏକ ସମୃଦ୍ଧ ଓଡ଼ିଶା ଆମ ପିଲାମାନଙ୍କ ଦ୍ୱାରା ଗଢ଼ିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଆକାଶ ଦାସ ନାୟକ, ହିମାଂଶୁ ଶେଖର ସାହୁ,ଅମର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ଆଲୁମିନି ଆସୋସିଏସନର ସଭାପତି କୃପାସିନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ଜେନେରାଲ ସେକ୍ରେଟାରୀ ଅଭିଲାଶ ଦାସ, ପୂର୍ବତନ ଛାତ୍ର ସଂଘର ସଦସ୍ୟ, ଶିକ୍ଷକ ଏବଂ ବହୁ ସଂଖ୍ୟକ ଛାତ୍ର ଏବଂ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର



**କେନ୍ଦ୍ରାପଡ଼ା,୧୪।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଧରି ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ , କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଓ ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ମହାବିଦ୍ୟାଳୟ ହୋଇଥିବା ସତ୍ତ୍ୱେ ହେଁ ଏହାର ସମ୍ମିଳନୀ କକ୍ଷ ଗୁରୁତର ଭିନ୍ନକ୍ଷମଙ୍କ ନିମନ୍ତେ ଅଦ୍ୟାବଧି ସୁଗମ୍ୟ ହୋଇ ପାରିନାହିଁ। ଫଳତଃ ବିଭିନ୍ନ ବିଭାଗୀୟ ଜାତୀୟ ଓ ଆଞ୍ଚଳିକ ଆଲୋଚନା ଚକ୍ର ଓ ପାଠଚକ୍ର ପ୍ରଭୃତିରେ ଗୁରୁତର ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣରୁ ବଞ୍ଚିତ ରହୁଛନ୍ତି । ଏହା ଭିନ୍ନକ୍ଷମମାନଙ୍କ ଅଧିକାର ଅଧିନିୟମ ଅନ୍ତର୍ଗତ ଧାରା -୪୪ର ବାଧ୍ୟତାମୂଳକ ଆକ୍ସେସେବୁଲ୍ ପ୍ରାବଧାନତାକୁ ଉଲଂଘନ କରୁଛି। ଏହା ଜିଲ୍ଲାର ସର୍ବବୃହତ କଲେଜ ହୋଇଥିବାରୁ କେନ୍ଦ୍ରାପଡ଼ା ଓ ଆଖପାଖ ଜିଲ୍ଲାର ପାଖାପାଖି ୪୦ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ସମ୍ପ୍ରତି ଏହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏଥି ନିମନ୍ତେ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ପରାମର୍ଶ କ୍ରମେ କାର୍ଯ୍ୟନିର୍ବାହୀ ପରିଷଦର ଯୁଗ୍ମ ପ୍ରତିନିଧି ବଂଶୀଧର ମହାନ୍ତି ଓ ଆଇନଜୀବୀ ଜ୍ୟୋତିରଞ୍ଜନ ନାୟକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ବୃହତ୍ତର ଶୈକ୍ଷିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମର୍ମରେ ଏକ ଦାବିପତ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଜେନାଙ୍କୁ ପ୍ରଦାନ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ

**କେନ୍ଦ୍ରାପଡ଼ା,୧୪।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ ଜଣେ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଶୀକାର ଦମ୍ପତି ହେଉଛନ୍ତି ପୁରୁଷୋତ୍ତମପୁର ଗ୍ରାମର ସୁବାଷ ଖଟୁଆ ଓ ତାଙ୍କ ପତ୍ନୀ ରଶ୍ମୀତା। ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରଶ୍ମୀତା ତାଙ୍କ ଏତଲାରେ ଦର୍ଶାଇଛନ୍ତି ତାଙ୍କ ଗ୍ରାମର ବାବୁଲି ସ୍ୱାଇଁଙ୍କ ପରିବାର ସହ ପୂର୍ବରୁ ଶତ୍ରୁତା ରହିଥିଲା। ଏହି କାରଣରୁ ବାବୁଲି ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୧୮ ଛେଳି ଚୋରି ଅଭିଯୋଗ

**ନାଉଗାଁ,୧୪।୨/ଏନ୍‌ଏନ୍‌ଏସ୍:** ନାଉଗାଁ ଥାନା ଅନ୍ତର୍ଗତ ଶିଖର ପଞ୍ଚାୟତ ବିଲିପଡା ଗ୍ରାମରୁ ଜୈନିକ ବ୍ୟକ୍ତିଙ୍କ ଗୁହାଳରୁ କେହି ଦୁର୍ବୃତ୍ତ ୧୮ଟି ଛେଳି ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଉକ୍ତ ଗ୍ରାମର ଶ୍ରୀଚରଣ କାଣ୍ଡିଙ୍କ ପରିବାର ଲୋକେ ଶୁକ୍ରବାର ରାତିରେ ଘରେ ସୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ଓ ତାଙ୍କ ଘରକୁ ଲାଗିଥିବା ଦୁଇ ପଡ଼ୋଶୀଙ୍କ ଘର ଲୋକଙ୍କୁ ଆଗପଟୁ କବାଟ ହୁକ୍ ଦେଇ ତାଙ୍କ ଗୁହାଳ ଘରେ ଥିବା ୩ଟି ଛେଳି ଛୁଆଙ୍କୁ ଛାଡି ୧୮ଟି ବଡ଼ ଛେଳି ଚୋରିକରି ନେଇଛନ୍ତି। ଫଳରେ ଛୁଆ ଛେଳିଗୁଡ଼ିକ ବୋବାଇବାରୁ ଶ୍ରୀଚରଣ ଦେଖିବାକୁ ଘରୁ ଉଠି ଆସିବା ସମୟରେ ବାହାରୁ କବାଟ ଦିଆଯାଇଥିବାରୁ ସେ ପାଟିକରି ଡାକିଥିଲେ। ତାଙ୍କ ଡାକସୁଣି ଗ୍ରାମବାସୀମାନେ ଉଠି କବାଟ ଖୋଲିଥିଲେ। ହେଲେ ସେତେବେଳକୁ ଚୋରମାନେ ଗ୍ରାମରୁ ପାର ହୋଇଯାଇଥିଲେ। ଯାହାକୁନେଇ ଶ୍ରୀଚରଣ ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ନାଉଗାଁ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ କୁହାଯାଇଛି।

## ବିଧାୟକଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ



**କେନ୍ଦ୍ରାପଡ଼ା,୧୪।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚଉଦକୁଲାଟ ଠାରେ ଆର୍‌ଡି ବିଭାଗର ଏକ ୪କୋଟିର ରାସ୍ତାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଶିଳାନ୍ୟାସ ଉଦ୍‌ଘାଟନ କରିଛନ୍ତି । ଚଉଦକୁଲାଟ ଗାନ୍ଧି ଛକ ଠାରୁ ବଳସାହି ଭାୟା ମୁସଲିମ ବସ୍ତି, ବେହେରା ସାହି, ସେଠୀ ସାହି, ନିଳକଣ୍ଠ ଓ ଦେବଳା ରାସ୍ତାଟି ଅତି ଶୋଚନୀୟ ହୋଇ ପଡିଥିଲା। ବର୍ଷାଦିନେ ଏହି ରାସ୍ତାରେ ଯାତାୟତ କରିବା ଅସମ୍ଭବ ହୋଇଥିଲା। କେନ୍ଦ୍ରାପଡା ବିଧାୟକଙ୍କ ଉଦ୍ୟମରେ ଗ୍ରାମ୍ୟ ନିର୍ମାଣ ଡିଭିଜନ(୧) ରାସ୍ତା ୩କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନ୍‌ଟି ନିର୍ମାଣ କରାଯିବ। ଏହି କାର୍ଯ୍ୟର ଶୁଭାରମ୍ଭ ବିଧାୟକଙ୍କ ଦ୍ୱାରା କରାଯାଇଛି। ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତାଦାସ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସଂପଚ ଉମାକାନ୍ତ ମଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାପାତ୍ର, ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସମାଜସେବୀ ଙ୍ଗ ଦେବାଶିଷ ମହାନ୍ତି, ମହମ୍ମଦ ଇସାକ, ପୂର୍ବତନ ସରପଞ୍ଚ ରମେଶ ବାରିକ ପ୍ରମୁଖ ଶିଳାନ୍ୟାସ ଉତ୍ସରେ ଉପସ୍ଥିତ ଥିଲେ।

## ବେଆଇନ୍ ମଦ ବେପାର, ୨ ଗିରଫ

**ଧର୍ମଶାଳା,୧୪।୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇ ବେଆଇନ ଭାବେ ମଦ ବେପାର କରୁଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ଜଣେ ଅଭିଯୁକ୍ତକୁ ନୋଟିସ୍ ଦେଇ ଛଡ଼ାଯାଇଛି। ଶୁକ୍ରବାର ଧର୍ମଶାଳା ଅବକାରୀ ଥାନା ଅଧୀନ କାଏମା ଏବଂ ଜାରକା ଅଞ୍ଚଳରେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ, ଯାଜପୁର ମୋବାଇଲ୍ ୟୁନିଟ୍ ଓ ରସୁଲପୁର ଏବଂ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢାଉ ସମୟରେ ୩୫ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମଦ (ଆସ୍କା ପଟି), ୩୦ ଲିଟର ମହୁଲି ଏବଂ ୧୪୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। କାଏମା ଅଞ୍ଚଳର ସୁନାକର ମଳିକ ଏବଂ ଜାରକା ଅଞ୍ଚଳର ମହେଶ୍ୱର ଗେଡ୍ଡୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଇନ୍ଦ୍ରମଣି ବେହେରାଙ୍କୁ ନୋଟିସ ଦେଇ ଛଡ଼ା ଯାଇ ଥିବା ସୂଚନା ମିଳିଛି। ଅବକାରୀ ବିଭାଗ କଟକ ଡେପୁଟି ସୁପରଟେଣ୍ଡ ଇନ୍ସପେକ୍ଟର ରୋସନ୍ ହାଲଦା, ଏସ୍‌ଆଇ ଅମିତ୍ ବିଶ୍ୱାଳ, ଇନ୍ସପେକ୍ଟର ନାରାୟଣ ବେହେରା, ଏସ୍‌ଆଇ ଶୁଭଶ୍ରୀ ଚକ୍ରଙ୍କ ସହ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

## ପୁଲିସ୍ କବ୍‌ଜାରେ ୩ ସାଇବର୍ ଠକ

**ଧର୍ମଶାଳା,୧୪।୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ମୁଖ୍ୟ ସାଇବର ଠକକୁ କଟକ ସାଇବର ପୁଲିସ ଗତକାଲି କୁଆଖିଆ ଅଞ୍ଚଳରୁ ଗିରଫ କରିବା ସହ ତାର ଜଣେ ସମ୍ପର୍କୀୟକୁ ଘରୁ ଉଠାଇ ନେଇଛି। ଗତକାଲି ବିଳମ୍ବିତ ରାତିରେ କଟକ ସାଇବର ପୁଲିସ ଏବଂ ଧର୍ମଶାଳା ପୁଲିସ ମିଳିତ ଭାବେ ମୁଖ୍ୟ ଅଭିଯୁକ୍ତ ସରୋଜ ଜେନା ଘର ଉପରେ ଚଢ଼ାଉ କରିଥିଲେ। ହେଲେ ସେଠାରେ ସରୋଜକୁ ନପାଇ ବିଭିନ୍ନ ସ୍ଥାନରେ ରେଡ କରିବା ପରେ ତାକୁ କୁଆଖିଆ ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ଏହି ଘଟଣାରେ ସାଇବର ପୁଲିସ ତାର ସମ୍ପର୍କୀୟ ପୋବଳ ଗ୍ରାମର ଅଜୟ ଜେନାକୁ ଉଠାଇନେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, କଟକରେ ରହୁଥିବା ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କୁ ନଗ୍ନ ଭିଡିଓ ଜାଲରେ ଫସାଇ ସରୋଜ ୮୮ଲକ୍ଷ ଟଙ୍କା ଲୁଟି ନେଇଥିଲା। ଏହି ଘଟଣାର ତଦନ୍ତ କରି କଟକ ସାଇବର୍ ପୁଲିସ ଜାନୁଆରୀ ୨୦ରେ ସରୋଜଙ୍କ ଘର ଉପରେ ଚଢାଉ କରିଥିବା ବେଳେ ସେ ଖସିଯିବାରେ ସକ୍ଷମ ହୋଇଥିଲା। ସାଇବର ପୁଲିସ ସେହି ସମୟରେ ଏହି ଘଟଣାରେ ସମ୍ପୃକ୍ତ ପୋବଳ ଗ୍ରାମର ୩ ଜଣଙ୍କୁ ଗିରଫ କରିବା ସହିତ କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଜବତ କରିଥିଲା।

## ଦୁବାଇରୁ ଫେରିଲା ପାଣି ପାଇପ୍ ମିସ୍ତ୍ରୀଙ୍କ ମୃତଦେହ






**ଆଳି,୧୪।୨/ଏନ୍‌ଏନ୍‌ଏସ୍:** ଦୁବାଇରେ ପାଣି ପାଇପ୍ କାମ କରୁଥିବା ଆଳି ଥାନା ଅନ୍ତର୍ଗତ କଣ୍ଟିପୁର ଗ୍ରାମର ଅନନ୍ତ ସାହୁଙ୍କ ମୃତଦେହ ଗାଁ ରେ ପହଞ୍ଚିଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କଣ୍ଟିପୁର କଣ୍ଟିପୁର ଗ୍ରାମର ମାନସ ସାହୁଙ୍କ ପୁଅ ଅନନ୍ତ ସାହୁ(୩୭)ଦଶ ବର୍ଷ ହେବା ଦୁବାଇରେ ପାଣି ପାଇପ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଜାନୁଆରୀ ୨୨ ତାରିଖ ରାତିଠୁ ତାଙ୍କ ସହିତ ପରିବାର ଲୋକଙ୍କର କୌଣସି ଯୋଗାଯୋଗ ହୋଇ ପାରିନଥିଲା। ପରିବାର ଲୋକ ବାରମ୍ବାର ଫୋନ କଲେ ମଧ୍ୟ ଅନନ୍ତଙ୍କ ଫୋନ ଲାଗିନଥିଲା। ଏ ନେଇ ଅନନ୍ତଙ୍କ ସାନ ଭାଇ ପ୍ରଶାନ୍ତ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଆଳି ବିଜେପି ନେତା କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସହାୟତାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଏହି ଘଟଣା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଜୟନ୍ତ ପଣ୍ଡାଙ୍କ ଅଫିସ ତରଫରୁ ଆମ୍ବାସି ସହିତ ଯୋଗାଯୋଗ କରାଯିବା ପରେ ଜାନୁୟାରୀ ୨୨ ତାରିଖ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଅନନ୍ତଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଥିଲା। ମୃତ୍ୟୁର ୨୩ ଦିନ ପରେ ଶୁକ୍ରବାର ଦିନ କଣ୍ଟିପୁର ଗ୍ରାମରେ ଅନନ୍ତଙ୍କ ମୃତଦେହ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଗାଁ ଫାଟି ପଡୁଛି। ଗାଁ ରେ ଶୋକର ବାତାବରଣ ଖେଳିଯାଇଛି। ଅନନ୍ତ ଜଣେ ମେଳାପି ପିଲା ଥିବାରୁ ତାଙ୍କୁ ସମସ୍ତେ ଭଲ ପାଆନ୍ତି। ତାଙ୍କ ମୃତ୍ୟୁରେ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ସ୍ମଶାନରେ ଅନନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଚୋରି ହେଉଥିଲା ପିଇବା ପାଣି

# ଷ୍ଟିଙ୍ଗ୍ ଅପରେସନ୍‌ରେ ଧରିଲେ ବିଡିଓ



**କେନ୍ଦ୍ରାପଡ଼ା,୧୪।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ବିଭିନ୍ନ ପଞ୍ଚାୟତରେ କେତେକ ବ୍ୟକ୍ତି ପିଇବା ପାଣି ଚୋରି କରି ନିଜ ବିଲରେ ମଡାଉଥିବା ଅଭିଯୋଗ ପାଇବା ପରେ ବିଡିଓ ଅଭିଷେକ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ୧୦ଟି ମୋଟର ଓ ପାଇପ୍ ଜବତ କରିଛନ୍ତି। ସେହିପରି ଗ୍ରୀଷ୍ମ ଋତୁରେ ଲୋକଙ୍କୁ ପିଇବା ପାଣି ଯୋଗାଯାଉଥିବା ବେଳେ ତାକୁ ଚୋରି କରି ଚାଷ କାର୍ଯ୍ୟରେ ବ୍ୟବହାର କରୁଥିବା ୧୦ ଜଣ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ବିଡିଓ କହିଛନ୍ତି। ପ୍ରକାଶ, ଚନ୍ଦନପୁର ଓ ବାରୁଅ ଗ୍ରାମଦେଇ ପିଇବା ପାଣି ପାଇପ ଯାଇଛି। ଏହି ପିଇବା ପାଣି ପାଇପ୍‌କୁ କାଟି କେତେକ ବ୍ୟକ୍ତି ନିଜ ବିଲରେ ହୋଇଥିବା ପନି ପରିବା ଚାଷ ଓ କୁକୁଡା ଫାର୍ମରେ ପାଣି ମଡାଉଥିଲେ। ଏହାଦ୍ୱାରା ସାଧାରଣ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ଏନେଇ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବିଡିଓ ଷ୍ଟିଙ୍ଗ୍ ଅପରେସନ୍ କରିଥିଲେ। ବିଡିଓ ନିଜ ଗାଡିରେ ନ ଯାଇ ବାଇକ୍‌ରେ ବସି ସାଧାରଣ ଚାଷୀଙ୍କ ବେଶରେ ଏହି ଦୁଇଟି ଗାଁକୁ ଯାଇଥିଲେ। ଯେଉଁ ସ୍ଥାନରେ ପାଣି ଚୋରି କରାଯାଉଥିଲା ତାହା ଦେଖିବା ସହ ତାଙ୍କ ସହ ଯାଇଥିବା ବ୍ଲକର ଅନ୍ୟ କର୍ମଚାରୀଙ୍କୁ ମୋଟର ଓ ପାଇପ୍ ଜବତ କରିବାକୁ କହିଥିଲେ। ଏହାସହ ବିଡିଓ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ସଦର ଥାନାକୁ ଜଣାଇଥିଲେ। ଫଳରେ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାଣି ପାଇପ, ପାଣି ମୋଟରକୁ ଜବତ କରାଯିବା ସହ ଏହି ୧୦ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଡିଓ ପୁଲିସକୁ କହିଥିଲେ। ଫଳରେ ପୁଲିସ ପାଣି ଚୋରି କରୁଥିବା ୧୦ଜଣ ବ୍ୟକ୍ତିଙ୍କ ନାମ ଠିକଣା ସଂଗ୍ରହ କରିବା ସହ ସେମାନଙ୍କ ନାମରେ ମାମଲା ହେବ ବୋଲି କହିଛି। ଏ ସଂକ୍ରାନ୍ତରେ ବିଡିଓ ଶ୍ରୀ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ ପାନୀୟଜଳ ଲୋକଙ୍କୁ ପିଇବା ପାଇଁ ଦିଆଯାଉଛି। ଏହାକୁ ଚୋରି କରିବାର ଅଧିକାର କାହାର ନାହିଁ। ଯିଏ କୁକୁଡା ଫାର୍ମ କରିବ ସେ ନିଜେ ନିଜ ସ୍ଥାନରେ ବୋରୱେଲ୍ କରିକି ପାଣି ବ୍ୟବହାର କରିପାରିବେ। ସେହିପରି ଯିଏ ପନିପରିବା ଚାଷ କରିବେ ସେ ମଧ୍ୟ ନିଜ ବିଲରେ ବୋରୱେଲ୍ କରିକି ପାଣି ବ୍ୟବସ୍ଥା କରିବେ। ହେଲେ ଲୋକଙ୍କ ପିଇବା ପାଇଁ ପାଣିକୁ ଚୋରି କଲେ ଲୋକେ ଦଣ୍ଡିତ ହେବେ ବୋଲି ବିଡିଓ କହିଛନ୍ତି।

ନିତିଦିନ NITIDIN

ଆମ ଜିଲ୍ଲା

କ

## ରୋଗୀ କଲ୍ୟାଣ ସମିତି ବୈଠକ



**ଖଣ୍ଡପଡ଼ା,୧୪।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ଯୁବ ସମାଜସେବୀ ପ୍ରକାଶ ଚନ୍ଦ୍ର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଓ ବିଗତ ବର୍ଷରେ ବିଭିନ୍ନ ବାବଦ ଅନୁଦାନ ଅର୍ଥ ବିନିଯୋଗ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥ ଆଗାମୀବର୍ଷ କେଉଁ ବାବଦରେ ବ୍ୟୟ ହେବ ସେ ସମ୍ପର୍କରେ ବିଧାୟକ ମତ ରଖିଥିଲେ। ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀଗୁଡ଼ିକ ପୂରଣ ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ପୂରଣ ନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ ଅଭିଷାର ପଣ୍ଡା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମୟାନୁକ୍ରମେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସମସ୍ୟା ସମାଧାନ ଦିଗରେ ସେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ମାତୃପିତୃ ପୂଜନ ଦିବସ

**ବୟାଳିଶମୌଜା,୧୪।୨/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ୪୨ ମୌଜା ଅନ୍ତର୍ଗତ ଦଧିବାମନପୁର ଗ୍ରାମସ୍ଥ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃପୂଜନ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ଦେବତା ସହ ସମ୍ପାଦିକା ସୁମିତା ଦେବତା, ପ୍ରଧାନ ଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ, ସତ୍ୟଶିବ ବାରିକ, ବରିଷ୍ଠ ଗୁରୁଜୀ ଅଭିମନ୍ୟୁ ସ୍ୱାଇଁ ଅନ୍ୟ ଗୁରୁଜୀ ଗୁରୁମା ମଧ୍ୟ ଛାତ୍ରଛାତ୍ରୀଙ୍କର ମାର୍ଗ ଦର୍ଶନ କରିବା ସହିତ ମାତାପିତାଙ୍କୁ ଭକ୍ତି ଓ ସମ୍ମାନ ଦେବାପାଇଁ କହିଥିଲେ। ଏହା ପରେ ଛାତ୍ରଛାତ୍ରୀ ମାନେ ନିଜ ନିଜ ମାତାପିତାଙ୍କୁ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମଟି ସମସ୍ତ ଗୁରୁଜୀଗୁରୁମାଙ୍କ ସହଯୋଗରେ ସମ୍ପାଦନ ହୋଇଥିଲା।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୧୪।୨/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ସ୍ଥିତ ବୁଢୀ ଜାଗୁଳାଇ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ଇଟାମୁଣ୍ଡଳୀର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଶତପଥିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ହଳଦିଆ କଲେଜ ଅଧ୍ୟକ୍ଷ ପ୍ରହଲ୍ଲାଦ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥି, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଭାବଗ୍ରାହୀ ଦାଶ, ଡେରାବିଶ ଏବିଇଓ ଦେବଦତ ଶତପଥି, ବିଦ୍ୟାଳୟ ପ୍ରତିଷ୍ଠାତା ଚୌଧୁରୀ ଧିରେନ୍ଦ୍ର ନାଥ ଦାସ, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ କୁମାର ଆଚାର୍ଯ୍ୟ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ରାଉତ, ସିଆରସିସି ରୋଜାଲିନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦମୟନ୍ତୀ ଦାସ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ଶତପଥିଙ୍କ ଆଦର୍ଶ ଜୀବନ ଉପରେ ଆଲୋଚନା କରିବା ସହ ତାଙ୍କର ଅବଶିଷ୍ଟ ଜୀବନ ସୁଖରେ ଓ ଶାନ୍ତିରେ ରହୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ପୂର୍ବତନ ସିଆରସିସି ମନୋଜ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଦିବାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପ୍ରିୟା ରାଉତ, ପୁରାତନ ଛାତ୍ର ସଂସଦ ସଭାପତି ଭର୍ତ୍ତୃହରି ମିଶ୍ର, ସମ୍ପାଦକ ନବଘନ ଦାସ, ହେମନ୍ତ ପ୍ରଧାନ, ପ୍ରମୋଦ ବସ୍ତିଆ, ଶ୍ରୀଧର ଖଟୁଆ, ଦୀପ୍ତି ରଞ୍ଜନ ମିଶ୍ର, ମାନସ ସାହୁ, ସୁକାନ୍ତ ସାହୁ, ଭଗବାନ ମଲ୍ଲିକ, ସଂଯୁକ୍ତା ସାହୁ, ହୃଷିକେଶ ମଲ୍ଲିକ, କିଶୋର ପୃଷ୍ଟି, ଅକ୍ଷୟ ଦାସ, ହିମାଂଶୁ ଶେଖର ସାହୁ, ବିଷ୍ଣୁପ୍ରିୟା ଦାସ, ଶାନ୍ତିଲତା ସାହୁ, ରଙ୍ଗଲତା ମଲ୍ଲିକ, ରଜତ ସାହୁ, ନିରୋଦ ମିଶ୍ର, ଅଶୋକ ମଲ୍ଲିକ, ସାଗରିକା ବସ୍ତିଆ, ବିଚିତ୍ର ବେହେରା, ଚନ୍ଦ୍ରଶେଖର ମିଶ୍ର, ରଞ୍ଜନ ରାଉଳ, କାର୍ତ୍ତିକ ମଲ୍ଲିକ, ଗୋପୀନାଥ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ୮ ମନ୍ଦିରରୁ ସିରିଜ୍ ଚୋରି

# ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍

**ବାଲୁଗାଁ,ବାଣପୁର,୧୪।୨/ଏନ୍ଏନ୍ଏସ୍:** ଗତକାଲି ରାତ୍ରିରେ ବାଲୁଗାଁ ଏନ୍ଏସିର ବିଭିନ୍ନ ୱାର୍ଡ ଅଧିନସ୍ଥ ୮ ଗୋଟି ମନ୍ଦିରରୁ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ଠାକୁରଙ୍କ ରୁପା ଏବଂ ସୁନା ଅଳଙ୍କାର ଆଦି ଲୁଟି ନେଇଛନ୍ତି। ଏଥି ସହ ଦାନବାକ୍ସରୁ ମଧ୍ୟ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗରୁ ଜଣାଯାଇଛି। ଏହି ଘଟଣା ସମଗ୍ର ବାଲୁଗାଁ ଅଞ୍ଚଳରେ ମୁଖ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ଖବର ନେବାରେ ଜଣାଯାଇଛି ଯେ ବାଲୁଗାଁ ସାମନ୍ତରାପୁର ସାହି ସ୍ଥିତ ଦଧିବାମନ ଦେବଙ୍କ ମନ୍ଦିର ପୂଜକ ଗୋଲୋକ ବିହାରୀ ପଣ୍ଡା ଦୈନନ୍ଦିନ ପରି ଶୁକ୍ରବାର ରାତ୍ରିରେ ପୂଜା କାର୍ଯ୍ୟ ସାରି ଘରକୁ ଫେରିଥିଲେ। ଶନିବାର ଭୋରରୁ ଆସି ଉକ୍ତ ମନ୍ଦିର ପରିସରରେ ଥିବା ଶ୍ରୀ ଗୁପ୍ତେଶ୍ୱର ଦେବ, ଶ୍ରୀ ହନୁମାନ ଦେବ, ଶ୍ରୀ ଦଧିବାମନ ଦେବ ଏବଂ ଶ୍ରୀ ମହାଲକ୍ଷ୍ମୀଙ୍କ ମନ୍ଦିର ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଖବର ପାଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁଧୀର କୁମାର ପଣ୍ଡା ଅନ୍ୟମାନଙ୍କ ସହ ଆସି ଦେଖିବାରେ ସମସ୍ତ ମନ୍ଦିରରେ ଠାକୁରଙ୍କୁ ପିନ୍ଧା ଯାଇଥିବା ରୁପାର କିରଟି, ଛତି, ବାହୁଟି, ବଂଶୀ ଏବଂ ସୁନାର ଚିତା,ମଙ୍ଗଳସୂତ୍ର ଆଦି ବହୁ ମୂଲ୍ୟବାନ ଅଳଙ୍କାର ସମେତ ଦାନବାକ୍ସରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ବାଲୁଗାଁ ସରଳାପଦର ଛକ ସ୍ଥିତ ମା’ ଉତ୍ତରାୟଣୀ ମନ୍ଦିରର ରୁପା କିରଟି, ସୁନା ଚିତା, ମାଛ ମାର୍କେଟ ସ୍ଥିତ ମା କାଳିଜାଇ ମନ୍ଦିର, ଗାନ୍ଧୀନଗର ସ୍ଥିତ ମା’ ଗିରିଦୁର୍ଗା ମନ୍ଦିର ଏବଂ ବିଦ୍ୟାଧରପୁର ସାହି ସ୍ଥିତ ମା’ ଖିଲାମୁଣ୍ଡାଙ୍କ ମନ୍ଦିରରୁ ମଧ୍ୟ ଅନୁରୂପ ଭାବେ



ଦୁର୍ବୃତ୍ତମାନେ ରୁପା ଓ ସୁନା ଅଳଙ୍କାର ଆଦି ଲୁଟି ନେଇଥିବା ଜଣାପଡ଼ିଥିଲା। ଅଭିଯୋଗ ପାଇ ବାଲୁଗାଁ ଏସ୍ଡିପିଓ ସଞ୍ଜୟ ପଟ୍ଟନାୟକ, ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ସମେତ ପୁଲିସ ସାଇଣ୍ଟିଫିକ୍ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅପରାହ୍ଣରେ ପୁଲିସ ସନ୍ଧାନୀ କୁକୁର ଟିମ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ସମସ୍ତ ମନ୍ଦିରରୁ ଚୋରି ଅଳଙ୍କାରର ମୂଲ୍ୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗୋଟିଏ ରାତ୍ରିରେ ଏପରି ସିରିଜ ଚୋରି ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ତେବେ ବାଲୁଗାଁ ବଜାର ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି, ଅତି ଶୀଘ୍ର ଚୋର ଧରାପଡ଼ିବେ ବୋଲି ପୁଲିସ କହିଛି।

## ପ୍ରାଚୀ ପରିକ୍ରମାର ଉଦ୍‌ଯାପନୀ ଉତ୍ସବ: ସ୍ତମ୍ଭକାର ସନ୍ତୋଷ ଦାଶ ସମ୍ବର୍ଦ୍ଧିତ

**ଚାରିଛକ,୧୪।୨/ଏନ୍ଏନ୍ଏସ୍:** ପୁଣ୍ୟତୋୟା ପ୍ରାଚୀ ନଦୀର ପୁନରୁଦ୍ଧାର ଏବଂ ଏହାର ଅବବାହିକାରେ ଥିବା ପ୍ରାଚୀନ ମଠ, ମନ୍ଦିର ଓ ଐତିହ୍ୟର ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ୧୫ତମ ବାର୍ଷିକ ‘ପ୍ରାଚୀ ପରିକ୍ରମା’ ଶୁକ୍ରବାର ପ୍ରସିଦ୍ଧ ଅନ୍ଧ କପିଳେଶ୍ୱର ମନ୍ଦିରଠାରେ ଉଦ୍‌ଯାପିତ ହୋଇଯାଇଛି। ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ମାର୍ଗଦର୍ଶନରେ ପ୍ରାଚୀ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଏକ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ସମେତ ମହନ୍ତ ବାବାଜୀ ଦାମୋଦର ଦାସ, ବାବାଜୀ ରାମ ଦାସ, ସ୍ୱାମୀ ଆଖଣ୍ଡାନନ୍ଦଜୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ଓ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ପ୍ରାଚୀ ସରସ୍ୱତୀଙ୍କ ଆଳତୀ କରିବା ସହ ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ



କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସନ୍ତୋଷ ଦାଶଙ୍କୁ ପ୍ରାଚୀ ସଭ୍ୟତାର ପ୍ରଚାର ପ୍ରସାର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ସ୍ୱହସ୍ତରେ ଶ୍ରୀ ଦାଶଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ସେ ବିଭିନ୍ନ ଗଣମାଧ୍ୟମରେ ପ୍ରାଚୀ ନଦୀର ଐତିହ୍ୟ, ମାହାତ୍ମ୍ୟ ଏବଂ ପ୍ରାଚୀ ପରିକ୍ରମା ସମ୍ପର୍କରେ ନିରନ୍ତର ଲେଖା ଓ ଖବର ପ୍ରକାଶ କରି ଜନସଚେତନତା ସୃଷ୍ଟି କରିଆସୁଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି।

## ସହିଦ ମନୋଜ ବେହେରାଙ୍କ ଶ୍ରାଦ୍ଧ ଦିବସ

**ଚାରିଛକ,୧୪।୨/ଏନ୍ଏନ୍ଏସ୍:** ୨୦୧୯ ଫେବୃଆରି ୧୪ ତାରିଖ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ପ୍ରାଣବଳି ଦେଇଥିବା ଦେଶର ବୀର ସନ୍ତାନଙ୍କ ମଧ୍ୟରେ ଥିଲେ ନିଆଳି ରତନପୁର ଗ୍ରାମର ମନୋଜ କୁମାର ବେହେରା। ଆଜି ତାଙ୍କର ସପ୍ତମ ଶ୍ରାଦ୍ଧ ଦିବସ ଅମରେଶ୍ୱର ନୋଡାଲ୍ ଉଚ୍ଚବିଦ୍ୟାଳୟ ପରିସରରେ ସହପାଠୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନୁର୍ଦ୍ଧର ମିଶ୍ର, ମନୋରଞ୍ଜନ ନନ୍ଦ, ମହେଶ କୁମାର ବାଲ, ସୁବାସ ଚନ୍ଦ୍ର ସାହୁ, ହିମାଂଶୁ ଦାସ, ପ୍ରମୋଦ କୁମାର ସାହୁ, ଗଗନ ମଲ୍ଲିକ, ଜିତାପ୍ରିୟ ତ୍ରିପାଠୀ, ଗୋକୁଳାନନ୍ଦ ବେହେରା, ପଦ୍ମଚରଣ ଭୋଇ, ଡଃ ସତ୍ୟଭୂଷଣ ନାୟକ, ଦିଲ୍ଲୀପ କୁମାର ଦାସ, ସୁରେଶ ସାହୁ ଓ କବି ସେଠୀ ପ୍ରମୁଖ ଉପସ୍ଥିତ ରହି ବୀର ସହିଦଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଅପରପକ୍ଷରେ, ରତନପୁର ଗଜାବରଠାରେ ସହିଦଙ୍କ ପରିବାର ପକ୍ଷରୁ ବଳିଦାନ ଦିବସ ପାଳନ କରାଯାଇଛି। ଆତ୍ମାରାମ ବାଳାଶ୍ରମ ନୂଆଗାଁ ମଠର ଗଣେଶ ବାବା ଓ ସଦସ୍ୟମାନେ ପହଞ୍ଚି ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନାମ ସଂକୀର୍ତ୍ତନ ଓ ଗୀତାପାଠ କରିଥିଲେ। କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ କେଦାର ନାଥ ସାହୁ ମଧ୍ୟ ସହିଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିଭଳି ଚନ୍ଦ୍ରମଉଳିସ୍ଥିତ ସଦା ଦାସ ତୋଟା ଶ୍ମଶାନରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଚାରିଛକ ପ୍ରେସ୍ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ସାମ୍ବାଦିକ ବସନ୍ତ କୁମାର ମଲ୍ଲ, ପ୍ରଶାନ୍ତ କୁମାର ସାହୁ ଏବଂ ନିରାଶ୍ରୟ ସେବାଶ୍ରମର ସଭାପତି ମାନସ କୁମାର ପାଢ଼ୀ ଓ ସମ୍ପାଦକ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଦେହାନ୍ତ

**ନୟାଗଡ଼,୧୪।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଞ୍ଚଳର ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କର ୧୦୧ ବର୍ଷ ବୟସରେ ତାଙ୍କର ବାସଭବନରେ ଶୁକ୍ରବାର ରାତିରେ ଦେହାନ୍ତ ହୋଇଯାଇଛି। ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସ୍ୱର୍ଗତ ଦାସ ପ୍ରଜାମଣ୍ଡଳ ଆନ୍ଦୋଳନରେ ବାନରସେନା ଦଳରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସ୍ୱାଧୀନୋତ୍ତର କାଳରେ ସେ ଜଣେ ସ୍ୱାଧୀନଚେତା ନାଗରିକ ଭାବରେ ଅନ୍ୟାୟ ଦୁର୍ନୀତି ବିରୋଧରେ ନିର୍ଭୀକ ମତପୋଷଣ କରିବାରେ ବେଶ୍ ଜନାଦୃତ ଥିଲେ। ଓଡ଼ଗାଁ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ତାଙ୍କର ମୃତ୍ୟୁ



ସମୟରେ ତାଙ୍କର ପୁତ୍ର ଡଃ ବେଣୁଧର ଦାସଙ୍କ ସହିତ ଅନ୍ୟାନ୍ୟ ପରିବାର ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଋଣ ମେଳା

**ବେଗୁନିଆ,୧୪।୨/ଏନ୍ଏନ୍ଏସ୍:** ସ୍ୱୟଂ ସହାୟକ ଗୋଷ୍ଠୀ, କିଶାନ କ୍ରେଡିଟ୍ ଲୋନ୍, ବିଭିନ୍ନ ସରକାରୀ ସ୍କିମ୍ ଋଣ, ପେନ୍‌ସନ୍ ଓ ବ୍ୟକ୍ତିଗତ ଋଣ ପ୍ରଦାନ ମେଳା ଆଜି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଛଣଗିରି ମେଲଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଷ୍ଟେଟ ବ୍ୟାଙ୍କ କ୍ରେଡିଟ୍ ଓ ଏନପିଏ ମୁଖ୍ୟ ପ୍ରବନ୍ଧକ ରାଜ କିଶୋର ସେଠୀ, ଛଣଗିରି ଷ୍ଟେଟ ବ୍ୟାଙ୍କ ପରିଚାଳକ ସାର୍ଥକ ସାମନ୍ତରାୟ ଓ ବିପିସି ରଶ୍ମିତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇ ଋଣ ଗ୍ରହୀତା ନିଜେ ନିଜ ଗୋଡ଼ରେ ଛିଡ଼ା ହୋଇ ସମାଜରେ ନିଜର ସ୍ଥିତିକୁ ମଜବୁତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଏହି ଋଣ ଅର୍ଥ କୁ ସଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେବା ସହିତ



ଋଣ ଅର୍ଥର ବିନିଯୋଗ ଓ ଆଦାୟ ସମ୍ପର୍କରେ ଉପସ୍ଥିତ ଋଣ ଗ୍ରହୀତାମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଏସବିଆଇ ଶାଖା ଅଧିନସ୍ଥ ସମୁଦାୟ ୬୦ଟି ବିଭିନ୍ନ ଋଣ ବାବଦକୁ ୩ କୋଟି ୭୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ଋଣ ମେଳାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଗ୍ରାହକ ଉପସ୍ଥିତ ରହିଥିଲେ।

## ନିଖୋଜ ଗୋକୁଳଙ୍କ ଶବ ଜଙ୍ଗଲରୁ ଉଦ୍ଧାର

**ନୟାଗଡ଼,୧୪।୨/ଏନ୍ଏନ୍ଏସ୍:** ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଳିସାହି ଫାଣ୍ଡି ନିକଟ ଗୁଡୁପାଙ୍ଗି ଗ୍ରାମର ଶଙ୍କର ପ୍ରଧାନଙ୍କ ପୁତ୍ର ଗୋକୁଳ ପ୍ରଧାନ (ପନ୍ଦାରି)(୬୧)ଙ୍କର ଶବ ଉଦ୍ଧାର କରାଯାଇଛି। ସେ ୬ ଦିନ ଧରି ନିଖୋଜ ଥିଲେ। ସେ ଗତ ସୋମବାର ଦିନ ସାଇକେଲ ଓ କଟୁରି ଧରି ଜଙ୍ଗଲ ଜଗିବାକୁ ଗାଁ ପାଳିରେ ରୋହିସାହି ଗ୍ରାମ ନିକଟ ଦଧିନଉତି ଜଙ୍ଗଲକୁ ଯାଇଥିଲେ। ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ପରେ ପରିବାର ଲୋକେ ପୁଲିସରେ ଖବର ଦେଇଥିଲେ। ଶନିବାର ଜଙ୍ଗଲକୁ ଶୁଖିଲା ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ଲୋକ କାଠ ଖୋଜୁଥିବା ବେଳେ ଦରପୋଡ଼ା ଅବସ୍ଥାରେ ମୃତ୍ୟୁବରଣ କରିଥିବା ଗୋକୁଳର ଶବକୁ ଦେଖିଥିଲେ। ଏକଥା ଜଣାପଡ଼ିବା ପରେ ଗୋକୁଳର ପରିବାର ଲୋକେ ଜଙ୍ଗଲକୁ ଯାଇ ଶବ ଚିହ୍ନଟ କରିଥିଲେ। ତାଙ୍କର ଦରପୋଡ଼ା ମୃତଦେହକୁ ଦେଖିଥିବା ବେଳେ ଜଙ୍ଗଲକୁ ନେଇ ଯାଇଥିବା କଟୁରି ଓ ସାଇକେଲ ପାଖରେ ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ତାଙ୍କର ଅର୍ଦ୍ଧାଧିକ ଶରୀର ପୋଡ଼ି ଯାଇଥିଲା। ଜଙ୍ଗଲରେ କେମିତି ପୋଡ଼ିଲେ ବୋଲି ଗ୍ରାମବାସୀଙ୍କ ମନରେ ନାନା ସନ୍ଦେହ ଉଙ୍କିମାରିଛି। ବନ୍ୟଜନ୍ତୁ ଶିକାର କରିବା ପାଇଁ କିଏ ବିଦ୍ୟୁତ ତାର ଟାଣିଥିବା ବେଳେ ସେହି କରେଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

## ଛାତ୍ରୀଙ୍କ ଉତ୍କଳ ଭଞ୍ଜ ସ୍ମୃତିସ୍ଥଳ ପରିଭ୍ରମଣ

**ଓଡ଼ଗାଁ,୧୪।୨/ଏନ୍ଏନ୍ଏସ୍:** ଓଡ଼ଗାଁସ୍ଥିତ ପିଏମ୍‌ଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନକରି ଜ୍ଞାନ ଆହରଣ କରିଛନ୍ତି। ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ନୋଡାଲ ଶିକ୍ଷକ ପରମାନନ୍ଦ ଦଳାଇଙ୍କ ନେତୃତ୍ୱରେ ବିଦ୍ୟାଳୟ ସ୍ତରୀୟ ଶିକ୍ଷାସମ୍ବନ୍ଧୀୟ ପରିଭ୍ରମଣ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୮୦ ଜଣ ଛାତ୍ରୀ ଚାରିଗୋଟି ବସ୍ ଯୋଗେ ଭଞ୍ଜନଗରର ନିକଟସ୍ଥ ବନବିହାର ବିଜୁପଟ୍ଟନାୟକ ପାର୍କ କୁଲାଡରେ ଅବସ୍ଥିତ ମା’ବାଗଦେବୀ ପୀଠ, ଉତ୍କଳଭଞ୍ଜ ସ୍ମୃତିସ୍ଥଳ ପରିଭ୍ରମଣ କରି ଜ୍ଞାନହାସଲ କରିଥିଲେ।



# ପ୍ରହସନ ପାଲଟିଛି ସଚେତନତା

**ଓଡ଼ଗାଁ,୧୪।୨/ଏନ୍ଏନ୍ଏସ୍:** ସୁସ୍ଥ ନାରୀ, କନ୍ୟାଭ୍ରୁଣ ହତ୍ୟା, ନାବାଳିକା ଚାଲାଣ ଓ ବାଲ୍ୟବିବାହ ଉପରେ ସମସ୍ତଙ୍କୁ ସଚେତନ କରିବାକୁ ସରକାର ଯୋଜନା କାର୍ଯ୍ୟକାରି କରିଆସୁଛନ୍ତି। କିନ୍ତୁ ସରକାରୀ କର୍ମଚାରୀଙ୍କ ମନମୁଖୀ ପାଇଁ ନାରୀ ଓ ଶିଶୁମାନଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଓଡ଼ଗାଁ ବ୍ଲକ୍ ମଗରବନ୍ଧ ପଞ୍ଚାୟତ ସାବିଦେଇପୁର ଗ୍ରାମରେ ପାଲା ମାଧ୍ୟମରେ ଚାଲିଥିବା ସଚେତନତାରୁ ଏହା ଜଣାପଡ଼ିଛି। ଆଜି ଦିନ ୧୧ଟା ସମୟରେ ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସମ୍ପର୍କିତ ସୁସ୍ଥନାରୀ, କନ୍ୟାଭ୍ରୁଣ ହତ୍ୟା,ନାବାଳିକା ଚାଲାଣ ଓ ବାଲ୍ୟବିବାହ ଉପରେ ରୋକ ଲଗାଇବା ପାଇଁ ସଚେତନ କରାଯାଉଥିଲା। ଏଥିରେ ଅଙ୍ଗନବାଡ଼ି କର୍ମୀ,ଆଶାକର୍ମୀ



ଉପସ୍ଥିତଥିଲେ କିନ୍ତୁ ପାଲା ପରିବେଷଣ ପୂର୍ବରୁ କାହାରିକୁ ସୂଚନା ଦିଆ ଯାଇନଥିଲା। ଏମିତିକି ପାଲା ପରିବେଷଣ ପାଇଁ ଡ଼ାକବାଜୀ ଯନ୍ତ୍ର ମଧ୍ୟ ନଥିବାରୁ ନିଜନିଜ ମଧ୍ୟରେ ପାଲା ପରିବେଷଣ କରି ସାରି ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ସଚେତନତାକୁ କିଭଳି ପାଳନ କରାଯାଉଛି ତାହା ଉପରେ କାହାରି ଟିକେବି ନଜର ନଥିବା ସମସ୍ତଙ୍କୁ ଚକିତ କରିଛି । ପାଲା ପରିବେଷଣ ପାଇଁ ଗାଁ କଲ୍ୟାଣ ସମିତି ପାଣ୍ଠିରୁ ୧୫ଶହ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏସବୁ ବେକାର ବୋଲି ଗ୍ରାମବାସୀ କହିଛନ୍ତି। ଏହାର ତଦନ୍ତକରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ତମାଣ୍ଡୋ ପ୍ରିମିୟର ଲିଗ୍: ବିଜେତା ୱାରିୟର୍ସଙ୍କୁ ହରାଇଲା ଟିସିସି

**ମୁଣ୍ଡମୁହାଣ,୧୪।୨/ଏନ୍ଏନ୍ଏସ୍:** ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅଷ୍ଟମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିର ସପ୍ତମ ଲିଗ୍ ମ୍ୟାଚ୍‌ରେ ବିଜେତା ୱାରିୟର୍ସକୁ ୪ ୱିକେଟ୍‌ରେ ପରାସ୍ତ କରି ଟିସିସି ବିଜୟୀ ହୋଇଛି। ବିଜେତା ୱାରିୟର୍ସ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୧ ରନ୍ କରିଥିଲା। ଦଳ ପକ୍ଷରୁ ଜି. ଲାବଣ ୨୬ ବଲ୍‌ରେ ସର୍ବାଧିକ ୫୦ ରନ୍ ଏବଂ ଆଦର୍ଶ ବର୍ମା ୩୭ ବଲରେ ୫୨ ରନ୍ କରିଥିଲେ। ବିପକ୍ଷ ଦଳର ନିରଞ୍ଜନ ବେହେରା ୪ ଓଭରରେ ୩୦ ରନ୍ ଦେଇ ୩ଟି ବିକେଟ୍ ଏବଂ ସୁଶୀଲ ବାରିକ ୪ ଓଭରରେ ୨୩ ରନ୍ ଦେଇ ୨ଟି ୱିକେଟ୍ ନେଇଥିଲେ। ୧୪୨ ରନ୍‌ର ବିଜୟଲକ୍ଷ୍ୟକୁ ଟିସିସି ଦଳ ମାତ୍ର ୧୦.୧ ଓଭରରେ ୬ ୱିକେଟ୍ ହରାଇ ହାସଲ କରି ନେଇଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ୨୩ ବଲରେ ୩୭ ରନ୍ ଏବଂ ସିଦ୍ଧାନ୍ତ ଜେନା ୧୦ ବଲ୍‌ରେ ୩୨ ରନ୍ କରିଥିଲେ। ବିଜେତା ୱାରିୟର୍ସ ପକ୍ଷରୁ ପ୍ରଶାନ୍ତ ଆଲୁ ୪ ଓଭରରେ ୪୯ ରନ୍ ଦେଇ ୪ଟି ବିକେଟ୍ ନେଇଥିଲେ। ବିଜୟୀ ଦଳର ନିରଞ୍ଜନ ବେହେରା ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇ ଆଜିର ଅତିଥି ବିଏମ୍‌ସି ୫୨ ନମ୍ବର ୱାର୍ଡର କର୍ପୋରେଟର ଧୀରେନ୍ଦ୍ର ବେହେରାଙ୍କଠାରୁ ପୁରସ୍କାର ଗ୍ରହଣ





କରିଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ସୁମେନ୍ଦ୍ର ପାତ୍ର ଏବଂ ବିଭୂପ୍ରସାଦ ଚୌଧୁରୀ। ଆସନ୍ତାକାଲି ଏମ୍ଏମ୍‌ସିସି ସମ୍ବଲପୁର ଏବଂ ଏମ୍‌ସିସି କାକଟପୁର ମଧ୍ୟରେ ମୁକାବିଲା ହେବ।

ନିତି ଭାରତୀ

ଜ୍ଞାନ ହିଁ କେବଳ ଅଜ୍ଞତାକୁ ଧ୍ୱଂସ କରିପାରେ, ଠିକ୍ ଯେପରି ଆଲୋକ ଅନ୍ଧକାରକୁ ଧ୍ୱଂସ କରି ଦେଇଥାଏ । ମହାଶିବରାତ୍ରି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । - ଅଦ୍ୱୈତ ବେଦାନ୍ତ

# ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି



ଲଳିତେନ୍ଦୁ ପଲାଉରୀ

ଦୀର୍ଘ ୧୮ବର୍ଷ ପ୍ରତୀକ୍ଷାର ଅନ୍ତ । ଚଳିତ ବର୍ଷ ଜାନୁଆରୀ ୨୭ରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷର ହୋଇଛି ମୁକ୍ତ ବାଣିଜ୍ୟ ଚୁକ୍ତିନାମା । ବିଶ୍ୱର ଦ୍ୱିତୀୟ ଅର୍ଥନୈତିକ ମହାଶକ୍ତି ୟୁରୋପୀୟ ସଂଘ ଓ ଚତୁର୍ଥ ବୃହତ୍ ଅର୍ଥନୀତି ଭାରତ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ପରେ ୯୦ରୁ ୯୯ ପ୍ରତିଶତ ଉତ୍ପାଦ ଉପରେ ଦ୍ୱିପାକ୍ଷିକ ବ୍ୟବସାୟ ସହଜ ହୋଇ ପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବାଣିଜ୍ୟ ଚୁକ୍ତିକୁ ମଦର ଅଫ୍ ଡିଲସ୍ ବୋଲି କହିଛନ୍ତି । ଏହି ଚୁକ୍ତି ଦୁଇ ପକ୍ଷ ମଧ୍ୟରେ ବାଣିଜ୍ୟ ଓ ନିବେଶକୁ ବୃଦ୍ଧି କରିବ । ବିଶ୍ୱର ଦୁଇ ବୃହତ୍ ଶକ୍ତି ମଧ୍ୟରେ ଏହି ରାଜିନାମା ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସରେ ଉଭୟ ପକ୍ଷର ସ୍ୱତନ୍ତ୍ର ପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ୟୁରୋପୀୟ କମିଶନ ଚିଫ୍ ଉର୍ସୁଲା ଭନ୍ ଡେର ଲିୟେନ ଏବଂ ୟୁରୋପୀୟ କାଉନସିଲ ଚିଫ୍ ଆଣ୍ଟୋନିଓ କୋଷ୍ଟାଙ୍କ ସହ ଏହି ମୁକ୍ତ ବାଣିଜ୍ୟ ଚୁକ୍ତିରେ ମୋହର ବାଜିଛି । ଚୁକ୍ତି ସ୍ୱାକ୍ଷର ପରେ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରୀୟ ଅତିଥି ଭାବେ ଯୋଗ ଦେଇଥିବା ୟୁରୋପୀୟ ସଂଘର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲିୟେନ୍ କହିଥିଲେ, ଯେତେବେଳେ ଭାରତ ସଫଳ ହୁଏ, ସେତେବେଳେ ବିଶ୍ୱରେ ଅଧିକ ସ୍ଥିରତା ଆସେ, ସମୃଦ୍ଧି ଓ ସୁରକ୍ଷା ବଢ଼େ । ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତି ଆମେରିକାକୁ ମଧ୍ୟ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତିରେ ତୁରନ୍ତ ହସ୍ତାକ୍ଷର ପାଇଁ ବାଧ୍ୟ କରିଛି । ତେବେ ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ବାଣିଜ୍ୟ ରାଜିନାମା ଭାରତର କୃଷି ଓ ଉଦ୍ୟୋଗ ସମେତ ୟୁରୋପ୍‌ର ୨୭ଟି ଦେଶରେ ସମୃଦ୍ଧି କ୍ଷେତ୍ରରେ ବେଶ୍ ସହାୟକ ହେବ । ଏହି ରାଜିନାମା ବିଶ୍ୱରେ ଯୋଗାଣ ଶୃଙ୍ଖଳକୁ ମଧ୍ୟ ମଜଭୁତ କରିବ । ଭାରତର ଉତ୍ପାଦ କ୍ଷେତ୍ର ମଧ୍ୟ ବେଶ୍ ମଜଭୁତ ହେବ । ଦୁଇ ବୃହତ୍ ଶକ୍ତି ମଧ୍ୟରେ ଏହି ରାଜିନାମା ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ଜାରି ରହିଥିବା ଅସ୍ଥିରତାକୁ ସ୍ଥିରତା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଉଭୟ ପକ୍ଷର ଲୋକଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ମଧ୍ୟ ରହିଛି । ତେଣୁ ଭାରତରେ ୟୁରୋପୀୟ ସଂଘର ଲିଗାଲ ଗେଟ୍‌ୱେ ଅଫିସ ଖୋଲାଯିବ । ଏହା ଭାରତୀୟ ଯୁବ ବର୍ଗ ଏବଂ ପ୍ରଫେସନାଲଙ୍କୁ କର୍ମ ନିଯୁକ୍ତି ପାଇଁ ସହାୟତା ପ୍ରଦାନ କରିବ । ଯେଉଁମାନେ ୟୁରୋପ୍‌ରେ ଉଚ୍ଚଶିକ୍ଷା ପ୍ରାପ୍ତି, କର୍ମ ସଂସ୍ଥାନ କିମ୍ବା ସ୍ଥାୟୀ ବାସିନ୍ଦା ହେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହି ଲିଗାଲ ଗେଟ୍‌ୱେ ଅଫିସ ସହାୟକ ହୋଇ ପାରିବ । ଆସନ୍ତା ୨୦୨୭ରୁ ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଲାଗୁ ହେବାର ସମ୍ଭାବନା ରହିଛି ।

ଭାରତ-ୟୁରୋପୀୟ ରାଷ୍ଟ୍ରସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଦ୍ୱାରା ଭାରତରେ ୟୁରୋପୀୟ କାର୍ ବିଏମ୍‌ଡବ୍ଲ୍ୟୁ, ମର୍ସିଡିଜ୍ ଭଳି ବିଳାସପୂର୍ଣ୍ଣ କାର୍‌ଗୁଡ଼ିକ ଉପରେ ୧୧୦ ପ୍ରତିଶତ ଟିକସ ହ୍ରାସ ପାଇ ଏହା ମାତ୍ର ୧୦ ପ୍ରତିଶତ ହୋଇପାରେ । ଏଥି ସହ ଭାରତକୁ ୟୁରୋପ୍‌ରୁ ଆମଦାନୀ ହେଉଥିବା ମାଦକ ସାମଗ୍ରୀ ଉପରେ ଏବେ ଲାଗୁ ଥିବା ୧୫୦ ପ୍ରତିଶତ କର ହଟାଇ ୨୦ରୁ ୩୦ ପ୍ରତିଶତ କରାଯିବାର ସମ୍ଭାବନା ରହିଛି । ବିଶ୍ୱ ଜିଡିପିର ୨୫ ପ୍ରତିଶତ ଓ ବାଣିଜ୍ୟର ଏକ-ତୃତୀୟାଂଶ ଉଭୟ ୟୁରୋପ୍ ରାଷ୍ଟ୍ରସଂଘ- ଭାରତର ମୁକ୍ତ ବାଣିଜ୍ୟ ଦ୍ୱାରା ତ୍ୱରାନ୍ୱିତ ହୋଇ ପାରିବ ବୋଲି ଆଶା । ଭାରତର ୯୯%ରୁ ଅଧିକ ସାମଗ୍ରୀ ୟୁରୋପୀୟ ବଜାରରେ ବିନା ଶୁଳ୍କରେ ପ୍ରବେଶ କରିବ । ପୋଷାକ, ଚମଡ଼ାଜାତ ଦ୍ରବ୍ୟ, ମାଛ, ଗହଣା ରପ୍ତାନୀକୁ ସିଧା ଫାଇଦା ମିଳିବ । ଚାଷୀମାନଙ୍କ ହିତକୁ ଧ୍ୟାନରେ ରଖି, ବିଶେଷକରି କ୍ଷୀର, ଖାଦ୍ୟଶସ୍ୟ, ଫଳ, ପନିପରିବାକୁ ଏହି ବାଣିଜ୍ୟ ଚୁକ୍ତିରୁ ବାଦ୍ ଦିଆଯାଇଛି । ତେଣୁ ଜୁନ୍ ୨୦୦୭ରୁ ଭାରତ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ପରିକଳ୍ପନା ଶେଷରେ ବାସ୍ତବ ରୂପ ନେଇଛି । ୨୦୧୩ ଅକ୍ଟୋବରରେ କୃଷି ଏବଂ ଅଟୋ ପେଟେଣ୍ଟ ନେଇ ଚୁକ୍ତି ହସ୍ତାକ୍ଷରରେ ବାଧା ଉପୁଜିବାରୁ ଉଭୟ ଭାରତ ଓ ଇୟୁ ସହମତ ହୋଇ ନଥିଲେ । ୨୦୧୪ରୁ ୨୦୨୦ଯାଏଁ ଏହି ରାଜିନାମା ନେଇ କୌଣସି ଅଗ୍ରଗତି ହୋଇ ନଥିଲା । ତେବେ ୨୦୨୧ ମେ’ ପରେ ପୁଣି ଆରମ୍ଭ ହୋଇଥିଲା ଆଲୋଚନା । ୨୦୨୩-୨୪ରେ ଉଭୟ ଭାରତ ଓ ଇୟୁ ଯୋଗାଣ ଶୃଙ୍ଖଳ ଆରମ୍ଭ ଉପରେ ଜୋର୍ ଦେଇଥିଲେ । ଫେବୃଆରୀ ୨୦୨୫ରେ ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଚୂଡ଼ାନ୍ତ ରୂପ ଦିଆଗଲା । ଚଳିତ ବର୍ଷ ୨୭ ଜାନୁଆରୀରେ ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଲା । ଭାରତ ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ସ୍ୱାକ୍ଷର ହେଲା ମୁକ୍ତ ବାଣିଜ୍ୟ ଚୁକ୍ତି ।

ତେବେ ଭାରତ-ଇୟୁ ମଧ୍ୟରେ ଏହି ଚୁକ୍ତି ବାଣିଜ୍ୟ ରାଜିନାମା ପାକିସ୍ତାନ ପାଇଁ ଏକ ଅଡୁଆ ସ୍ଥିତି ସୃଷ୍ଟି କରିଛି । ଏହା ପାକିସ୍ତାନରେ ୧ କୋଟି ନିଯୁକ୍ତିକୁ ବିପଦରେ ପକାଇଛି । ପାକିସ୍ତାନ ପାଇଁ କୋଟି କୋଟି ଡଲାର କ୍ଷତି ହେବାର ଆଶଙ୍କା ବଢ଼ି ଯାଇଛି । ଇୟୁ ସହିତ ପାକିସ୍ତାନର ‘ଶୂନ୍ୟ-ଶୁଳ୍କ ମଧୁଚନ୍ଦ୍ରିକା’ ଶେଷରେ ଅନ୍ତ ହୋଇଛି । ପୂର୍ବରୁ ୟୁରୋପୀୟ ରାଷ୍ଟ୍ରସଂଘର ଜିଏସ୍‌ପି ପ୍ଲସ୍ ଯୋଜନା ଦ୍ୱାରା ପାକିସ୍ତାନ ତା’ର ପ୍ରାୟ ୬୬% ଉତ୍ପାଦ ୟୁରୋପକୁ ବିନା ଟିକସରେ ରପ୍ତାନି କରୁଥିଲା । ପାକିସ୍ତାନ ୨୦୧୪ ମସିହାରୁ ପାଇଥିବା ଜିଏସ୍‌ପି ପ୍ଲସ୍ ସୁବିଧା ଡିସେମ୍ବର ୨୦୨୭ ରେ ଶେଷ ହେବାକୁ ଯାଉଛି । ତେଣୁ ଆଗାମୀ ଦିନରେ ପାକିସ୍ତାନ ସହ ୟୁରୋପୀୟ ରାଷ୍ଟ୍ରସଂଘ ଆଗକୁ ସଂପର୍କ ବୃଦ୍ଧି ନକଲେ ପାକିସ୍ତାନ ପାଇଁ ଏହା ଆର୍ଥିକ ଦୃଷ୍ଟିରୁ ଅଧିକ ବିପଦ ଆଣିବ, କାରଣ ୟୁରୋପୀୟ ରାଷ୍ଟ୍ରସଂଘ ପାକିସ୍ତାନର ସର୍ବବୃହତ୍ ରପ୍ତାନି ବଜାର । ବିଶ୍ୱରେ ବର୍ତ୍ତମାନ ଚାଲିଥିବା ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭାରତର ଅର୍ଥନୀତି କିନ୍ତୁ ବେଶ୍ ଉତ୍ସାହଜନକ ଓ ଭରସାଦାୟକ ସାବ୍ୟସ୍ତ ହୋଇଛି । ବିଶ୍ୱ ବଜାରରେ ଅନିଶ୍ଚିତତା ଭିତରେ ଭାରତ କିନ୍ତୁ ତା’ର ଅଭିବୃଦ୍ଧି ବଜାୟ ରଖିଛି । ଗତ ଦଶ ମାସ ଧରି ଆମେରିକାର ଶୁଳ୍କ ହାର ବୃଦ୍ଧି ଏବଂ କଠୋର ବାଣିଜ୍ୟ ନୀତି ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଗମ୍ଭୀର ମାନ୍ଦାବସ୍ଥା ସୃଷ୍ଟି କରିଛି । ତେଣୁ ଆମେରିକାର କଠୋର ଶୁଳ୍କ ବ୍ୟବସ୍ଥା ରପ୍ତାନିକାରୀଙ୍କ ଲାଭକୁ ହ୍ରାସ କରିଛି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ-ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏକ ପ୍ରମୁଖ ଜୀବନରେଖା ଭାବରେ ଉଭା ହୋଇଛି । ଶୁଳ୍କମୁକ୍ତ ସ୍ଥିତି ଯୋଗୁଁ ଭାରତୀୟ ଉତ୍ପାଦଗୁଡ଼ିକ ଅନ୍ୟ ଦେଶଗୁଡ଼ିକ ତୁଳନାରେ ୟୁରୋପୀୟ ବଜାରରେ ଯଥେଷ୍ଟ ଶସ୍ତା ଏବଂ ଅଧିକ ପ୍ରତିଯୋଗିତାମୂଳକ ହୋଇପାରିବ । ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ ତଥ୍ୟ ଅନୁଯାୟୀ କେବଳ ଗତ ବର୍ଷ ଭାରତ-ୟୁରୋପ ମଧ୍ୟରେ ରପ୍ତାନି ପ୍ରାୟ ୪୮,୦୦୦ କୋଟି ଟଙ୍କା ଥିଲା । ଏବେ ନୂତନ ଦେଶ ଯୋଡ଼ି ହେବା ଦ୍ୱାରା ଏହି ସଂଖ୍ୟା ରେକର୍ଡ ସ୍ତରରେ ପହଞ୍ଚି ପାରେ । ଭାରତ ସହ ୟୁରୋପର ସଂପର୍କ ଦୃଢ଼ ହେବାକୁ ଦେଖି ଆମେରିକା ମଧ୍ୟ ଭାରତ ଉପରେ ଟାରିଫ ହ୍ରାସ କରିଛି । ୨୦୨୫ ଅଗଷ୍ଟରେ ଆମେରିକା ଭାରତ ଉପରେ ଦୁଇଟି ଶୁଳ୍କ ଲାଗୁ କରିଥିଲା । ପ୍ରଥମଟି ଅଗଷ୍ଟ ୧ ରେ ୨୫ପ୍ରତିଶତ ଶୁଳ୍କ ଓ ଅଗଷ୍ଟ୨୭ରେ ଭାରତ ରୁଷରୁ ତୈଳ କିଣା ନେଇ ଆଉ ୨୫ପ୍ରତିଶତ ଶୁଳ୍କ ଲାଗୁ କରିଥିଲା ଆମେରିକା । ବର୍ତ୍ତମାନ ଆମେରିକା ଭାରତ ଉପରେ ଲାଗୁ କରିଥିବା ୨୫ପ୍ରତିଶତ କରକୁ ହ୍ରାସ କରି ଏହାକୁ ୧୮ ପ୍ରତିଶତରେ ରଖିଛି । ନିଜେ ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଏହା ଉଲ୍ଲେଖ କରିଛନ୍ତି । ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆ-ୟୁରୋପ ଫୋରମ ୨୦୨୬ରେ ଯୋଗ ଦେଇ ଗ୍ରିକ୍ ପ୍ରତିରକ୍ଷା ମନ୍ତ୍ରୀ ନିକୋସ୍ ଡେଣ୍ଡିଆସ୍ ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ରାଜିନାମାଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି । ବିଶ୍ୱରେ ଭାରତ ହେଉଛି ସବୁଠାରୁ ବଡ ଉପଭୋକ୍ତା ବଜାର ଓ ୬୦ପ୍ରତିଶତ ଯୁବବର୍ଗଙ୍କ ଦେଶ । ତେଣୁ ଆଗାମୀ ଦିନରେ ୟୁରୋପ ସହ ଆମର ମୁକ୍ତ ବାଣିଜ୍ୟ ଅର୍ଥନୀତି ଆମ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବେସ୍ ସହାୟକ ହେବ ବୋଲି ଆଶା କରାଯାଉଛି ....


ବାଲିପଣ୍ଡାଳ,ନଗର ଅସ୍ତରଙ୍ଗ,ପୁରୀ
ମୋବାଇଲ -୯୭୭୮୬୯୭୦୩୬


# ଶ୍ରୀକ୍ଷେତ୍ରରେ ଶ୍ରୀଲୋକନାଥଙ୍କ ଜାଗର ଯାତ୍ରା



ପ୍ରସନ୍ନ କୁମାର ମିଶ୍ର

ଶ୍ରୀକ୍ଷେତ୍ର ପୁରୀ ମୁଖ୍ୟତଃ ଏକ ବୈଷ୍ଣବ କ୍ଷେତ୍ର ହେଲେ ହେଁ ଏହା ଶୈବ, ବୈଷ୍ଣବ ଓ ଶାକ୍ତ ଧର୍ମ ମିଳନର ସ୍ଥଳ । ଯେହେତୁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ଏଠାରେ ଏକତ୍ର ଅବସ୍ଥାନ କରି ଅଛନ୍ତି, ସେଥିପାଇଁ ସବୁ କ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ହେତୁ ଏହା ଶ୍ରୀକ୍ଷେତ୍ର । ପୁରୀରେ ଅବସ୍ଥିତ ଶହ ଶହ ଶିବ ମନ୍ଦିର ମଧ୍ୟରୁ ପାଞ୍ଚ ମହାଦେବ- ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀଲୋକନାଥ ଦେବ ଶ୍ରୀମନ୍ଦିର ଓ ଏହାର ପର୍ବପର୍ବାଣି ସହ ବିଶେଷ ଭାବେ ସଂପୃକ୍ତ । ଏହି ପାଞ୍ଚ ମହାଦେବ ବା ‘ପଞ୍ଚୁ ପାଣ୍ଡବ’ ପ୍ରତ୍ୟକ୍ଷ ଭାବେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଓ ଶୀତଳ ଷଷ୍ଠୀ ଯାତ୍ରା ସହ ସଂପୃକ୍ତ ରହୁଥିଲେ ହେଁ ପୃଥକ୍ ପୃଥକ୍ ଭାବେ ଦୋଳଯାତ୍ରା ସମେତ ଅନେକ ଯାତ୍ରାରେ ଅପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ଥାଆନ୍ତି ।

ପୁରୀର ସର୍ବପୁରାତନ ଓ ପ୍ରସିଦ୍ଧ ଶିବ ମନ୍ଦିର ହେଉଛି ଶ୍ରୀଲୋକନାଥ ମନ୍ଦିର । କିମ୍ବଦନ୍ତୀ ଅନୁସାରେ, ଭଗବାନ ଶ୍ରୀରାମଚନ୍ଦ୍ର ତ୍ରେତୟା ଯୁଗରେ ଏଠାରେ ଶ୍ରୀଲୋକନାଥ ଦେବଙ୍କ ଶିବ ଲିଙ୍ଗକୁ ସ୍ଥାପନ କରିଥିଲେ । ଏଥିରେ ଦୁଇଟି ମତବାଦ ରହିଛି । ଉଲ୍ଲେଖ ଅଛି, ସେ ଯୁଗରେ ଲଙ୍କାର ରାଜା ଶିବ ଭକ୍ତ ରାବଣ ପ୍ରତ୍ୟହ ଶ୍ରୀକ୍ଷେତ୍ର ସମୁଦ୍ର ତଟକୁ ଆସି ସେଠାରେ ଥିବା ଏକ ନିର୍ଦ୍ଦିଷ୍ଟ ଦେବସ୍ଥଳୀରେ ଶିବ ଲିଙ୍ଗକୁ ପୂଜା କରୁଥିଲେ । ପୂଜା ପରେ ସେ ଶିବଙ୍କୁ ଯାହା ସ୍ପର୍ଶ କରାଏ, ତାହା ସୁନା ପାଲଟି ଯାଏ । ସେ ସୁନା ନେଇଯାଏ, ମାତ୍ର ଶିବ ଲିଙ୍ଗକୁ ବାଲି ଭିତରେ ଲୁଚାଇ ରଖି ଚାଲିଯାଏ । ଦିନେ ସେ ଭାବିଲା, ପ୍ରତି ଦିନ ଏତେ ଦୂରରୁ ଏଠାକୁ ଆସି ପୂଜା କରିବା ପରିବର୍ତ୍ତେ ଏହି ଶିବ ଲିଙ୍ଗକୁ ସବୁ ଦିନ ପାଇଁ ଲଙ୍କା ଗଡ଼କୁ ନେଇଗଲେ ଭଲ ହେବ । ଏକଥା ବିଷ୍ଣୁ ଜାଣି ଭାବିଲେ ଶିବଙ୍କୁ ଲଙ୍କାପୁରୀ ନେଇଗଲେ ରାବଣ ଅଧିକ ପରାକ୍ରମୀ ହୋଇ ଅତ୍ୟାଚାରୀ ହୋଇଯିବ । ସେଥିପାଇଁ ସେ ଗୋଟିଏ ଗୋପାଳ ବାଳକ ରୂପରେ ଉକ୍ତ ସମୁଦ୍ର ତଟରେ ଏକ ଗାଈ ଗୋଠ ଧରି ରାବଣକୁ ଅପେକ୍ଷା କରି ରହିଲେ । କିଛି ସମୟ ପରେ ରାବଣ ସେଠାକୁ ଆସିଲା ଓ ଶିବ ଲିଙ୍ଗକୁ ହାତରେ ଉଠାଇ ଅଗ୍ରସର ହେଲା । ବିଷ୍ଣୁ ମାୟା କଲେ । ରାବଣକୁ ପରିସ୍ରା ଲାଗିବାରୁ ଶିବ ଲିଙ୍ଗକୁ ତଳେ ନରଖି ପାଖରେ ବୁଲୁଥିବା ଗାଈଆଳ ଟୋକା ରୂପ ଧାରଣ କରିଥିବା ଭଗବାନ ବିଷ୍ଣୁଙ୍କୁ ଦେଖି ଶିବ ଲିଙ୍ଗକୁ ତା’ ହାତରେ ଧରାଇ ଦେଲା ଓ ତଳେ ନ ଥୋଇବା ପାଇଁ ତାଗିଦ କରି ପରିସ୍ରା କରିବା ପାଇଁ ଚାଲିଗଲା । ଏହାର ସୁଯୋଗ ନେଇ ଭଗବାନ ବିଷ୍ଣୁ ତତ୍‌କ୍ଷଣାତ୍ ଉକ୍ତ ଶିବ ଲିଙ୍ଗକୁ ବାଲିରେ ଥୋଇଦେଇ ଅଦୃଶ୍ୟ ହୋଇଗଲେ । ରାବଣ ଫେରିଆସି ଶିବ ଲିଙ୍ଗ ଜଳମଗ୍ନ ହୋଇଥିବା ଦେଖି ବହୁତ ଖୋଜି ନ ପାଇବାରୁ ନିରାଶ ହୋଇ ଲଙ୍କା ବାହୁଡ଼ି ଗଲା ।

ଅନ୍ୟତ୍ର ବର୍ଣ୍ଣିତ ଅଛି- ତେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଯାତ୍ରା କାଳରେ ଶଙ୍ଖ କ୍ଷେତ୍ରକୁ ଆସିଥିଲେ ଏବଂ ନିକଟସ୍ଥ ଏକ ଶବର ପଲ୍ଲୀରେ ବିଶ୍ରାମ ନେଇଥିଲେ । ସେ ପ୍ରତ୍ୟହ ଶିବ ପୂଜା ନ କଲେ ଜଳସ୍ପର୍ଶ କରନ୍ତି ନାହିଁ । ମାତ୍ର ସେଠାରେ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଶିବ ମନ୍ଦିର ନଥିବାରୁ ଶ୍ରୀରାମଚନ୍ଦ୍ର ଶବରମାନେ ଦେଇଥିବା ଗୋଟିଏ ‘ଲାଉକୁ ଶିବ ଲିଙ୍ଗ’ ଜ୍ଞାନ କରି ପୂଜା କରିଥିଲେ ଏବଂ ଉକ୍ତ ଲାଉକୁ ‘ମହାରୁଦ୍ରାଭିଷେକ’ କରାଇ ସେହି ସ୍ଥାନରେ ପ୍ରତିଷ୍ଠା କରିଥିଲେ । ରାମଚନ୍ଦ୍ରଙ୍କ ‘ଆଲବୁ’ ବା ଲାଉର ଉପାସନା କାଳରେ ସ୍ୱୟଂ ଗଙ୍ଗା ବାହାରି ଆସି ଉକ୍ତ ଶିବ ଲିଙ୍ଗକୁ ମହାସ୍ନାନ କରାଇ ଥିଲେ । ଶ୍ରୀଲୋକନାଥଙ୍କ ପ୍ରାଚୀନ ନାମ ଆଲବୁକେଶ୍ୱର । ଉକ୍ତ ଦିବସଟି ଥିଲା ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ, ଯାହାକି ‘ପଙ୍କ ଉଦ୍ଧାର ବା ପଙ୍କଉଦ୍ଧଳା ଏକାଦଶୀ’ ନାମରେ ଖ୍ୟାତ । ପରବର୍ତ୍ତୀ ସମୟରେ ଏହି ଶିବ ଲିଙ୍ଗଙ୍କ ନାମ ଅପଭ୍ରଂଶ ହୋଇ ‘ଲୋକନାଥ’ ନାମରେ ବିଶ୍ୱ ବିଖ୍ୟାତ ହୋଇ ଯାଇଥିଲା ।



ଶ୍ରୀଲୋକନାଥ ଦେବ(ବିଜେ ପ୍ରତିମା)ଙ୍କ ନଗର ବିଜେ

ଏହି ଶିବ ଲିଙ୍ଗ ସବୁ ସମୟରେ ଜଳରେ ସମାଧି ନେଇ ଥାଆନ୍ତି । ସେଥିପାଇଁ ମହାଶିବରାତ୍ରି ବା ‘ଜାଗର ଯାତ୍ରା’ର ଚାରି ଦିନ ପୂର୍ବରୁ ଏକାଦଶୀ ଦିନ ସୂର୍ଯ୍ୟୋଦୟ ପରେ ଲୋକନାଥଙ୍କର ସମସ୍ତ ସେବକ ଓ ଅନେକ ଭକ୍ତ ଅତି ଶୁଦ୍ଧପୂତ ଭାବରେ ସ୍ନାନ କରି ମିଳିତ ଭାବେ ମନ୍ଦିର ଗମ୍ଭୀରା ଭିତରେ ପ୍ରବେଶ କରନ୍ତି ଓ ସେଠାରୁ ଗରା ପରେ ଗରା ଜଳ ନିଷ୍କାସନ କରି ଜଳମଗ୍ନ ଲୋକନାଥଙ୍କୁ ଉଦ୍ଧାର କରନ୍ତି । ବର୍ଷ ମଧ୍ୟରେ କେବଳ ଏହି ଗୋଟିଏ ଦିନ ପ୍ରାୟ ଅର୍ଦ୍ଧରାତ୍ରରେ ସେବକ ଓ ଅପେକ୍ଷାରତ ଭକ୍ତମାନେ ‘ମୂଳ ବିଗ୍ରହ’ଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ଥାଆନ୍ତି, କାରଣ ପରବର୍ତ୍ତୀ ଦିନମାନଙ୍କରେ ଶ୍ରୀଲୋକନାଥ ଦେବ ପୁନଃଜଳମଗ୍ନ ହୋଇ ଯାଇଥାନ୍ତି ।

ଶିବରାତ୍ରି ଦିନ ଶ୍ରୀଲୋକନାଥ ମନ୍ଦିରଠାରେ ବିଖ୍ୟାତ ‘ହରି-ହର ଭେଟ’ ଅନୁଷ୍ଠିତ ହୋଇଥାଏ । ପୂର୍ବ ଦିବସରୁ ଶ୍ରୀମନ୍ଦିର ଭଣ୍ଡାର ଘରେ ଥିବା ଶ୍ରୀଲୋକନାଥଙ୍କ ବିଜେ ପ୍ରତିମା ନୀତି ସଂପାଦନ ପାଇଁ ଲୋକନାଥ ମନ୍ଦିର ଯାତ୍ରା କରି ଥାଆନ୍ତି । ସେ ଶ୍ରୀମନ୍ଦିରର ଭଣ୍ଡାର ରକ୍ଷକ ଥିବାରୁ ତାଙ୍କୁ ଖୋଜାପଡ଼େ । ସେଥିପାଇଁ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀମଦନମୋହନ ଦେବ (ଚଳନ୍ତି ପ୍ରତିମା) ଶ୍ରୀଲୋକନାଥଙ୍କୁ ଠାବ କରି ସଂଖୋଳିବା ନିମନ୍ତେ ଶ୍ରୀଲୋକନାଥ ମନ୍ଦିରକୁ ଯାତ୍ରା କରି ଥାଆନ୍ତି । ସେଠାରେ ପ୍ରସିଦ୍ଧ ‘ହରି-ହର ଭେଟ’ ହୋଇଥାଏ । ଏହି ଦିନ ଶ୍ରୀଲୋକନାଥ ମନ୍ଦିର ସମେତ ଶ୍ରୀକ୍ଷେତ୍ରର ସମସ୍ତ ଶିବ ମନ୍ଦିରରେ ଭକ୍ତମାନେ ନିଜ ନିଜର ମନୋକାମନା ପୂରଣ ପାଇଁ ରାତ୍ରିରେ ଦୀପ ଜାଳି ‘ଉଜାଗର’ ରୁହନ୍ତି । ଏହି ଅବସରରେ ଲୋକନାଥ ମନ୍ଦିର ନିକଟରେ ଦୁଇଦିନିଆ ବିରାଟ ଜାଗର ମେଳା ଅନୁଷ୍ଠିତ ହୋଇଥାଏ ।


ପୁରୀ-୨, ମୋ: ୮୦୧୮୮୭୫୩୩୫


# ପର ଧନ ଦେଖି ବାଉଳା କିଆଁ



ଶ୍ରୀକାନ୍ତ କୁମାର ମହାଳିକ

ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ଚାଲିଛି । କେବଳ ପ୍ରତିଯୋଗିତା ନୁହେଁ, ତୀବ୍ର ପ୍ରତିଯୋଗିତା ଚାଲିଛି । ଅବଶ୍ୟ ପ୍ରତିଯୋଗିତା ହେବାଟା ଭଲ । କାରଣ, ପ୍ରତିଯୋଗିତାମୂଳକ ମନୋଭାବ ହିଁ ବ୍ୟକ୍ତିକୁ,ସମାଜକୁ ଏବଂ ସର୍ବୋପରି ଦେଶକୁ ଆଗକୁ ବଢ଼ିବା ଏବଂ ଗଢ଼ିବା ଦିଗରେ ସହାୟକ ହୋଇଥାଏ । ହେଲେ ତାହା ସକାରାତ୍ମକ ତଥା ଭଲ ଉଦ୍ଦେଶ୍ୟରେ ହେବା ଉଚିତ । ଭଲ ଉଦ୍ଦେଶ୍ୟରେ ହେଲେ ତାହାର ସୁଫଳ କେବଳ ଯେ ବ୍ୟକ୍ତି ପାଇବ ତାହା ନୁହେଁ, ସମାଜ ତଥା ଦେଶ ମଧ୍ୟ ପାଇ ପାରିବ । ମାତ୍ର ଯଦି ତାହା ନକାରାତ୍ମକ (ଯେମିତିକି ଦୁର୍ନୀତି କରିବାରେ ପ୍ରତିଯୋଗିତା, ନିଶା ସେବନରେ ପ୍ରତିଯୋଗିତା, ଦେଖେଇ ହେବାରେ ପ୍ରତିଯୋଗିତା ଇତ୍ୟାଦି) ହୁଏ, ତେବେ ତାହା ମଙ୍ଗଳ ପରିବର୍ତ୍ତେ ସମସ୍ତଙ୍କ ପାଇଁ ଦୁଃଖର କାରଣ ହୋଇଯାଏ । ଆମେ ଏହି ଦେଖେଇ ହେବାର ପ୍ରତିଯୋଗିତା କଥା କହୁଛୁ ଆଜ୍ଞା । ଏହା ବର୍ତ୍ତମାନ ମହାମାରୀ ଭଳି ବ୍ୟାପୁ ଥିବାର ଦେଖିବାକୁ ମିଳେ ।

ନିଜେ ଯାହା ନୁହଁ, ନିଜର ଆର୍ଥିକ ସମ୍ବଳ ବା ରୋଜଗାର ଯାହା ନୁହଁ, ନିଜର ଯୋଗ୍ୟତା ଯାହା ନୁହଁ, ତାହାଠାରୁ ଢେର୍ ଅଧିକ ଦେଖେଇ ହେବାକୁ ଯାଇ ବହୁ ଲୋକ ହୀନସ୍ତା ହେବାରେ ଲାଗିଛନ୍ତି । ଅନ୍ୟର ଖାଦ୍ୟପେୟ, ପୋଷାକପତ୍ର, ଘରଦ୍ୱାର, ସାଜସଜ୍ଜା, ବାହ୍ୟ ଆଡ଼ମ୍ବର ତଥା ଚାକଚକ୍ୟପୂର୍ଣ୍ଣ ଜୀବନଶୈଳୀ ଏବଂ ବିବାହ, ବ୍ରତ ଭଳି କାର୍ଯ୍ୟଗୁଡ଼ିକରେ ଅନ୍ୟ ସହ ପ୍ରତିଯୋଗିତା କରି ଅଯଥା ଋଣଗ୍ରସ୍ତ ହେବା, ନାନାଦି ଦୁଃଖ କଷ୍ଟ ଭୋଗିବା, ପରିବାର ଭିତରେ ଅଶାନ୍ତି ସୃଷ୍ଟି କରିବା, ନିଜର ବା ବାପା ମା’ଙ୍କର କଷ୍ଟ ଉପାର୍ଜିତ ଧନ ସମ୍ପତ୍ତିକୁ ବିକ୍ରି ବନ୍ଧା ଦେଇ ନିଜକୁ ତଥା ପରିବାରକୁ ଘୋର ବିପଦ ମଧ୍ୟକୁ ଠେଲି ଦେଉଥିବାର ଦେଖିବାକୁ ମିଳେ । ଏପରି ଅପରିଣାମଦର୍ଶୀ କାର୍ଯ୍ୟ କରି ଆର୍ଥିକ ସଂକଟରେ ପଡ଼ି କେହି କେହି ଆତ୍ମହତ୍ୟା କରୁଥିବାର ମଧ୍ୟ ଜଣାଯାଏ । ଏହା ହିଁ ବିଡ଼ମ୍ବନା । କେବଳ ସେତିକି ନୁହେଁ, ଦୁର୍ନୀତିର ଏହା ବହୁତ ବଡ଼ ଏକ କାରଣ ବୋଲି ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ । କାରଣ ବାବୁମାନେ ନିଜକୁ ଦେଖେଇ ହେବାକୁ ଯାଇ ନିଜର ଆୟଠାରୁ ଢେର୍ ଅଧିକ ଅର୍ଥ ବ୍ୟୟ କରୁଛନ୍ତି ଏବଂ ଦୁର୍ନୀତି ପରି ଏକ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ରୋଜଗାରଠାରୁ ଯେତେବେଳେ ଜଣେ ଅଧିକ ଅର୍ଥ ବ୍ୟୟ କରିବ, ସେତେବେଳେ ସେ ଚୋରି କରିବ ନାହିଁ ତ ଆଉ କ’ଣ! ଅବୈଧ ଉପାୟ ଅବଲମ୍ବନ କରିବ ହିଁ କରିବ ।

ଏଣୁ ଏପରି ଏକ ଅବାସ୍ତବ, ଅବାଞ୍ଛିତ ଏବଂ କାଳ୍ପନିକ କଷ୍ଟରୁ ଦୂରେଇ ରହିବାର ସବୁଠାରୁ ସହଜ ଏବଂ ସରଳ ଉପାୟ ହେଉଛି ସରଳ ଜୀବନ ଏବଂ ଉଚ୍ଚ ବିଚାର । ପାଖରେ ଯେତିକି ଅର୍ଥ ଅଛି, ସେଥିରେ ଆତ୍ମସନ୍ତୋଷ ଲାଭ କରିବା ଉଚିତ ଏବଂ ତାହାର ସତ୍‌ବିନିଯୋଗ କରିବା ଉଚିତ । ଅନ୍ୟର ହାତୀ ଘୋଡ଼ା ଦେଖି ବାଉଳା ହେବା ଚରମ ମୂର୍ଖାମୀ ବ୍ୟତୀତ ଅନ୍ୟ କିଛି ନୁହେଁ । ଦ୍ୱିତୀୟରେ, ଜଣେ ଭାବିବା ଉଚିତ ଯେ ତା’ଠାରୁ ଦୁନିଆରେ ଆହୁରି ଅଧିକ ଗରିବ ଓ ଅଭାବଗ୍ରସ୍ତ ଲୋକ ମଧ୍ୟ ଅଛନ୍ତି । ସେମାନଙ୍କ ସହ ନିଜକୁ ତୁଳନା କରିବା ଉଚିତ । ତୁଳନା କଲେ ଜାଣି ପାରିବ ଯେ ସେ ଯେଉଁ ସ୍ଥିତିରେ ଅଛି, ସେହି ସ୍ଥିତିରେ ପହଞ୍ଚିବା ପାଇଁ ହୁଏତ କୋଟି କୋଟି ଲୋକ ଲାଳାୟିତ । ଏପରି ଏକ ତୁଳନାତ୍ମକ ଦୃଷ୍ଟିକୋଣ ଦ୍ୱାରା ସନ୍ତୋଷ ମିଳିଥାଏ । ତୁଳନା କରିବା ଦ୍ୱାରା ଭ୍ରାନ୍ତ ମନୋସ୍ଥିତି ଏବଂ ତୃଷ୍ଣାଜନିତ କଷ୍ଟରୁ ଜଣେ ମୁକ୍ତି ପାଇ ପାରିଥାଏ ।


ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଚାନ୍ଦବାଲି, ଭଦ୍ରକ
ମୋ: ୮୬୫୮୪୩୯୭୦୨୪


# ମହାଶିବରାତ୍ରିର ମହତ୍ତ୍ୱ



ଅନନ୍ତ ଗୋପାଳ ପଣ୍ଡା

ପରମାତ୍ମା ପରମେଶ୍ୱରଙ୍କ ନିର୍ଦ୍ଦେଶରେ ଚତୁରାନନଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଜୀବମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠତମ ପ୍ରାଣୀ ଭାବେ ହୁଏ ବିବେଚିତ । କାରଣ, ମନୁଷ୍ୟ ବାକ୍‌ଶକ୍ତି ସହିତ ବୁଦ୍ଧି ଓ ବିବେକ ମଧ୍ୟ ଈଶ୍ୱରଙ୍କ ଦ୍ୱାରା ହୋଇଛି ପ୍ରାପ୍ତ । ସୃଷ୍ଟି ସର୍ଜନା ପ୍ରାରମ୍ଭରୁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଅବିଦ୍ୟା ବା ମାୟା ଦ୍ୱାରା ସମସ୍ତ ଜୀବ ହୋଇଛନ୍ତି ଆଚ୍ଛନ୍ନ । ପୁନଶ୍ଚ, ମନୁଷ୍ୟ ସତ୍ତ୍ୱ, ରଜ ଓ ତମ ଗୁଣର ବନ୍ଧନରେ ହୋଇଛି ଆବଦ୍ଧ । ଏହି ତ୍ରିଗୁଣର ରଜ୍ଜୁ ଛିନ୍ନ କରି ନ ପାରିଲେ ମନୁଷ୍ୟ ବନ୍ଧନରୁ ମୁକ୍ତ ହୋଇ ପାରିବ ନାହିଁ । ଗୁଣାତୀତ ଶିବତ୍ୱ ଲାଭ କରିବାକୁ ହେଲେ ଜୀବ ତ୍ରିଗୁଣାତୀତ ଅବସ୍ଥାରେ ଉପନୀତ ହେବା ଆବଶ୍ୟକ । ଏଥି ନିମିତ୍ତ ଆଶୁତୋଷ ଶଙ୍କରଙ୍କର କୃପା ହିଁ ଆବଶ୍ୟକ । ଜଗତର ହିତ ଲାଗି ଯେ ଅନାୟାସରେ ହଳାହଳ ବିଷକୁ ପାନ କରି ପାରନ୍ତି, ସଗର ରାଜାଙ୍କ ପୁତ୍ର ସହିତ ପାପୀ ତାପୀଙ୍କ ଉଦ୍ଧାର ଲାଗି ଯେ ଗଙ୍ଗାଙ୍କ ଧରାବତରଣର ଭାରକୁ ଅକ୍ଳେଶରେ ସହ୍ୟ କରନ୍ତି, ସେହି ମଙ୍ଗଳମୟ ମହାଦେବଙ୍କ ଶରଣାପନ୍ନ ହେବା ପାଇଁ ଜୀବକୁ ଶିବ ଆରାଧନା କରିବା ପାଇଁ ହେବ । ଶଙ୍କରଙ୍କ ଉପାସନାର ମହାର୍ଘ ମୁହୂର୍ତ୍ତ ହେଉଛି ଶିବରାତ୍ରି ।

ଭାରତୀୟ ଧର୍ମଧାରାରେ ଏକାଧିକ ରାତ୍ରିର ରହିଛି ବିଶେଷ ମହତ୍ତ୍ୱ । ବିଶେଷକରି ଶାକ୍ତ ପରମ୍ପରାରେ ଅନେକ ରାତ୍ରି ସ୍ୱତନ୍ତ୍ର ନାମରେ ନାମିତ ହୋଇ ରାତ୍ରିର ବିଶେଷତ୍ୱକୁ କରୁଛନ୍ତି ପ୍ରଖ୍ୟାପିତ । ଯଥା- ମହାରାତ୍ରି, କାଳରାତ୍ରି, ମୋହରାତ୍ରି, ଦାରୁଣ ରାତ୍ରି, ଘୋର ରାତ୍ରି, ଦିବ୍ୟ ରାତ୍ରି, ସିଦ୍ଧି ରାତ୍ରି ଇତ୍ୟାଦି । ସେହିପରି ଭାବରେ ଶୈବ ପରମ୍ପରାରେ ଶିବରାତ୍ରିର ମହିମା ବିଭିନ୍ନ ପୁରାଣମାନଙ୍କରେ ହୋଇଛି ବର୍ଣ୍ଣିତ । ସନାତନ ଧର୍ମର ଏକ ପ୍ରମୁଖ ପର୍ବ ଭାବରେ ଶୈବ ସମ୍ପ୍ରଦାୟ ସହିତ ସୌର, ଶାକ୍ତ, ଗାଣପତ୍ୟ ଏବଂ ବୈଷ୍ଣବ ସମ୍ପ୍ରଦାୟର ସମସ୍ତ ଭକ୍ତ, ଶ୍ରଦ୍ଧାଳୁ ଏବଂ ଉପାସକମାନଙ୍କ ଦ୍ୱାରା ଜ୍ୟୋତିର୍ଲିଙ୍ଗଙ୍କ ଏହି ଅବିର୍ଭାବ ଦିବସ ମହାଶିବରାତ୍ରି ଭାବରେ ମହାସମାରୋହରେ ହୋଇଥାଏ ପାଳିତ । ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ରାତ୍ରି ଶିବରାତ୍ରି ବା ଜାଗର ଅମାବାସ୍ୟା ରୂପେ ପୁରପଲ୍ଲୀ ସର୍ବତ୍ର ଭକ୍ତିକ ପରିବେଶରେ ହୋଇଥାଏ ଉତ୍ସବମୁଖର । ମୁନି ସନତ୍ କୁମାରଙ୍କ ମତାନୁସାରେ, ଶିବଙ୍କୁ ପ୍ରସନ୍ନ କରିବାର ଦଶ ଗୋଟି ବ୍ରତ ମଧ୍ୟରୁ ମହାଶିବରାତ୍ରି ବ୍ରତ ଅଟେ ସର୍ବଶ୍ରେଷ୍ଠ ଏବଂ ସର୍ବକାମପ୍ରଦ । ଜାବାଲି ଶ୍ରୁତି ଅନୁସାରେ, ଏହି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ ଅଟେ ।

ଏହି ଦିବସର ମହତ୍ତ୍ୱ ସଂପର୍କରେ ରହିଛି ଏକାଧିକ ଆଖ୍ୟାୟିକା । ଦେବତା ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ବାସୁକୀ ନାଗଙ୍କ ମୁଖରୁ ନିର୍ଗତ ବିଷ ପ୍ରଭାବରୁ ସୃଷ୍ଟିକୁ ରକ୍ଷା କରିବା ନିମନ୍ତେ ମଙ୍ଗଳମୟ ଶିବ ଏହାକୁ ପାନ କରିଥିଲେ । ଏହି ହଳାହଳ ବିଷର ଅସହ୍ୟ ଜ୍ୱାଳାରେ ଶଙ୍କର ଜର୍ଜରିତ ହୋଇ ନିଜର ସଂବିତ୍ ହରାଇ ଥିଲେ । ଶିବଙ୍କ ସଂଜ୍ଞା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ ସହିତ ଉଜାଗର ରହି କରିଥିଲେ ପ୍ରାର୍ଥନା । ସେହି ଦିବସଟି ଥିଲା ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି । ସେହି ଦିବସର ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଜାଗର ଜାଳି ଉଜାଗର ଅବସ୍ଥାରେ କରିଥାନ୍ତି ରାତ୍ରି ଯାପନ । ଅନ୍ୟଏକ ପୌରାଣିକ କିମ୍ବଦନ୍ତୀ ଏହି ଦିବସର ମହତ୍ତ୍ୱକୁ ମଧ୍ୟ କରିଅଛି ପ୍ରଖ୍ୟାପିତ । ଶିବ ପୁରାଣର ବର୍ଣ୍ଣନା ଅନୁଯାୟୀ, ଶ୍ୱେତବରାହ କଳ୍ପର ଆଦ୍ୟରେ ପ୍ରଳୟାବସ୍ଥାରେ ବିଷ୍ଣୁଙ୍କ ନାଭି କମଳରୁ ଜାତ ବ୍ରହ୍ମା ନିଜର ଜନ୍ମ ସଂପର୍କରେ ଅବଗତ ହୋଇ ନପାରି ଶଙ୍କାଗ୍ରସ୍ତ ଅବସ୍ଥାରେ ଥିବା ସମୟରେ ବିଷ୍ଣୁ ଦର୍ଶନ ଦେବାରୁ ଉଭୟଙ୍କ ମଧ୍ୟରେ ସୃଷ୍ଟ ଦ୍ୱନ୍ଦ୍ୱର ସମାଧାନ ନିମନ୍ତେ ଉଭୟଙ୍କ ମଧ୍ୟସ୍ଥଳୀରେ ହୋଇଥିଲା ଏକ ଜ୍ୟୋତିର୍ଲିଙ୍ଗଙ୍କର ଅବିର୍ଭାବ । ସେହି ଲିଙ୍ଗଙ୍କର ଆଦି ଅନ୍ତକୁ କଳନା କରିବା ନିମନ୍ତେ ବରାହ ରୂପରେ ବିଷ୍ଣୁ ନିମ୍ନ ଭାଗକୁ ଏବଂ ହଂସ ରୂପରେ ବ୍ରହ୍ମା ଊର୍ଦ୍ଧ୍ୱକୁ କଲେ ଗମନ । କିନ୍ତୁ ଲିଙ୍ଗଙ୍କ ଆଦି ଅନ୍ତ ନିରୂପଣରେ ଉଭୟ ଅସମର୍ଥ ହେବାରୁ ଉଭୟଙ୍କ ମଧ୍ୟରେ ନୀଳ ଲୋହିତ ମୂର୍ତ୍ତି ଧାରଣପୂର୍ବକ ଶିବ ଉଭା ହୋଇ ଦ୍ୱନ୍ଦ୍ୱ କରିଥିଲେ ସମାଧାନ ଏବଂ ତିନି ଜଣ ଏକ ଏବଂ ଅଭିନ୍ନ ବୋଲି କରିଥିଲେ ମତ ପୋଷଣ । ଲିଙ୍ଗଙ୍କର ଆବିର୍ଭାବ ଦିବସଟି ଥିଲା ଫାଲ୍‌ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ରାତ୍ରି । ତେଣୁ ସେହି ଦିବସର ସ୍ମୃତିକୁ ଉଜ୍ଜୀବିତ କରି ଶିବରାତ୍ରି ବା ଜାଗର ହେଉଛି ପାଳିତ ।




ଶିବରାତ୍ରିର ମହିମା ଅଲୌକିକ । ଏହା ସମ୍ପର୍କରେ ଅନେକ ଆଖ୍ୟାୟିକା ପୁରାଣର ପୃଷ୍ଠାରେ ହୋଇଛି ଲିପିବଦ୍ଧ । ମହାଭାରତର ଶାନ୍ତି ପର୍ବରେ ରହିଛି ଏକ ଆଖ୍ୟାୟିକା, ଯାହା ପିତାମହ ଭୀଷ୍ମଙ୍କ ମୁଖରୁ ହୋଇଥିଲା ନିଃସୃତ । ଧର୍ମୋପଦେଶ ଦେବା ଅବସରରେ ଗଙ୍ଗାପୁତ୍ର ଇକ୍ଷ୍ୱାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ କରିଥିଲେ ବର୍ଣ୍ଣନା । ଚିତ୍ରଭାନୁଙ୍କ ରାଣୀ ଥିଲେ ଶିବ ଭକ୍ତ । ସେ ଶିବରାତ୍ରି ଉପବାସ ପାଳନ କରିବା ସମୟରେ ଅଷ୍ଟବକ୍ର ଋଷି ରାଜ ଉଆସରେ ପହଞ୍ଚି ଏହି ବ୍ରତ ପାଳନର କାରଣ ସମ୍ପର୍କରେ ଅବଗତ ହେବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ରାଜା ଜାତିସ୍ମର ଥିବାରୁ ସେ ତାଙ୍କର ପୂର୍ବ ଜନ୍ମର ଏହି ଦିବସ ସମ୍ପର୍କିତ ଏକ ଘଟଣାକୁ କରିଥିଲେ ଅବତାରଣା । ପୂର୍ବ ଜନ୍ମରେ ସେ ଥିଲେ ସୁସ୍ୱର ନାମରେ ନାମିତ ଏକ ଶିକାରୀ । ଦିନେ ଶିକାର ଖୋଜି ବଣରେ ଭ୍ରମଣ କରୁ କରୁ ସନ୍ଧ୍ୟା ଆଗତ ହେବାରୁ ସେ କୁଟୀରକୁ ଫେରି ପାରିଲେ ନାହିଁ । ରାତ୍ରି ଯାପନ ସମୟରେ ଜଙ୍ଗଲର ହିଂସ୍ର ଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରିବା ନିମନ୍ତେ ନିକଟରେ ଥିବା ଏକ ବିଲ୍ୱ ବୃକ୍ଷ ଉପରେ ନେଲେ ଆଶ୍ରୟ । ଭୟ ସଂକୁଳ ଅବସ୍ଥାରେ ନିଜର ପରିବାର କଥା ସ୍ମରଣପୂର୍ବକ ଦୁଃଖ ଓ ସନ୍ତାପରେ ସନ୍ତାପିତ ହେବାରୁ ତାଙ୍କ ଚକ୍ଷୁ ଯୁଗଳରୁ ଲୋତକ ଧାର ନିର୍ଗତ ହେବାକୁ ଲାଗିଲା । ଦୁର୍ଭାବନାର ଶିକାର ହୋଇ ଅଜ୍ଞାତସାରରେ ରାତିସାରା ବିଲ୍ୱବୃକ୍ଷରୁ ପତ୍ର ଛଡ଼ାଇ ତଳକୁ ପକାଉ ଥିଲେ । ସେହି ବିଲ୍ୱପତ୍ର ଏବଂ ଚକ୍ଷୁ ଯୁଗଳରୁ ନିର୍ଗତ ଅଶ୍ରୁଧାର ଶିକାରୀର ଅଜାଣତରେ ବୃକ୍ଷ ମୂଳରେ ଥିବା ଏକ ଶିବ ଲିଙ୍ଗଙ୍କ ଉପରେ ପତିତ ହେଉଥିଲା । ସେହି ଦିବସଟି ଥିଲା ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି । ସକାଳ ହେବାରୁ ଶିକାରୀ ଗୃହକୁ କରିଥିଲା ପ୍ରତ୍ୟାବର୍ତ୍ତନ । କିଛି ବର୍ଷ ଅତିବାହିତ କରିବା ପରେ ଶିକାରୀର ହେଲା ପରଲୋକ । ସେହି ରାତ୍ରିର ପୁଣ୍ୟ ଲାଗି ପର ଜନ୍ମ, ଅର୍ଥାତ୍ ଏହି ଜନ୍ମରେ ସେ ଚିତ୍ରଭାନୁ ରୂପରେ ଜମ୍ବୁ ଦ୍ୱୀପରେ ହୋଇଛନ୍ତି ଅଧିଷ୍ଠିତ । ଏହା ଥିଲା ଶିବରାତ୍ରିର ମହିମା ।

ଶିବରାତ୍ରିକୁ ଚାରି ଗୋଟି ପ୍ରହରରେ କରାଯାଇଛି ବିଭକ୍ତ । ପ୍ରତି ପ୍ରହରରେ ଶିବ ଲିଙ୍ଗକୁ ବିଭିନ୍ନ ଉପଚାରରେ କରାଯାଇଥାଏ ଅଭିଷେକ । ପ୍ରଥମ ପ୍ରହରରେ କ୍ଷୀରାଭିଷେକ (ରଜ ଗୁଣର ପ୍ରତୀକ), ଦ୍ୱିତୀୟ ପ୍ରହରରେ ଦଧି ଅଭିଷେକ (ତମ ଗୁଣର ପ୍ରତୀକ), ତୃତୀୟ ପ୍ରହରରେ ଘୃତ ଅଭେଷେକ (ସତ୍ତ୍ୱ ଗୁଣର ପ୍ରତୀକ) ଏବଂ ଚତୁର୍ଥ ପ୍ରହରରେ ମଧୁ ଅଭିଷେକ (ତ୍ରିଗୁଣର ପ୍ରତୀକ) । ଶେଷରେ ନାରିକେଳ ଜଳରେ ସ୍ନାନ ଉପରାନ୍ତେ ବିଲ୍ୱପତ୍ର, ପୁଷ୍ପ ସହିତ କେତକୀ ପୁଷ୍ପରେ ଭୂଷିତ ହେବା ପରେ ମହାଦୀପ କରାଯାଏ ସମର୍ପଣ । ଏହା ପରେ ଘଣ୍ଟ, ଘଣ୍ଟା ନାମ ସଂକୀର୍ତ୍ତନ ମଧ୍ୟରେ ମହାଦୀପକୁ ମନ୍ଦିର ପ୍ରଦକ୍ଷିଣ କରାଇ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ମନ୍ଦିର ଶିଖରରେ ରଖା ଯାଇଥାଏ । ସଂସାରରୁ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରିବା ହେଉଛି ମହାଦୀପ ପ୍ରଜ୍ୱଳନର ଉଦ୍ଦେଶ୍ୟ । ଶିବ ସଂହିତାରେ ଶିବରାତ୍ରି ସଂପର୍କରେ ରହିଛି ବର୍ଣ୍ଣନା, ଯଥା- ‘ଶିବରାତ୍ରି ବ୍ରତଂ ନାମ ସର୍ବପାପ ପ୍ରଣାଶନମ୍, ଆଚାଣ୍ଡାଳ ପ୍ରସୂତାନଂ ଭୁକ୍ତି ମୁକ୍ତି ପ୍ରଦାୟକମ୍ ।’

ଶିବରାତ୍ରି ବ୍ରତ ପାଳନ ଫଳରେ ସମସ୍ତ ପାପ ହୋଇଥାଏ ଦୂରୀଭୂତ । ବ୍ରାହ୍ମଣଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ ଏହି ବ୍ରତ ପାଳନ କରି ବାଞ୍ଛିତ ଭୋଗ ଓ ମୋକ୍ଷର ହୁଅନ୍ତି ଅଧିକାରୀ । ଏହି ପବିତ୍ର ଦିବସରେ ପ୍ରତ୍ୟେକ ସନାତନ ଧର୍ମାବଲମ୍ବୀ ଉପବାସ ରହିବା ସହିତ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନପୂର୍ବକ ରାତ୍ରି ଉଜାଗର ରହି ଶିବଙ୍କ ନାମ ସ୍ତୋତ୍ର ଜପ କରିଥାନ୍ତି । ସମସ୍ତ ଶୈବ ପୀଠମାନଙ୍କରେ ଶିବ ଲିଙ୍ଗଙ୍କର ଶୁଭ ଆବିର୍ଭାବ ଦିବସ ଭାବ ଓ ଭକ୍ତିର ସହିତ ପାଳିତ ହୋଇଥାଏ ।


ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

## ଆଜି କପିଳାସରେ ପ୍ରସିଦ୍ଧ ଜାଗର ଯାତ୍ରା

# ରାତ୍ର ୪ଟା ୨୦ମିନିଟ୍‌ରେ ଉଠିବ ମହାଦୀପ



**ଢେଙ୍କାନାଳ,୧୪।୨/ଏନ୍ଏନ୍ଏସ୍:** ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କପିଳାସ ସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଜାଗର ପର୍ବ ରବିବାର ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେବ। ରବିବାର ଦୈନନ୍ଦିନ ପୂଜା ପରେ ସନ୍ଧ୍ୟା ୫ଟା ୪୫ ମିନିଟରୁ ମହାଶିବରାତ୍ର ପୂଜା ଆରମ୍ଭ ହୋଇ ଭୋର ୪ଟା ୨୦ ମିନିଟରେ ମହାଦୀପ ଉଠିବାର ନୀତି ନିର୍ଘଣ୍ଟ ହୋଇଛି। ପୀଠରେ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା ରହିଛି। ଭିଡ଼କୁ ଲକ୍ଷ୍ୟକରି ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଜିଲ୍ଲା ଦେବୋତ୍ତର ବିଭାଗଙ୍କ ପକ୍ଷରୁ ଜାଗର ପୂଜାବିଧି ନିମନ୍ତେ କାର୍ଯ୍ୟନିର୍ଘଣ୍ଟ କରାଯାଇଛି। ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ୬ଟାରେ ଚନ୍ଦ୍ରଶେଖର ଜୀଉଙ୍କ ଆରତ୍ରିକ ପୂଜା ପୂଜାପଣ୍ଡାଙ୍କ ଦ୍ୱାରା ସମାପନ ହେବ। ପ୍ରଥମ ପ୍ରହରର ସ୍ନାନ ଏବଂ ଚାରିପୂଜା ସନ୍ଧ୍ୟା ୭ରୁ ରାତି ସାଢ଼େ ୮ଟା ମଧ୍ୟରେ କରାଯିବ। ପାଠପୁରୋଧାଙ୍କ ଦ୍ୱାରା ଦ୍ୱିତୀୟ ପ୍ରହର ପୂଜା ଓ ଚାରିପୂଜୀ ରାତ୍ରି ୧୦ଟା ମଧ୍ୟରେ ସାରିବାକୁ ସମୟ ସ୍ଥିର ହୋଇଛି । ରାତ୍ର ୧୦ରୁ ରାତି ଗୋଟାଏ ମଧ୍ୟରେ ରାଜପୁରୋଧାଙ୍କ ଦ୍ୱାରା ବରଣ ହେବ ଏବଂ ପୁରୋଧାଙ୍କ ଦ୍ୱାରା ଅଷ୍ଟମ ପୂଜା ସମ୍ପନ୍ନ କରାଯିବ। ଏହି ପୂଜାପାଇଁ ଢେଙ୍କାନାଳ ରାଜାଙ୍କ ପାଇଁ ଢେଙ୍କାନାଳ ଦେବୋତ୍ତର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଛି । ପ୍ରଥମ ରାଜ ଦର୍ଶନଓ ପୂଜା ନିମିତ ରାଜା ସାହେବଙ୍କୁ ରାଜପୁରୋଧ ଶ୍ରୀ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ କରାଇବେ। ରାତ୍ର ଗୋଟାଲଏରୁ ସାଢ଼େ ୨ଟା ମଧ୍ୟରେ ରାଜ ପୁରୋଧାଙ୍କ ଦ୍ୱାରା ରାତ୍ରର ଚତୁର୍ଥ ପ୍ରହର ସ୍ନାନ ଓ ଚାରିପୂଜା ସମାପନ କରାଯିବ। ରାତି ୩ଟାରେ ରାଜପୁରୋଧା ଏବଂ ପୂଜକମାନଙ୍କ ଦ୍ୱାରା ମହାରୁଦ୍ରାଭିଷେକ ହେବ। ରାତି ୩ଟାରୁ ୩ଟା ୪୦ ମଧ୍ୟରେ ଶ୍ରୀଜୀଉଙ୍କୁ ମହାସ୍ନାନ କରାଯାଇ ପବିତ୍ର ନାଗାଭରଣ ବେଶ ଅନୁଷ୍ଠିତ ହେବ। ପଂଚବକ୍ତ୍ର ପୂଜା ରାଜପୁରୋଧାଙ୍କ ଦ୍ୱାରା ଏହା ପରେ ଦିତୀୟବାର ରାଜାସାହେବ ନାଗାଭରଣ ବେଶ ଦର୍ଶନ କରିବେ। ରାତ୍ର ୩ଟା ୫୫ ମିନିଟ୍ ଠାରୁ ପୁଜାପଣ୍ଡାଙ୍କ ଦ୍ୱାରା ମନ୍ଦିର ବେଢ଼ା ପୂଜା, ବେଢ଼ା ପରିକ୍ରମା। ମହାଦୀପ ଉଠାଣ କାର୍ଯ୍ୟ ଅନୁଷ୍ଠିତ ହେବ। ତେବେ ପ୍ରାତଃ ୪ଟା ୨୦ମିନିଟରେ ମହାଦୀପ ଉଠିବାକୁ ଅମୃତ ବେଳା ସ୍ଥିର ହୋଇଛି। ମହାଦୀପ ଉଠିବା ପରେ ରାତ୍ର ୪ଟା ୨୫ମିନିଟରେ ହରିହର ଭେଟ ହେବ। ପହୁଡ଼ ମାତ୍ର ୪ମିନିଟ୍ ପାଇଁ କରାଯିବା ସହ ୪ଟା ୫୦ ମିନିଟରେ ମହାପ୍ରଭୁଙ୍କ ଯୋଗନିଦ୍ରା ଭଙ୍ଗ କରାଯାଇ ପ୍ରାତଃ ୫୪ଟା ୫୦ମିନିଟ୍ ସମୟରେ ଯୋଗୀବେଶ ହେବ। ଜିଲ୍ଲା ତଥା ଜିଲା ବହାରୁ ଆସି ଅପେକ୍ଷାରତ ଯୋଗୀମାନଙ୍କ ଦ୍ୱାରା ଏହି ବିରଳ ବେଶ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ସକାଳ ୬ଟା ମଧ୍ୟରେ ମନ୍ଦିର ସଫେଇ ଏବଂ ମାଘ ସ୍ନାନ ଅନୁଷ୍ଠିତ ହେବ। ୬ଟା ୧୧ମିନିଟ୍ ୩୧ସେକେଣ୍ଡ ମଧ୍ୟରେ ପ୍ରଭୁଙ୍କର ଜୟମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ଦୈନନ୍ଦିନ ନିତ୍ୟ ଧୂପାଦି ହେବ। ଢେଙ୍କାନାଳ ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଜାଗର ପୂଜାବିଧି ଓ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଏହି ସବୁ ନୀତି ସମ୍ପନ୍ନ ହେବ। ଭିଡ଼କୁ ନଜରରେ ରଖି ସିଂହଦ୍ୱାରା ସମ୍ମୁଖରୁ ଷ୍ଟିଲ ଗେଟ ପର୍ଯ୍ୟନ୍ତ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଯାହାକି ଭକ୍ତମାନେ ଶାନ୍ତି ଶୃଙ୍ଖଳା ସହିତ ମହାପ୍ରଭୁଙ୍କର ଦର୍ଶନ କରିପାରିବେ। ସେହିପରି ଦେବୋତ୍ତର ବିଭାଗ ପକ୍ଷରୁ ବାରବାଙ୍କରେ ବ୍ୟାପକ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଛି ତତ୍ ସହିତ ମୃଗ ବିହାର ଠାରୁ ବୃଶବ ପର୍ଯ୍ୟନ୍ତ ୫ଗୋଟି ଜେନେରୋଟର ଓ ୧୩୫୨ପାହାଚ ପାଇଁ ୫ଗୋଟି ଜେନେରେଟର ଓ ମନ୍ଦିର ଉପରେ ୪ ଗୋଟି ଜେନେରଟର ବ୍ୟବସ୍ଥା କରାଯାଇଛି। ଜାଗର ଦିନ ଭକ୍ତମାନଙ୍କ ନିମନ୍ତେ ଏକ ଟ୍ରିପ୍ ବିଶୁଦ୍ଧ ବୋତଲ ପାନୀୟଜଳର ବ୍ୟବସ୍ଥା ସହିତ ଉପରେ ଥିବା ସବୁ ପାଣି ଟାଙ୍କି ଗୁଡିକରେ ବିଶୁଦ୍ଧ ପାନୀୟଜଳ ଗଛିତ ରହିଛି। ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଏବଂ କପିଳାସ ଚନ୍ଦ୍ରଶେଖରଜୀଉ କଳା ପରିଷଦ ପକ୍ଷରୁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପୀଠରେ ସାରାରାତି ଭଜନ ସମାରୋହର ଆୟୋଜନ କରାଯାଉଛି।

## ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା



**ମୁଷାଟିକିରି,୧୪।୨/ଏନ୍ଏନ୍ଏସ୍:** ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ, ବାଲିକୁଦା ସାଧନକେନ୍ଦ୍ର ତରଫରୁ ଜନକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ବଡ଼ଚଣା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ରତିକାନ୍ତ ସାମଲ। ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧିନସ୍ଥ ୧୦ଟି ବିଦ୍ୟାଳୟର ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶିକ୍ଷଣ ଫଳାଫଳ ଆଧାରିତ ୮୦ରୁ ଅଧିକ ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ଶାନ୍ତିଲତା ମହାରଣା ଓ ଶୁଭେନ୍ଦ୍ର ମୋହନ ଜେନା ସାମନ୍ତ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତରେ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ। ସାଧନକେନ୍ଦ୍ର ସଂଯୋଜିକା ତପସ୍ୱିନୀ ଶାନ୍ତି ସରକାରଙ୍କ ପ୍ରଦତ୍ତ ମାର୍ଗଦର୍ଶିକା ଆଧାରରେ ସଫଳତାର ସହ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଯୁଧିଷ୍ଠିର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଓ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କବି ହିମାଂଶୁ ଭୂଷଣ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ପରିଚାଳନା କମିଟିର ସଭାପତି ପ୍ରକାଶ କୁମାର ଦେଓ ଓ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ରତିକାନ୍ତ ଜେନା ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଏହାକୁ ଶିକ୍ଷଣ କାର୍ଯ୍ୟ କରିବା ସମୟରେ ପ୍ରୟୋଗ କରିବା ପାଇଁ ମତାମତ ରଖିଥିଲେ। ଅତିଥିମାନେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ତରୀୟ ଓ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

## ଶିକ୍ଷକ ବିନୋଦ ପଣ୍ଡାଙ୍କ ପରଲୋକ



**ପରଜଙ୍ଗ,୧୪।୨/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାନ୍ଧା ହାଇସ୍କୁଲର ଛାତ୍ର ବତ୍ସଳ ଶିକ୍ଷକ ବିନୋଦ ଚନ୍ଦ୍ର ପଣ୍ଡା ( ଛବି ସାର୍ ) ଆଉ ନାହାନ୍ତି। ତାଙ୍କର କୌଣସି କାରଣରୁ ଗତକାଲି ଦେହ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌କୁ ଚିକିତ୍ସା ନିମନ୍ତେ ନିଆ ଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଗତ ମଧ୍ୟରାତ୍ରରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁବେଳକୁ ପାଖରେ ପୁଅ, ବୋହୂ, ନାତି ନାତୁଣୀ, ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ଜନ୍ମ ୧୯୪୫ ମସିହା ମାର୍ଚ୍ଚ ୩୧ ତାରିଖରେ ସାନ୍ଧା ପଞ୍ଚାୟତ ଭେରୁଣିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୬୬ ମସିହାରୁ ଶାନ୍ଧା ହାଇସ୍କୁଲ୍‌ରେ ଶିକ୍ଷକତା ଆରମ୍ଭ କରି ୧୯୯୭ ମସିହାରେ ସ୍କୁଲ୍‌ର ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇ ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ, ମିଷ୍ଟ ଭାଷୀ, କର୍ମନିଷ୍ଠ, ଉଚ୍ଚ ଆଦର୍ଶବାଦୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଶିକ୍ଷକତା ଜୀବନରେ କେତେ ଛାତ୍ର ଛାତ୍ରୀଙ୍କୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ ତିଆରି କରିଛନ୍ତି ତାହାର ହିସାବ ନାହିଁ। ଶିକ୍ଷକତା କାଳ ମଧ୍ୟରେ ସ୍କୁଲ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଶେଷ ଦର୍ଶନ ପାଇଁ ପରିବାର ବର୍ଗଙ୍କ ସହିତ ଗ୍ରାମ ଏବଂ ଆଖପାଖର ଅନେକ ଜନ ସମାଗମ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ମର ଶରୀର ଦାହ କରାଯାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

# ପଶ୍ଚିମେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ତାଳଚେର,୧୪।୨/ଏନ୍ଏନ୍ଏସ୍:** ଆଜି ପବିତ୍ର ଫାଲଗୁନ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଅବସରରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଶୈବପୀଠ ଗୁଡ଼ିକରେ ବ୍ରତାଧିକାରୀଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ପରିବାରର ଛୋଟପିଲାଙ୍କ ଠାରୁ ଆରମ୍ଭକରି ବରିଷ୍ଠ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସନ୍ଧ୍ୟା ସମୟରୁ ଜାଗରବ୍ରତ କରିବା ନିମନ୍ତେ ଶୈବପୀଠ ଗୁଡ଼ିକରେ ନିଜ ନିଜର ସ୍ଥାନକୁ ଆସନ, ଚଟିଆ, ପାଲ ବିଭିନ୍ନ ବ୍ୟବହାରିକ ସାମଗ୍ରୀକ ଦ୍ୱାରା ବ୍ରତପାଇଁ ସ୍ଥାନ ନିରୁପଣ କରିବା ସହ ରାତ୍ରୀ ସମୟରେ ଜାଗର, ଦୀପ, ଧୂପ, ଅରୁଆ ଚାଉଳ, ମୁରୁଜ, ଖୋଟି ଇତ୍ୟାଦି ପକାଇ ବଡ଼ଆନନ୍ଦ ଉଲ୍ଲାସରେ ଭଗବାନଙ୍କୁ ଦର୍ଶନ କରିଥିଲେ। ତାଳଚେର ଚିରୋସ୍ରୋତା ବ୍ରାହ୍ମଣୀନଦୀ କୂଳରେ ଆବାହମାନ କାଳରୁ ଅବସ୍ଥିତ ଥିବା ପଶ୍ଚିମେଶ୍ୱର ଶୈବପୀଠ ଭକ୍ତମୟ ହୋଇପଡ଼ିଥିଲା। ମନ୍ଦିରକୁ ସୁସଜ୍ଜିତ କରାଯିବା ସହ ସଂକୀର୍ତ୍ତନ ମଣ୍ଡଳ ଓ ଭକ୍ତଙ୍କ ସୁବିଧା ନିମନ୍ତେ ବିଭିନ୍ନ ବ୍ୟବସ୍ଥା, ପୋଲିସ୍ ପ୍ରଶାସନ ପକ୍ଷରୁ ପୁଲିସ୍ ମୁତୟନ, ପୌରପରିଷଦ ପକ୍ଷରୁ ମନ୍ଦିର ଚର୍ତୁପାର୍ଶ୍ୱ ପରିଷ୍କାର ପରିଚ୍ଛନତା କରାଯିବା ସହ ବ୍ଲିଚିଙ୍ଗ ଇତ୍ୟାଦିର ସୁବ୍ୟବସ୍ଥା କରାଯିବ ଏବଂ ନଦୀ ଭିତରକୁ ଛୋଟଛୁଆଙ୍କୁ ଯିବାକୁ ବାରଣ କରାଯାଇଛି। ତେବେ ପଶ୍ଚିମେଶ୍ୱର ଶୈବପୀଠ କାହିଁକି ସହର ଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ମନ୍ଦିର ଯଥା - ଧରମପୁର, କଙ୍କିଳି, ଶୈନାଳୀ, ସାତପାଟିଆ, କାକୁଡ଼ି, ହରିହରପୁର, ବିହାରୀପୁର, ତାଳଚେର ଜଗନ୍ନାଥମନ୍ଦିର, ଆଖଣ୍ଡଳମଣି, ଦକ୍ଷିଣକାଳୀ, କେନ୍ଦୁଆଶୁଣୀ, ମା'ହିଙ୍ଗୁଳା, ମଙ୍ଗଳା, ରାଣୀମନ୍ଦିର, ରାମମନ୍ଦିର, ପଞ୍ଚମୁଖୀ, ବାବା ପଶ୍ଚିମେଶ୍ୱର, ଚିତ୍ରକୁଟ, ବାବା ଗଣେଶ, ସୁନାମୁଖୀ, ତାଳବେଡ଼ା, କଣ୍ଡାଳ, ଚକ୍ରଶୀଳା, ବହ୍ଲର, ବନ୍ତୋଲ, ଥର୍ମାଲ, ଡ଼େରା, ସାଉଥବଲଣ୍ଡା, ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଇତ୍ୟାଦି ଦେବାଦେବୀଙ୍କ ମନ୍ଦିର ସହ ବିଭିନ୍ନ ଶୈବପୀଠ ଗୁଡ଼ିକ ବେଶ ଚଳଚଞ୍ଚଳ ହୋଇପଡ଼ିଥିଲା।

# ତାଳଚେରରେ ଚୋରି ରାହାଯାନୀ ବୃଦ୍ଧି, ପୁଲିସ ନୀରବ

**ତାଳଚେର,୧୪।୨/ଏନ୍ଏନ୍ଏସ୍:**ତାଳଚେର ଅଞ୍ଚଳରେ ଚୋରି ରାହାଯାନୀ ବୃଦ୍ଧି ପାଇଥିବା ବେଳେ ଚୋରାବାଲି, କୋଇଲାକୁ କେବଳ ସମ୍ପୂର୍ଣ୍ଣ ସୁରକ୍ଷା ଦେଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। ଘଟଣାରୁ ପ୍ରକାଶ ଗତକାଲି ବାଇପାସ୍ ଛକ ନିକଟରେ ରହିଥିବା ଜୈନିକ ସାମ୍ବାଦିକ ଘରୁ ଦିନ ଦ୍ୱିପ୍ରହରେ ଏସି କାଟି ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ପ୍ରାୟ ରାତି ୨ଟାରେ ବାଇପାସ୍ ଅଞ୍ଚଳର ଏକ ଗ୍ୟାରେଜରୁ ବିଭିନ୍ନ ସାମଗ୍ରୀ ଚୋରି ହେବା ଘଟଣା ଓ ଆଜି ସାଉଥବଲଣ୍ଡା ଅଞ୍ଚଳର ଭିକାରୀ ସ୍ୱାଇଁ (୩୭) ହାଟତୋଟା ସ୍ଥିତ ରେମୁଆଁରୁ ଗ୍ରୁପ ମହିଳାଙ୍କ ଠାରୁ ବକେୟା ଅର୍ଥ ଆଦାୟ କରି ଫେରୁଥିବା ବେଳେ ଦୁର୍ବୃତମାନେ ତାଙ୍କ ହାତକୁ ଟାଙ୍ଗିଆରେ ହାଣି ସେଠାରୁ ଟଙ୍କାନେଇ ଉଭାନ ହୋଇଥିବା ଘଟଣା ଚହଳ ପକାଇ ଦେଇଛି। ପୁନଶ୍ଚ ଏହି ୪ଦିନ ପୂର୍ବରୁ ତାଳଚେର ବନ୍ତୋଲ ଗ୍ରାମର ପ୍ରତିଭାରାଣୀ ରଥ ତାଙ୍କ ମୋବାଇଲ ସିମ୍ ହଜି ଯାଇଥିବା ଘଟଣାକୁ ନେଇ ସେ ତାଳଚେର ଥାନାରେ ଏତଲା ଦେବାକୁ ଆସିଥିଲେ। ମାତ୍ର ପୋଲିସ୍ ଏତଲା ଗ୍ରହଣ କରିବା ପରିବର୍ତ୍ତେ ତାଙ୍କ କଥାକୁ ନଶୁଣି ସମ୍ପୃକ୍ତ ମହିଳାଙ୍କ ସହ ଯୁକ୍ତିତରକ ହେବା ପରେ ହାତ ଉଠାଇବା ପର୍ଯ୍ୟନ୍ତ କଥା ଯାଇଥିଲା ଏବଂ ପରବର୍ତ୍ତି ସମୟରେ ତାଙ୍କୁ ବିଭିନ୍ନ ଦଫା ଲଗାଇ କୋର୍ଟଚାଲାଣ କରିଥିବା ଘଟଣା, ପୋଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ୧୫ଦିନ ପୂର୍ବରୁ ଦୁଇଟି ଚୋରା କୋଇଲା ବୋଝେଇ ଟ୍ରକ ବାହାରକୁ ଚାଲାଣ ହେଉଥିବା ବେଳେ ଅନୁଗୁଳ ଜିଲ୍ଲା ଏସପି ଖବରପାଇ ତାଳଚେର ଥାନାକୁ ଜଣାଇବାପରେ ପୁଲିସ୍ ପକ୍ଷରୁ ଉକ୍ତ ଦୁଇଟି ଗାଡ଼ିକୁ ଜବତ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠେ ଏହି ଦୁଇଟି ଚୋରା କୋଇଲା ବୋଝେଇ ଟ୍ରକକୁ ଜିଲ୍ଲା ଏସପି ଜାଣି ପାରିବା ବେଳେ ତାଳଚେର ପୁଲିସ୍ କାହିଁକି ନିରବଦ୍ରଷ୍ଟା ସାଜିଥିବା ନେଇ ବିଭିନ୍ନ ସନ୍ଦେହ ଜନକ ଅବସ୍ଥା ସୃଷ୍ଟି କରୁଛି। ତାଳଚେର ବ୍ରାହ୍ମଣୀ ନଦୀ ସିରିଗିଡ଼ା ଗ୍ରାମ ଠାରୁ ଆରମ୍ଭ କରି ତାଳଚେର ମଣ୍ଡାପାଳ, ଦାସନାଳୀ, ଟୁଲୁକୁଲୁଣ୍ଡି ପର୍ଯ୍ୟନ୍ତ ରହିଥିବା ଘାଟ ଗୁଡ଼ିକରୁ ରାତ୍ରୀ ସମୟରେ ପ୍ରାୟ ଶହଶହ ସଂଖ୍ୟକ ହାଇୱା, ଟିପ୍ପର, ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ବାଲି ଚାଲାଣ ହେଉଥିବା ବେଳେ ପ୍ରାୟ ୨ବର୍ଷ ମଧ୍ୟରେ ତାଳଚେର ପୋଲିସ ହାତରେ ଗୋଟିଏ ହେଲେ ବି ଚୋରା ବାଲି ହେଉ କିମ୍ବା କୋଇଲା ବୋଝାଇ ଟ୍ରକ ଧରା ପଡୁନଥିବା ଘଟଣା ବିଭିନ୍ନ ମହଲରେ ଆଶ୍ଚର୍ଯ୍ୟ ଜନକ ଅବସ୍ଥା ସୃଷ୍ଟି କରିଛି।

## ଜେଏମ୍‌ପି ମଡେଲ୍ ସ୍କୁଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**କାମାକ୍ଷାନଗର,୧୪।୨/ଏନ୍ଏନ୍ଏସ୍:** ଏକ ସବୁଜ ଓ ସୁନ୍ଦର ପୃଥିବୀ ଗଠନ ଦିଗରେ ବ୍ୟାପକ ବୃକ୍ଷ ରୋପଣର ମହତ ଉଦେଶ୍ୟ ନେଇ ଛାତ୍ର, ଛାତ୍ରୀଙ୍କୁ ସଚେତନତା କରାଇବା ସହ ସମାଜକୁ ଏକ ଦିଗଦର୍ଶନ ଦେବା ପାଇଁ ଜେଏମ୍‌ପି ମଡେଲ୍ ସ୍କୁଲ୍ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ପି ମଡେଲ୍ ସ୍କୁଲ୍‌ର ଅଧକ୍ଷ ଦୀନେଶ ସେନାପତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମ୍ପାଦକ ଚିରଞ୍ଜିବ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ବ୍ୟାପୀ ତାପମାତ୍ରା ଅହେତୁକ ବୃଦ୍ଧି ପାଉଥିବା ବେଳେ ବ୍ୟାପକ ବୃକ୍ଷରୋପଣ ଫଳରେ ଆମେ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବାକୁ ମୁଖ୍ୟ ଅତିଥି ଚିରଞ୍ଜିବ ମଲ୍ଲିକ ଉପସ୍ଥିତ ଛାତ୍ର, ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ ନିକଟରେ ଥିବା ବୃନ୍ଦପାର୍କକୁ ଯାଇ ସେଠାରେ ବିଭିନ୍ନ ବୃକ୍ଷମାନଙ୍କୁ ଚିହ୍ନିବା ସହିତ ବୃକ୍ଷ ରୋପଣ କରିଥିଲେ। ସବୁଜ ପୃଥିବୀ ନିର୍ମାଣ, ଅବାଧ ବୃକ୍ଷଛେଦନକୁ ବିରୋଧ, ବୃକ୍ଷ ହିଁ ଜୀବନ, ପରିବେଶକୁ ବଞ୍ଚାଇବା ସହ ପୃଥିବୀକୁ ବଞ୍ଚାଇବା ଏବଂ ବୃକ୍ଷକୁ ମାନବ ସମାଜର ପରମ ମିତ୍ର ଭାବେ ଗ୍ରହଣ କରିବାକୁ ପିଲାମାନଙ୍କୁ ସଚେତନତା କରାଯାଇଥିଲା।

## ପରଲୋକରେ ଅଭିନେତା ବସନ୍ତ ସାମଲ



**ଯାଜପୁର,୧୪।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଉତରଙ୍ଗ ପଞ୍ଚାୟତର ଉତରଙ୍ଗ ଗ୍ରାମର ଅଭିନେତା ବସନ୍ତ କୁମାର ସାମଲ (୯୭)ଙ୍କର ଶୁକ୍ରବାର ରାତିରେ ନିଜ ଗ୍ରାମରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୩ ପୁତ୍ର ପରେଶ, ରମେଶ, ସୁଦେଶ ଏବଂ ୪ ଝିଅ ମୀନା, ଗୁଗୀ, ସନ୍ଧ୍ୟା, ଗୀତାଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଓଡ଼ିଆ ସିନେମା ଜଗତରେ ପାଦଥାପି ସେ ୧୯୭୬ ମସିହାରେ କୃଷ୍ଣ ସୁଦାମା ଚଳଚ୍ଚିତ୍ରରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ଜଣେ ଭଲ ଫୁଟ୍‌ବଲ ଖେଳାଳୀ ଭାବରେ ମଧ୍ୟ ସୁପରିଚିତ। ୧୯୭୬ରୁ ୨୦୦୦ ମସିହା ପର୍ଯ୍ୟନ୍ତ ସେ ପ୍ରାୟ ୫୦ ଗୋଟି ଚଳଚ୍ଚିତ୍ରରେ ଅଭିନୟ କରି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭଙ୍ଗାସିଲଟ, କୃଷ୍ଣସୁଦାମା, ଏ ନୁହେଁ କାହାଣୀ, କୁଳଚନ୍ଦ୍ରମା, ନିଝୁମ ରାତିର ସାଥୀ, ସମର ସଲିମ ସାଇମନ, ଜଗା ହାତରେ ପଘା, ପର ଝିଅ ଘର ଭାଙ୍ଗେନା, ଜୟଦେବ, ମମତାର ଡୋରି, ଭିଗିପାଲ୍‌କେ (ହନ୍ଦୀ), ଶୋଧ (ହିନ୍ଦୀ), ପୁନଃମିଳନ, କାବେରୀ, ବାଜେ ବଇଁଶୀ ନାଚେ ଘୁଙ୍ଗର ଇତ୍ୟାଦି ଚଳଚ୍ଚିତ୍ର ବ୍ୟତୀତ ଦୂରଦର୍ଶନ ଧାରାବାହିକଗୁଡ଼ିକରେ ନିଜର ଯେଉଁ କଳା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି ତାହା ଦର୍ଶକମାନଙ୍କ ମାସନପଟରେ ଦୀର୍ଘଦିନ ଧରି ଉଜ୍ଜିବିତ ରହିବ। ଏହାବ୍ୟତୀତ ବେତାର ନାଟକ, ଦୂରଦର୍ଶନ କଳାକାର, ଗୀତିନାଟ୍ୟ, ପଥପ୍ରାନ୍ତ ନାଟକ, ନୃତ୍ୟ, ସଂକୀର୍ତ୍ତନ, ଏକକ ନାଟ୍ୟକଳା, ପଶୁପକ୍ଷୀଙ୍କ ସ୍ୱରକୁ ଅବିକଳ ନକଲ କରିବାର ସ୍ୱକୀୟ କଳା ନୈପୁଣ୍ୟ ପ୍ରଦର୍ଶନ କରିବାରେ ସେ ସକ୍ଷମ ଥିଲେ। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ପରେଶ ମୁଖାଗ୍ନି ଦେଇଥିଲେ।

## ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି

**ରାଜନଗର,୧୪।୨/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ସାଗର ବେଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୭ମ ସାଗରବେଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ପରିଷଦର ସଭାପତି ଡା. ଅଭୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଫେସର ସତ୍ୟବାଦୀ ଜେନା ପୂର୍ବ ବୈଠକର ବିବରଣୀ ପାଠକରିଥିଲେ ଏବଂ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଆସନ୍ତା ଫେବୃଆରୀ ୨୮ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତି ହେଲା। ମହୋତ୍ସବକୁ ରାଜନେତା, ସାହିତିକ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରିବା ସହ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ଏବଂ ଅଞ୍ଚଳର ସମସ୍ୟା ସମ୍ପର୍କିତ ବିଷୟକୁ ନେଇ ତଥ୍ୟ ଭିତ୍ତିକ ଆଲୋଚନା ପାଇଁ ସ୍ଥିର କରାଗଲା।

## ଶହିଦ ପ୍ରସନ୍ନଙ୍କ ବଳିଦାନକୁ ଝୁରୁଛି ପାରିଶିଖର ମାଟି



**ନାଉଗାଁ,୧୪।୨/ଏନ୍ଏନ୍ଏସ୍:** ଅମର ଶହିଦ ପ୍ରସନଙ୍କ ପାଇଁ ଆଜି ଗର୍ବିତ ପାରିଶିଖର। ଆଜି ବି ମନେ ପଡ଼େ ସେହି ଦିନର ୪୦ ଯବାନଙ୍କ ବଳିଦାନର ଗାଥା। ୨୦୧୯ ଫେବୃଆରୀ ୧୪ ଯେଉଁ ଦିନକୁ ଭୁଲିନି ସମଗ୍ର ଭାରତ। ଯେଉଁ କଥା ମନେ ପଡିଲେ ଦେହରେ ଖେଳି ଯାଏ ଶିହରଣ, ଆଖିରେ ଝିରିଆସେ ଆଶୃଳ ଲହୁ ଏବଂ ଥରୀ ଉଠେ ଛାତି । ଏହି ଦିନ ହୋଇଥିଲା ଜାମ୍ମୁ କାଶ୍ମୀର ପୁଲୱାମାରେ ସେନାବାହିନୀର ଗାଡି ଉପରକୁ ହୋଇଥିଲା ଭୟଙ୍କର ବିସ୍ଫୋରଣ। ଯେଉଁ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଶହିଦ ହୋଇଥିଲେ ୪୦ ବୀର ଯବାନ। ଯାହାଙ୍କ ମଧ୍ୟରେ ଥିଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ପାରିଶିଖର ଗ୍ରାମର ଶହିଦ ପ୍ରସନ୍ନ ସାହୁ। ଯାହାଙ୍କ ବଳିଦାନରେ ଗର୍ବିତ ହୋଇଥିଲା ନାଉଗାଁ ମାଟି ଓ ଦେଶ। ତାଙ୍କର ଏହି ବଳିଦାନ ଆଜି ବିତି ଯାଇଛି ୭ ବର୍ଷ । କିନ୍ତୁ ତାଙ୍କର ଏହି ବଳିଦାନକୁ ଭୁଲିନି ନିଜ ଜନ୍ମମାଟି ଆଉ ସାରା ଦେଶ। ଯାହାକୁ ଝୁରୁଛି। ଦଶ ପାଇଁ ତାଙ୍କର ଏହି ବଳିଦାନକୁ ନେଇ ଗର୍ବ କରୁଛନ୍ତି ପରିବାର ଲୋକେ। ଆଜି ତାଙ୍କର ଏହି ସ୍ମୃତିକୁ ମନେ ରଖିବା ପାଇଁ ଗ୍ରାମବାସୀ ଓ ଉତ୍କଳ ସେବାନିବୃତ୍ତ ସେନାନୀ ସଙ୍ଘ ପକ୍ଷରୁ ଏହି ବଳିଦାନ ଦିବସ ପାଳିତ କରାଯାଉ ଥିବାବେଳେ ମୁଖ୍ୟ ଅତିଥିଭାବେ ସିଆର୍‌ପିଏଫ୍ ଡିଆଇଜିପି ଭରତ ଭୂଷଣ ସେଠୀ ଯୋଗଦେଇ ଥିବାବେଳେ ତାଙ୍କ ସହ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଦସ୍ୟା ଅମିତା ସ୍ୱାଇଁ, ଉତ୍କଳ ସେବା ନିବୃତ୍ତ ସେନାନି ସଙ୍ଘର ସଭାପତି ସୋମନାଥ ମହାରଣା, ସମାଜସେବୀ ବିଜୟ କୁମାର ବାରିକ, ମନୋଜ ସ୍ୱାଇଁ, ନାଉଗାଁ ଥାନା ଏଏସ୍‌ଆଇ ପ୍ରସନଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ସଂଘର ଯୁଗ୍ମ ସମ୍ପାଦକ କେଦାର ଦାସ ପରିଚାଳନା କରିଥିଲେ।

## ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ



**ପାରାଦୀପ,୧୪।୨/ଏନ୍ଏନ୍ଏସ୍:** ପାରାଦୀପ ପୌରପାଳିକାର ବିଭିନ୍ନ ୱାର୍ଡ ରେ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉଦ୍‌ଘାଟନ କରିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସର୍ବପ୍ରଥମେ ପାରାଦୀପ ପୌରପାଳିକା ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ବଡ଼ପଡ଼ିଆ ବଜାର ଠାରେ ରହିଥିବା ଦୁର୍ଗାମଣ୍ଡପ ଠାରେ ମା' ଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ନିକଟରେ ନୂତନ କରି ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର୍ ଏବଂ ଗୋଷ୍ଠୀ ଶୌଚାଳୟର ଉଦ୍‌ଘାଟନ କରିବା ସହ ମା' ଦୁର୍ଗାଙ୍କ ମନ୍ଦିର ପରିସରରେ ବିଶୁଦ୍ଧ ଥଣ୍ଡା ପାନୀୟଜଳ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଏବଂ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ଏବଂ ଆଗକୁ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପର ଆଶଙ୍କା ଥିବାରୁ ପଥଚାରୀ ତଥା ଜନସାଧାରଣଙ୍କୁ ନିରନ୍ତର ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ନିମନ୍ତେ ଏହା ସହାୟକ ହେବ। ଗୋଷ୍ଠୀ ଶୌଚାଳୟ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପ୍ରତି ସ୍ଥାନୀୟ ପ୍ରଶାସନର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ ବୋଲି କହିଛନ୍ତି ଶିଳ୍ପମନ୍ତ୍ରୀ। ସେହିପରି ପାରାଦୀପ ପୌରପାଳିକା ଅନ୍ତର୍ଗତ ଷଣ୍ଢକୁଦ ଠାରେ ୧୭, ୧୮ ଓ ୧୯ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ସହଜ ଓ ସୁଗମ ହୋଇପାରିବ। ଏହାଦ୍ୱାରା ଗ୍ରାମୀଣ ସଡ଼କ ଭିତ୍ତିଭୂମି ସୁଦୃଢ ହେବା ସହିତ ପାରାଦୀପ ଉପକଣ୍ଠରେ ରହିଥିବା ଢ଼ିଙ୍କିଆ, ନୂଆଗାଁ, ଗଡ଼କୁଜଙ୍ଗ ସହିତ ଅନେକ ଗାଁ' ତଥା ପଞ୍ଚାୟତର ବିକାଶରେ ଏହି ରାସ୍ତା ସହାୟକ ହେବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହିତ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌରନିର୍ବାହୀ ଅଧିକାରୀ, ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନଙ୍କ ସହିତ ବିଭିନ୍ନ ୱାର୍ଡର ପାରିଷଦ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇ ଶିଳ୍ପମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।

## ବ୍ୟଙ୍ଗ ବିଚାର: ଆଣ୍ଠେଇବାର ସୁଖ



ଶ୍ରୀମାନ୍ ସର୍ବଗିଳା

ପ୍ରାଣପ୍ରିୟା ପତ୍ନୀ ମୋର ପ୍ରାୟ ପିଲାକାଳୁ ଆଣ୍ଠୁଆ ରୋଗରେ ଆଣ୍ଠେଇଛନ୍ତି। ଚଲାବୁଲା ସହଜ ହୁଏନି ତାଙ୍କୁ। ପୀଡାରୁ ମୁକ୍ତ ହେବା ପାଇଁ ପୀଡାନ୍ତକ ବା ପେନ୍‌କିଲର ବଟିକା ଗିଳିବା ବନ୍ଦ ହୁଏନି କେବେ। ତା'ର ପାର୍ଶ୍ୱ ପ୍ରତିକ୍ରିୟା,..କ୍ରିୟାଠୁ ବେଶି ହୁଏ। ବଢିଆ ଗ୍ୟାସ୍ ରୋଗରେ ଆହୁରି ତା' ପାଇଁ ଔଷଧ କିଣିବା ଖାଇବା ଚାଲିଛି ସିନା, ହେଲେ ଆଣ୍ଠୁ ଗୋଡ଼ ଚାଲେନି କି ହଲି ବୁଲି ପାରେନି। ଅତିସୁନ୍ଦର ଯନ୍ତ୍ରଣାରେ ଜୀବନ ଜିଇଁବା ଛଡା ଆଉ ଉପାୟ କ'ଣ ? ଆଜ୍ଞା ! ସିଏ କ'ଣ ଏକା ? ଦୁନିଆରେ ପରା ଦଶ ଜଣରେ ଜଣେରୁ ଅଧିକା..ଏଇ ଆଣ୍ଠୁଆ ରୋଗରେ ଆକ୍ରାନ୍ତ ! କାନ୍ଦି କୁନ୍ଥେଇ ହୁଅନ୍ତି ଆତଯାତ !

ଗୋଟେ ଅଫିସ୍‌ରେ ଜଣେ ବାବୁଙ୍କ ପ୍ରାପ୍ୟ ମୋଟା ବିଲ୍ ପାସ୍ କରେଇ ବଡ଼ବାବୁ ଯେଉଁ ଉପକାର କଲେ, ସେଥିରୁ କିଛି ଅର୍ଥ ଖରଚ କରି ସେଇ ପ୍ରଭୁଭକ୍ତ ମନ୍ଦିରରେ ସମସ୍ତଙ୍କ ପାଇଁ ସୁନ୍ଦର ସ୍ୱାଦିଷ୍ଟ ପ୍ରସାଦ ବ୍ୟବସ୍ଥା କରାଇ ନିମନ୍ତ୍ରଣ କଲେ। ବଡ଼ବାବୁଙ୍କ ଠାରୁ ତଳତଳିଆ ସଭିଏଁ ବସି ପ୍ରସାଦ ସେବନ କରିବାକୁ ତଳେ ଦରି ପାରି ବସିବାକୁ ଆୟୋଜକ ଅନୁରୋଧ କଲେ। ହେଲେ ତାଙ୍କ ଭିତରେ ମାତ୍ର ଚାଳିଶି ବରଷିଆ ଉଚ୍ଚ ଅଧିକାରୀ ଚକାପକେଇ ତଳେ ବସିବା କଥା ଶୁଣି ବିବ୍ରତ ହୋଇ ପଡିଲେ। ଘରେ ଚଉକି ଟେବୁଲରେ ବସି ଭୋଜନ କରି ଏବଂ ବିଭିନ୍ନ ଉପାୟରେ ଏଣ୍ଡୁତେଣ୍ଡୁ ଭକ୍ଷଣରେ ଉଦର ଓଜନ ବଢ଼େଇବା ସହ ଆଣ୍ଠୁଆ ରୋଗରେ ପୀଡ଼ିତ ହୋଇ ବଡ଼ କଷ୍ଟ ଭୋଗୁଥିଲେ। ତାଙ୍କ ବିକଳ ଚାହାଣିର କରୁଣ ପରିସ୍ଥିତି ଅବଗତ ହୋଇଥିବା, ବାବୁ-ସାର୍‌ଙ୍କ ମନ ବୁଝି ସେବା ଯୋଗାଉଥିବା ପିଅନ ଚରଣ ଚାନ୍ଦ ଚଉକି ଭଳିଆ ଚାରିଗୋଡ଼ିଆ ହୋଇ, ପିଠିରେ ଚାରି ଚଉତ କରି ତଉଲିଆ ପକେଇ ବାବୁଙ୍କୁ ଅନୁରୋଧ କରି କହିଲା.. ଆଜ୍ଞା ! ଏବେ ଏଇ ଟେବୁଲ୍‌ରେ ପ୍ଲାଷ୍ଟିକ୍-କାଗଜ ପ୍ରସାଦ ଥାଳି ରଖି ଆରାମରେ ଖାଆନ୍ତୁ, କିଛି ଆଉ ଭାବନ୍ତୁ ନାହିଁ। ଅଗତ୍ୟା ଉପାୟହୀନ ବାବୁ ସେଇଆ କରି କାମ ଚଳେଇଦେଲେ। ଏମିତି ଆଣ୍ଠୁଆରୋଗୀ ଉଣ୍ଡାଳିଲେ ପ୍ରାୟ ପ୍ରତି ଘରେ ବୟସ ନିର୍ବିଶେଷରେ ବାହାରିବେ।

ଆଗରୁ, ଦଶ-ଚାଳିଶି ବରଷ ତଳୁ ଯୋଉଠି ମିଟିଂ କି ବଡ଼ ସଭା ହେଉଥିଲା, ମଞ୍ଚରେ ଅତିଥି ବକ୍ତାଙ୍କ ଛଡ଼ା ବାକି ସମସ୍ତ ଶ୍ରୋତା ତଳେ ଘଣ୍ଟା ଘଣ୍ଟା ଧରି ବସି ଶୁଣୁଥିଲେ। ହଜାରେ ଶ୍ରୋତାରୁ ନିହାତି ଅକର୍ମଣ୍ୟ ଅସୁସ୍ଥ ବୃଦ୍ଧ ଜଣେ ଅଧେ ଛଡ଼ା ଆଉ କେହି ଚଉକିରେ ବସିବାକୁ ଇଚ୍ଛା କରୁନଥିଲେ। ମାଇଲି ମାଇଲି ବାଟ ଚାଲି ଚାଲି ଯାଉଥିଲେ। ହେଲେ ଏବେ ହଜାରେ ଲୋକରୁ ଆଉ ପାଞ୍ଚ, ଦଶ ନୁହଁ ବରଂ ଚାଳିଶିରୁ ଚାରିଶହ ଚୌକି ଖୋଜିଲେଣି ଯେମିତି ଆଜିକାଲି ବହୁତ ଲୋକ ଆପଣା ବୃତ୍ତି ଛାଡ଼ି ରାଜନୀତିରେ ଚଉକି ମୋହରେ ପଡୁଛନ୍ତି। ମୁଁ ଆଗରୁ ବୁଝି ପାରୁନଥିଲି ଆଗକାଳ ଲୋକ ଦାରିଦ୍ର୍ୟ ଅବସ୍ଥାରେ ଭଲ ଭିଟାମିନ୍ ଶକ୍ତିଯୁକ୍ତ ଖାଦ୍ୟ ଖାଇବାକୁ ନପାଇ ଆଳୁ ଚକଟା ପଖାଳ ଭାତ, ଖୁଦ ମାଣ୍ଡିଆଯାଉ ଖାଇ, ଏତେ ସବଳ ସୁସ୍ଥ କେମିତି ରହି ଅଶୀ ବରଷ ଯାଏଁ ବି କାର୍ଯ୍ୟକ୍ଷମ ରହୁଥିଲେ..ଯଦିଓ ବିନା ଜୋତା ଚପଲରେ ଚାଲି ପାରୁଥିଲେ। ବିନା ଆୟୋଡିନ୍ ଲୁଣ, ଅର୍ଥାତ ଦରିଆର ମାଟିଆ ଲୁଣ, ମୋଟା ବଗଡ଼ା ଚାଉଳର ଭାତ ବିନା ତିଅଣ ଭଜା, ଦାମୀ ପରିବାରେ ପରିବାର ଚଳେଇ ଆପେ ଚଳୁଥିଲେ। ଦାନ୍ତକାଠିରେ ଘରେ ଘରେ ଦାନ୍ତ ଘଷି ବୁଢାଯାଏ ମଜଭୁତ ଦାନ୍ତରେ ଗୋଟା ଗୁଆ ବି ଚୋବାଉଥିଲେ, ଆଖୁ, କଞ୍ଚା କଇଁଆ, ପିଜୁଳି, ଟାଣୁଆ ନଡ଼ିଆ, ଚାଉଳଭଜା ମୁଢି ଚୋବାଉଥିଲେ। ନଇଁ ନଇଁ ଘରକାମ ଲିପାପୋଛା, ଢ଼ିଙ୍କି-କୁଟା, ଚକିରେ ଚାଉଳପେଷା କି ଶିଳରେ ବଟାବଟି ନାରୀମାନେ କରୁଥିଲେ। ହେଲେ କାହାରି ଆଜିକାଲି ପରି ଅଣ୍ଟା ଆଣ୍ଠୁ ବିନ୍ଧା ହେବାର ଦେଖାଯାଉ ନଥିଲା କି କେହି ଫିଜିଓଥେରାପି ସେଣ୍ଟର ଖୋଜି ଧାଉଁ ନଥିଲେ। ମାତ୍ର ଏବେ ବହୁତ ଦାମୀ ଭିଟାମିନ୍‌ଯୁକ୍ତ ଖାଦ୍ୟ ଡାକ୍ତରଙ୍କ ପରାମର୍ଶକ୍ରମେ ଛୋଟ ଛୁଆରୁ ବୟସ୍କ ବୟସ୍କା ଖାଉଛନ୍ତି, ମର୍ଣ୍ଣିଂ ଇଭିନିଂ ୱାକ୍ କରୁଛନ୍ତି, ଭେଣ୍ଡିଆ ଜିମ୍ ଧାଉଁଛନ୍ତି, ମାଛ, ମାଉଁସ... କୁକୁଡ଼ା, ଛେଳି, ଘୁଷୁରି, ବାଦୁଡ଼ି, ଚିଲିକା ଚଢ଼େଇ, କଙ୍କଡା, ମାଙ୍କେଡ଼ା, ଯାହା ଯେତେବେଳେ ଯୋଉଠି ମିଳିଲା, ସବୁ ଗିଳି ବି ଚାଳିଶି ଡେଇଁଲେ ଏତେ ଦୁରୁବଳିଆ ହାଲିଆ ଆଣ୍ଠୁଆ ରୋଗୀ, ପୋକଡା ଦାନ୍ତିଆ ବଢୁଛନ୍ତି କେମିତି ? ଆଗରୁ ମୋଟାଘଣା ସୋରିଷ ତେଲ, ଘିଅ, ମିଠା, ଗୁଡ଼, ଚାରିଓଳି ଭାତ ଖାଇ, ଆଜିକାଲି ପରି ଏତେ କୋଉଠି ଥିଲେ ହାର୍ଟ ରୋଗୀ, ଭେନ୍ ବ୍ଲକେଜ ରୋଗୀ, ଡାଇବେଟିସିଆ ରୋଗୀ ନା ଘରେ ଘରେ ଦାନ୍ତ ପୋକଡା, ପାଟି ଦୁର୍ଗନ୍ଧିଆ ରୋଗୀ ? ଏବେ ଏତେ ପ୍ରକାର ସ୍ୱାସ୍ଥ୍ୟ ସଚେତନତା ସତ୍ତ୍ୱେ କର୍କଟ ରୋଗ, ଶର୍କରା, ରକ୍ତଚାପ, ହୃଦ୍‌ରୋଗ ପୁଅରୁ ବାପ ଯାଏଁ ସମସ୍ତଙ୍କର ବଢୁଛି ! ପିଲାବେଳୁ ଆଖିରେ ଚଷମା ଲାଗୁଛି। ଧୀରେ ଧୀରେ ପାୱାର ବଢୁଛି। ସବୁ ସଚେତନତା ସବୁ ସତର୍କତାମୂଳକ ସ୍ୱାସ୍ଥ୍ୟ ବାର୍ତ୍ତା ପାଇ, ଅକାଳ ବାର୍ଦ୍ଧକ୍ୟ ବଢୁଛି କି ନା କହୁ ନାହାଁନ୍ତି !' ଯାହାର ଆଣ୍ଠୁଆ ରୋଗ ସିଏ ତ ଆଣ୍ଠଉଛି, ବାକି ପରିବାରରେ ଅନେକ ପ୍ରକାରିଆ ବେମାରୀରେ ଡାକ୍ତର ବଇଦ ପାଖକୁ ଧାଇଁ, ମୋଟା ଅର୍ଥ ଦଣ୍ଡରେ ଦଣ୍ଡିତ ହୋଇ ହୋଇ ଆଣ୍ଠଉଛନ୍ତି। କେହି କେହି କହୁଛନ୍ତି ବୁଡ଼ା ଚାଉଳ, କାଳିଆ ଗୁଡ଼, ମାଟିଆ ଲୁଣ, ଘିଅ କି ସୋରିଷ ତେଲ.,. ଥିଲା ବହୁତ ଭଲ। ଏବେ ସଫା ଚାଉଳ, କରୁଛି ଭାରି ଦୁର୍ବଳ। ସଫେଦ ଚିନି, ଫାଷ୍ଟ ଫୁଡ୍ ଚାଉମିନ୍, ଚାଇନା ଠାରୁ ଆମ ପାଇଁ ବଡ଼ ଶତ୍ରୁ ସାଜିଲାଣି। ରିଫାଇନ୍, ଜୀବନକୁ ରି-ଫାଇନ୍ ମାନେ ଆହୁରି ପତଳା କରି ଅକାଳ ମରଣକୁ ଡ଼ାକିଲାଣି। ଦାନ୍ତକାଠି, ଠିକ୍ ରଖୁଥିଲା ଦାନ୍ତ ପାଟି। ଏବେ ବଜାରରେ ମିଳୁଥିବା ଟୁଥ୍‌ପେଷ୍ଟ ବ୍ରସ୍,... କଲାଣି ସର୍ବନାଶ। ପୁରୁଣା ଖାଇବା ତେଲ, ଥିଲା ବରଂ ଭଲ। ଭଲ ଥିଲା ମାଟି ହାଣ୍ଡି କଡେଇର ରୋଷେଇ। ଏବେର ପ୍ରେସର୍ କୁକର୍ ଆଣ୍ଠୁଆ ରୋଗକୁ ଡାକି ପ୍ରେସର୍ ବଢ଼େଇ.. ଜୀବନକୁ ଦଉନି ତ ଭସେଇ ? ବଜାରରେ ମିଳୁଥିବା ବହୁମୂଲ୍ୟ ଥଣ୍ଡା ବୋତଲ-ଜଳ, ଆମଠୁ ଟଙ୍କା ଝଡ଼େଇ ଲଣ୍ଡା କରେଇ ଦେହରେ ଭରୁଛି କି ନା ଜହର.. ? ବଢାଉଛି ବ୍ଲଡ୍‌ରେ ସୁଗାର ! ହେ ପ୍ରିୟ ପଣ୍ଡିତ ପାଠକ ପ୍ରବର ! ଏଇ କଥାର ସତ୍ୟତା ଅଛି କି ନା ଟିକେ ବିଚାର କର ! ନହେଲେ ଏଇ ଅଣ୍ଟା ଆଣ୍ଠୁ-ଗଣ୍ଠିଆ ବେମାର, କରିପାରେ ଜୀବନକୁ ଛାରଖାର। କିନ୍ତୁ ମୋ ବିଚାର ଅଲଗା। ବିଦେଶୀ କମ୍ପାନୀ ବିଦେଶୀ ବୁଦ୍ଧି, ଆମ ଫରେନିଆ ଜିନିଷ, ବେଶ, ଭାଷା, ଶିକ୍ଷା, ସଂସ୍କୃତି, ଓଷଦ, ଶବଦ, ଠାରୁ ସୌଖିନିଆ ଜିନିଷରେ ପ୍ରବଳ ପିରତି ଓ ମୋହ-ଆସକ୍ତି ଜାଣି, ଏବଂ ଆମ ଦେଶୀ ମଣିଷ ଦେଶୀ ଜିନିଷକୁ ନାକ ଟେକୁଛେ ବୋଲି ବୁଝିପାରି, କୌଶଳ କରି ଦୁନିଆ ଆଗରେ ଆମଠୁ ବିଭିନ୍ନ ଉପାୟରେ ଅର୍ଥ ଶୋଷି ଆଣ୍ଠେଇବାର ପ୍ରୟାସ କରୁ ନାହାନ୍ତି ତ ? ଘର ପୂର୍ବଜଙ୍କ ବୋଲରେ ନ ଚାଲି ପର-ପାଶ୍ଚାତ୍ୟ ଶିକ୍ଷାର ଅର୍ଥ ଲୋଭୀଙ୍କ ମାୟା-ଫାଶ, ଯାହା ଉପରକୁ ଚହଟ ଚିକ୍କଣ.. ଭିତରେ କଲା କି ସର୍ବନାଶ ? ଆଉ କେଇ ବର୍ଷ ଆଗକୁ ଗଲେ, ଶହକେ ଶହେ ଆଣ୍ଠେଇଲେ, ଆଧୁନିକ ଯୁଗ କହିବେ ନା ଆଣ୍ଠୁଆ ଯୁଗ କହିବେ କୁହନ୍ତୁ ତ ! ହେଲେ ମୋ କଥା ହେଲା ଯାହାର ପାଦ ନାହିଁ, ସେ ଆଉ କାହା ବୋଲରେ ଚାଲିବ ନାହିଁ କି ଯାହାର ଆଣ୍ଠୁ ନାହିଁ, ସେ ଆଉ କାହା ଚାଲବାଜିରେ ଆଣ୍ଠେଇବ ବା କାହିଁ ? ଭଗବାନଙ୍କ ପାଖରେ କୃତଜ୍ଞ.. ତାଙ୍କ ଛଡ଼ା ଆଉ କାହା ଆଗରେ ଆଣ୍ଠେଇବାକୁ ମତେ ଆଉ ସୁଯୋଗ ଦେଲେ ନାହିଁ। ହେଲେ ନଖକୁ ମାଉଁସ ଧରିଲା ପରି, ପତ୍ନୀଙ୍କ ଆଣ୍ଠୁଆ ରୋଗ ପାଖରେ ସାରା ଜୀବନ ଯେ ନ ଆଣ୍ଠେଇଛି ଏ କଥା କହିପାରିବି ନାହିଁ।

ମଙ୍ଗରାଜପୁର, ପୁରୀ
ମୋ-୭୦୦୮୧ ୮୮୮୪୭

## ନାଟକର ଶେଷ ସଂଳାପ



ରଶ୍ମି ମହାପାତ୍ର

ଅପସରୁଥାଏ ଆଲୁଅ
ଅନ୍ଧାର ଧୀରେ ଧୀରେ ମଞ୍ଚକୁ ଓହ୍ଲାଉଥାଏ,
ଉଚ୍ଚାରିତ ହେଉ ହେଉ
ଅଟକିଯାଏ ମଞ୍ଚର କୋଣରେ
ସଂଳାପର ଅନ୍ତିମ ଅକ୍ଷର
ସବୁଥର ପରି,

ଶେଷ ପ୍ରଶ୍ନ ଥାଏ ଚରିତ୍ରର
ଆମେ ଜୀବିତ କି ?
ନିଶ୍ଚଳ ଶବ୍ଦର ଗୁଞ୍ଜନ ଶୁଣାଯାଏ
ଅସ୍ପଷ୍ଟରୁ ଅସ୍ପଷ୍ଟତର...
ବୋଧହୁଏ ଜୀବନ,
ବୋଧହୁଏ ଶୂନ୍ୟତା,
ଧୂମାଳ ଛାଇ ମାଡିଆସେ,
କାହାର ?

ଓଦା ଆଖି, ଦବିଯାଇଥିବା ହସ
ଓ ଦୀର୍ଘଶ୍ୱାସ
ପଚାରିହୁଅନ୍ତି
ଇଏ କ'ଣ ଅନ୍ତିମ ଉତ୍ତର ?
ନା କେବଳ ଏକ ମିଥ୍ୟା ପଳାୟନ ?

'ବିଦାୟ' ଏକ ଅବୋଧ ଉକ୍ତି
ସମୟ ସେଠାରେ ଅଟକିଯାଏ କିଛି କ୍ଷଣ,
ଆରମ୍ଭ ଏବଂ ଶେଷ ମଧ୍ୟରେ
ଯଦିଓ ଘମାଘୋଟ ବଚସା ଚାଲିଥାଏ,

ମଞ୍ଚ ପଛରେ ଛପି ରହିଥିବା
ଘଟଣା, ପାତ୍ର ଅବା ସଂଳାପ
ପ୍ରତ୍ୟେକଙ୍କ ହାତ ଗୋଡ ବନ୍ଧା,
ଛାଟିପିଟି ହୁଅନ୍ତି ସେମାନେ
ଗଣ୍ଠି ଫିଟାଇବାର ଉପାୟ ଖୋଜୁଥା'ନ୍ତି
ସେମାନେ ସ୍ୱାଧୀନତା ଚାହାଁନ୍ତି,

ଶେଷ ମୁହୂର୍ତ୍ତରେ,
ଏକ ନୀରବ କରତାଳି
ପ୍ରଶଂସାସୂଚକ ଘୋଷଣା
କାହା ପାଇଁ ? କାହିଁକି ?
ନାଟକ ସମାପ୍ତ ହୋଇଛି,
କେବଳ ପ୍ରଶ୍ନଗୁଡ଼ିକୁ ଉତ୍ତର ମିଳିନାହିଁ,

ଘଣ୍ଟାର ଶେଷ ଟିକ୍ ଟିକ୍ ଶବ୍ଦ ସହ
ଚରିତ୍ରମାନେ ମିଳେଇ ଯା'ନ୍ତି
ନାଟକର ପୃଷ୍ଠଭୂମିରେ,
ସଂଳାପର ଶେଷ ଶବ୍ଦକୁ ଦରମେଲା ବହି
ସଜାଡି ରଖେ ଯତ୍ନରେ,

କିଛି ଛାଇ ପୂର୍ବାଭ୍ୟାସ କରୁଥାନ୍ତି
ମଞ୍ଚର ଟଣାସରିଥିବା ପର୍ଦ୍ଦା ଆରପାଖେ,
ପ୍ରସ୍ତୁତି ଚାଲିଥାଏ ଅନ୍ତରାଳରେ
ମୃତ୍ୟୁରେ ଜୀବନ ସଂଚାରିବାକୁ ପଡେ
ପରବର୍ତ୍ତୀ ପ୍ରଦର୍ଶନ ପାଇଁ।

-ଏ-୨୦୨, ଦତ୍ତାନି,
ଓଶିୱାରା ବସ୍ ଡିପୋ ସାମନା,
ନିଉ ଲିଂକ୍ ରୋଡ୍,
ଓଶିୱାରା, ମୁମ୍ବାଇ-୪୦୦୧୦୪

## କୋମଳ ପ୍ରେମ



ସୁଚିତ୍ରା ମିଶ୍ର

ସେମାନେ ଆଠଜଣ ପୂରା ରାସ୍ତା ଅକ୍ତିଆର କରିନେଇ ଚାଲୁଥିଲେ। ମୁଁ ଜୋର୍‌ରେ ଚାଲି ତାଙ୍କୁ ଅତିକ୍ରମ କରିଯିବି ନା ତାଙ୍କ ପଛେପଛେ ଚାଲୁଥିବି ଭାବି ଦ୍ୱନ୍ଦ୍ୱରେ ପଡିଗଲି। ଉଭୟଟି ମୋ ପାଇଁ କଷ୍ଟକର ଥିଲା। ସେମାନଙ୍କୁ ଅତିକ୍ରମ କରିବାକୁ ଦୁଇଖୋଜ ଆଗେଇଗଲା ପରେ ଟିକେ ଅଣନିଃଶ୍ୱାସୀ ହୋଇପଡିଲି। ନାଃ, ସେମାନଙ୍କୁ ଅତିକ୍ରମ କରିବା ମୋ ପକ୍ଷରେ ସମ୍ଭବ ନୁହେଁ। ତାଙ୍କ ପଛେପଛେ କିଛି ସମୟ ଚାଲିବା ପରେ ସଙ୍କୋଚ ଲାଗିଲା ମତେ। ଆଠଜଣ ପୁରୁଷ ଲୋକଙ୍କ ପଛେପଛେ ସ୍ତ୍ରୀ ଲୋକ ଜଣେ ଅନେକ ସମୟ ଚାଲିବା ଆଦୌ ଶୋଭନୀୟ ନୁହେଁ। ନୂଆକରି ଆସିଥିବା ଏ ଆପାର୍ଟମେଣ୍ଟରେ ପ୍ରାତଃଭ୍ରମଣରେ ବାହାରିବା ଆଜି ମୋର ପ୍ରଥମ ଦିନ। ଭାରି ମାଡିମାଡି ପଡୁଥିଲା ମତେ। ସେଇଠୁ ଫେରିପଡି ଅଲଗା ଦିଗରେ ଚାଲିବାର ନିଷ୍ପତ୍ତି ନେଇ ମୁଁ ମୁହଁ ବୁଲେଇବା ପୂର୍ବରୁ ସେମାନଙ୍କ ମିଳିତ ହସ ମୋ କାନରେ ବାଜିଲା। କିଛି କିଛି କଥା ମଧ୍ୟ। ସେ କଥା ଓ ହସ ଶୁଣି ମୁଁ ଟାଣି ହୋଇଗଲି ସେମାନଙ୍କ ଆଡକୁ। ପଛକୁ ନଫେରି ସେମାନଙ୍କ ପଛେ ପଛେ କିଛି ସମୟ ଚାଲିବାର ସିଦ୍ଧାନ୍ତ ନେଲି ଓ ଚାଲିବା ଜାରି ରଖିଲି।

ପଛକୁ ବୁଲି ସେମାନେ ମତେ ଦେଖୁନଥିଲେ। ମୁଁ ବି ସାମାନ୍ୟ ଦୂରତା ରଖି ଚାଲୁଥିଲି। ସେତିକି ଦୂରତା ଯେତିକି ସେମାନଙ୍କ କଥା ଶୁଣିବା ପାଇଁ ମତେ ସୁବିଧା ହେବ। ସେମାନେ ମସଗୁଲ୍ ଥିଲେ ତାଙ୍କ ଗପରେ। ଗପୁଥିଲେ ଉଚ୍ଚ ସ୍ୱରରେ। ହସୁଥିଲେ ଶବ୍ଦକରି। ସବୁଠାରୁ ବୟସ୍କ ମନେ ହେଉଥିବା ଭଦ୍ରଲୋକ ଜଣଙ୍କର ନାଲି ପାନଖିଆ ପାଟିରୁ ପିଚିକି ଆସୁଥିବା ହସ ମୋ ଆଖିରେ ପଡିଲା। କହୁଥିଲେ,'ମୋ ମିସେସ୍‌ର ମୋ ଉପରେ ପୂରା କଣ୍ଟ୍ରୋଲ୍। ଦିନ ଗୋଟାଏ ଭିତରେ ଆଠଟା ପାନ। ନିଜେ ଗଣିଗଣି ଧରେଇ ଦେଇଛି ମତେ। ଦିନ ଗୋଟାଏ ଯାଏଁ ଯୁଆଡେ ଯାଉଛ ଯାଅ, ଫୁଲ୍ ଫ୍ରିଡମ୍। ତା'ପରେ କିନ୍ତୁ ଘରକୁ ଫେରିବାକୁ ହେବ। ଏକାଠି ଲଞ୍ଚ୍ ନକଲେ ମୋ ମିସେସ୍ ମତେ ରଖିବନି।' କହୁକହୁ ହସରେ ଫାଟି ପଡୁଥିଲେ ନିଜେ ଓ ତାଙ୍କ ସହ ତାଳଦେଇ ହସୁଥିଲେ ଆଉ ସାତଜଣ। 'ଆଜ୍ଞା ମୋ ମିସେସ୍ ବି ମତେ ପୂରା ତା' କଣ୍ଟ୍ରୋଲ୍‌ରେ ରଖିଛି। ସକାଳ ଓ ରାତି ଉଭୟ ସମୟରେ ମୋର ଫ୍ରିଡମ୍‌ର ସରଣୀ ସିଏ ହିଁ ପ୍ରସ୍ତୁତ କରିଛି। ଟିକେ ଏପାଖ ସେପାଖ ହେଲେ ମହାଭାରତ ହୋଇଯିବ ଘରେ।' ଅପେକ୍ଷାକୃତ ପୃଥୁଳକାୟ ଭଦ୍ରଲୋକ ଚଟାପଟ୍ ଏତକ କହିଦେଇ ହସିବା ଆରମ୍ଭ କରି ଦେଇଥିଲେ। ତାଙ୍କ ହସ ଟିକେ ଚିପାଚିପା ମନେ ହେଉଥିଲା। ରହିରହି ଅସ୍ୱାଭାବିକ ଶବ୍ଦର ମିଶ୍ରଣରେ ଫିଙ୍ଗିହୋଇ ପଡୁଥିଲା ଏପାଖ ସେପାଖ। ଶ୍ୱାସରୋଗଟି ବାଧକ ସାଜୁଛି ବୋଧହୁଏ ଭଦ୍ରଲୋକଙ୍କର ଛାତି ଭିତରୁ ହସତକ ସମ୍ପୂର୍ଣ୍ଣ ରୂପେ ବାହାରକରି ଆଣିବାକୁ। ତଥାପି ସେ ହସୁଥିଲେ। ମନଖୋଲା ତାଙ୍କ ହସରୁ ଧାରଟିଏ ସଞ୍ଚରି ଆସୁଥିଲା ମୋ ଓଠକୁ। ନିଜକୁ ଆକଟ କଲି। ସେମାନଙ୍କ କଥା ନ ଶୁଣିବାର ସହଜ ମୁଦ୍ରାଟିଏ ଚେଷ୍ଟାକରି ଧରିରଖିଲି ମୋ ମୁହଁରେ। ଚାଲୁଥିଲି ଚୁପଚାପ୍ ସେମାନଙ୍କ ପଛେପଛେ।

'ମୋ ମିସେସ୍‌ଙ୍କ କଥା ଆଉ କହନି। ପୂରା କଣ୍ଟ୍ରୋଲ୍। ଟିକେ ଏପାଖ ସେପାଖ ହେଲେ କଥା ସରିଲା। ମୁଁ କୁଆଡେ ଯିବି ନଯିବି କାହା ସାଙ୍ଗେ ମିଶିବି ନ ମିଶିବି ସବୁ ସେ ହିଁ ନିର୍ଣ୍ଣୟ କରେ। ତା'ରି କଥା ମାନିବାକୁ ମୁଁ ବାଧ୍ୟ। 'ମୋ ଠିକ୍ ସାମ୍ନାରେ ଥିବା ଚିକ୍କଣ କଳା ଭଦ୍ରଲୋକ ତାଙ୍କ ହାତରେ ଧରିଥିବା ଆଶା ବାଡିଟିକୁ ମୁଠେଇ ଧରି ଉଚ୍ଚ ଗଳାରେ କହୁଥିବା କଥାପଦକ ସହ ହୃଦୟଖୋଲା ହସତକ ଛିଟିକି ପଡୁଥିଲା ଚାରିଆଡେ ଆଉ ପହଁରି ବୁଲୁଥିଲା ପବନରେ। ସେ ହସରେ ସଂକ୍ରମିତ ହେଉଥିଲେ ତାଙ୍କ ସହ ଚାଲୁଥିବା ବନ୍ଧୁମାନେ ଆଉ ମୁଁ ମଧ୍ୟ। ହସକୁ ରୋକିନେଇ ପାଦଟିଏ ଆଗକୁ ବଢାଇଲି। ସକାଳଟା ଖୁବ୍ ଉଜ୍ଜ୍ୱଳ ଓ ମଧୁର ମନେ ହେଉଥିଲା। ସେମାନଙ୍କ ନିଜନିଜ ପତ୍ନୀମାନଙ୍କ ପ୍ରତି କୋମଳ ପ୍ରେମର ପରିପ୍ରକାଶରେ ସୁନ୍ଦର ଲାଗୁଥିଲା ସବୁକିଛି। ସେ ସମସ୍ତେ ଦିଶୁଥିଲେ ତୃପ୍ତ ଓ ସୁଖୀ ମଣିଷ। ନିଜ ନିଜ ପତ୍ନୀଙ୍କର ଅଧୀନରେ ରହିଥିବା କଥା ବେଶ୍ ଖୋଲାଖୋଲି ସ୍ୱୀକାର କରୁଥିଲେ ଓ ଆମୋଦିତ ହେଉଥିଲେ ସେମାନେ। ସେମାନଙ୍କ ଖୋଲା ହସ ଖେଳି ବୁଲୁଥିଲା ରାସ୍ତାର ଧାରେଧାରେ। ସୁଲୁସୁଲିଆ ପବନରେ ଦୋହଲୁଥିବା ଗଛଡାଳର ଫୁଲପେନ୍ଥା ମାନେ ବି ସେ ହସର ଝୁଲଣାରେ ଝୁଲୁଥିଲେ।

ଗପୁଗପୁ ସେମାନେ ଟିକେ ଧୀର ହୋଇଗଲେ ଆଉ ମୁଁ ସେମାନଙ୍କୁ ଅତିକ୍ରମ କରି ଆଗକୁ ଚାଲିଗଲି। ସେମାନଙ୍କ କୋମଳପ୍ରେମକୁ ଖୁବ୍ ଅନୁଭବ କରି ପାରୁଥିଲି ମୁଁ। ଆମୋଦିତ ହେଉଥିଲି। ସତରେ ଯେ ଏମାନେ ପତ୍ନୀମାନଙ୍କ ନିୟନ୍ତ୍ରଣରେ ଥିବେ ସେ ବିଶ୍ୱାସ ମୋ ଭିତରେ ଆଦୌ ନଥିଲା। ରାଗ ରୁଷା ଅଭିମାନ ଏଇତକକୁ ପାଥେୟ କରି ସେମାନଙ୍କୁ ପ୍ରେମ କରୁଥିବା ପତ୍ନୀମାନଙ୍କ ପ୍ରତି ନିଜ ନିଜର ଭଲପାଇବା କୋମଳ ଭାବରେ ପ୍ରକାଶ କରୁଥିବା ସେ ଆଠଜଣ ପୁରୁଷଙ୍କୁ ମୁଁ ସମ୍ମାନ ଜଣାଉଥିଲି ମନେମନେ। ଭଲକରି ଦେଖିପାରି ନଥିଲି ମୁଁ ସେମାନଙ୍କୁ। ଆଉ ଥରେ କେଉଁଠି ଭେଟହେଲେ ହୁଏତ ଚିହ୍ନି ପାରିବିନି କିନ୍ତୁ ସେମାନଙ୍କର ନିଜ ନିଜ ପତ୍ନୀମାନଙ୍କ ପ୍ରତି କୋମଳପ୍ରେମ ମୋ ଭିତରେ ଖୁସିର ଲହରୀଟିଏ ହୋଇ ବହିଗଲା।

'ମୁଁ ମୋ ତାଳରେ ଚାଲିବି ଓ ତୁମେ ତୁମ ତାଳରେ। ଆମେ ସମତାଳରେ ଚାଲିଲେ ତୁମର ଏକସରସାଇଜ୍ କେମିତି ହେବ ?' ଘରୁ ବାହାରିବା ପରେ ପରେ ଏତକ କହି ନିଜକୁ ମୁଁ ମୋ ସ୍ୱାମୀଙ୍କ ଠାରୁ ଅଲଗା କରିଦେବା ପରେ ମୋ ସହ ଯୁକ୍ତି ନକରି ସେ ଆଗେଇ ଯାଇଥିଲେ ମତେ ପଛରେ ପକେଇ। ଦୂରରୁ ମୁଁ ତାଙ୍କୁ ଦେଖିପାରୁଥିଲି।' ଆଗରେ କେଇଗଜ ଦୂରରେ ଚାଲୁଛନ୍ତି ଯିଏ ସିଏ ମୋ କଣ୍ଟ୍ରୋଲ୍‌ରେ....।' ମନେମନେ କହି ହେଉଥିବା ଏ ଧାଡିଟି ମୁଠାଏ ହସହୋଇ ଝୁଲୁଥିଲା ମୋ ଓଠରେ....।



## ଏଇଠି ମୁଁ



ସାରଥି ପଣ୍ଡା

ଏଇଠି ମୁଁ
ଆମ ଖଟଘରେ-ଝରକା ଏପଟେ-
କାକର ଭିଜା
ସୁଗନ୍ଧରାଜ ଗଛ ପାଖରେ।

ଏଇଠି ମୁଁ ଲୁଚିଛି
କବାଟ କୋଣରେ
ମନେଅଛି ?
ଶୂନ୍‌ଶାନ୍ ଘରଟା ଭିତରେ
ତୁମେ ଆଉ ମୁଁ-
ସେଦିନର ଲୁଚକାଳି ଖେଳ।

ଏଇତ ମୁଁ ତୁମ ପାଖରେ
ଶେଯ ଉପରେ-
ପଣତ ତଳେ - ତୁମ ମନ ଭିତରେ।

ଯାଉଛି,
ଆମ୍ବତୋଟା-ଅଫିସ୍-ଆମ ସ୍କୁଲ୍ ଆଡୁ
ଟିକେ ବୁଲିଆସେ
କେମିତି ଏବେ ଅଛି ସେସବୁ !
ଫେରିଲା ବେଳେ
ଗାଁ ଛକ-
ନଈବନ୍ଧରେ ଟିକେ ବୁଲିବାକୁ ଇଚ୍ଛା
ବିରକ୍ତ ହେବନି
ଟିକେ ଡେରି ହେଇପାରେ।

ମୁଁ ନାହିଁ ବୋଲି ଭାବୁଛ କି ?
ଯେଉଁଠି ଥିଲି ସେତେବେଳେ
ଆଜି ବି ସେଇଠି ସେଇଠି
ଫରକ ଏତିକି
ତୁମେ ଦେଖିପାରୁନ ମୋତେ
ମୁଁ କିନ୍ତୁ ସବୁ ଦେଖିପାରୁଛି-
ଉଡି ପାରୁଛି ଆକାଶରେ।

-ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ,
ମୋ-୭୦୦୮୮୨୩୬୦୬

## ଅଚିହ୍ନା



ଡା. ରାଜେନ୍ଦ୍ର କୁମାର ବେହେରା

ସେମାନେ ସହଜରେ ଚିହ୍ନା ଦିଅନ୍ତିନି
ପଛରେ ରହି ରହି
ପଛର ଗୋଟେ ଅଂଶ ପାଲଟି ଯାଆନ୍ତି
ସ୍ୱତଃସ୍ଫୂର୍ତ୍ତ ଭାବେ...।


ସେମାନେ ସେମିତି ଜନ୍ମ ନିଅନ୍ତି
କିଛି ସମୟ କାନ୍ଦି ନଥାନ୍ତି ଜୀବନର ପ୍ରାରମ୍ଭରେ
ଅନ୍ତୁଡିଶାଳରେ
ସେମାନେ ଦିନ ସାରା ଘୂରି ଘୂରି
ଅନେକ ଘର ଭାଙ୍ଗିଥାନ୍ତି
ସନ୍ଧ୍ୟାରେ ସେଇ ଭଙ୍ଗା ଘର ଦୁଆରେ ଯାଇ
ଭିକ୍ଷା କରନ୍ତି କଅଣ ଖାଇବାକୁ ଦିଅ...।

ସେମାନେ ଅନ୍ୟାୟକୁ ନିଜର ନୀତି ମାନନ୍ତି
ନିଜ କପାଳକୁ ଦ୍ୱାହିଦେଇ ଆବେଗିକ ଇଚ୍ଛାଗୁଡିକୁ
ହତ୍ୟା କରନ୍ତି
ନିଜ ଭିତରେ ଖୋଳନ୍ତି ଅନେକ କୂଅ...।

ସେମାନଙ୍କ ଭିତରେ ତିଆରି ହୋଇଥାଏ
ଅନେକ ମରୁଭୂମି
ନିଶ୍ଚିହ୍ନ ସଭ୍ୟତା ପରି
ଚିହ୍ନି ପାରନ୍ତିନି କିଏ ନିଜର ବୋଲି
ମିଳେଇ ଯାଏ ଅନେକ ସୂର୍ଯ୍ୟର ରଶ୍ମି ...।

ସେମାନେ ନିଜ କେନ୍ଦ୍ରରୁ ଖସି ଯାଆନ୍ତି
ନା ଅକ୍ଷ ପାଆନ୍ତି ନା କକ୍ଷ
ଯୁଆଡେ ଅନାନ୍ତି ଶ୍ମଶାନ ବାଲି
ମୃତ୍ୟୁକୁ ଭେଟିବା ଆଗରୁ
ମରି ସାରିଥାନ୍ତି......।

-ପ୍ରଫେସର ଓ ବିଭାଗୀୟ ମୁଖ୍ୟ
ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ପୁରୀ
ମୋ-୯୬୬୮୧୮୧୫୨୮



## ନବପ୍ରକାଶ

### "ଉନ୍ମୀଳନ ଓ ଅନ୍ୟାନ୍ୟ କାହାଣୀ"

ଲେଖକ : ଅମ୍ବରୀଷ ପୁଣ୍ଡରୀକ
ମୂଲ୍ୟ :୧୯୦ ଟଙ୍କା, ପୃଷ୍ଠା ସଂଖ୍ୟା ୧୧୬
ପ୍ରକାଶକ : ଅସ୍ତିତ୍ୱ ପ୍ରକାଶନ




ଗଳ୍ପ ପୁସ୍ତକର ସ୍ରଷ୍ଟା ହେଉଛନ୍ତି ଅମ୍ବରୀଷ - ପୁଣ୍ଡରୀକ । ମିଳିତ ଉଦ୍ୟମରେ ଉଭୟ ଲେଖକଙ୍କ ପ୍ରତିଟି ଗଳ୍ପକୁ ଲେଖିବାର ପ୍ରୟାସ ଭିତରେ ଯେଉଁ ପ୍ରବହମାନତା ଅଛି ତାହା ବିଶେଷ ଦୃଷ୍ଟି ଆକର୍ଷଣ କରେ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନବାଗତ ହେଲେ ହେଁ ସେମାନଙ୍କ ଗପ ଅନେକ ପ୍ରତିଶ୍ରୁତି ବହନ କରେ ।

ଅସ୍ତିତ୍ୱ ପ୍ରକାଶନ ଦ୍ୱାରା ପ୍ରକାଶିତ ଏ ବହିରେ ଏଗାରଟି ଗପ ଅଛି । ବିଷୟବସ୍ତୁ ପରସ୍ପର ଠାରୁ ଅଲଗା ହୋଇଥିଲେ ହେଁ ଏସବୁ ମଧ୍ୟରେ ଥିବା ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ବାସ୍ତବତା ସହ ଭାବଗତ ସଂଘର୍ଷର କଥା ହିଁ ପ୍ରାୟ ବିଷୟରେ ଅଳ୍ପ ବହୁତେ ପାଠକ ଲକ୍ଷ୍ୟ କରିପାରିବ। ରୁଚିପୂର୍ଣ୍ଣ ଭାଷାରେ ଲିଖିତ ଗଳ୍ପ ଗୁଡିକରେ ପ୍ରବାହକୁ ଧରିରଖିବାକୁ ଚେଷ୍ଟା କରାଯାଇଛି । ପ୍ରଥମ ଗପ 'ନାଆଁ'ରେ ଅଛି ନାଆଁ ଉଚ୍ଚାରଣର ବିଡ଼ମ୍ବନା । ନିଜ ନାଆଁ ଶ୍ୟାମ ପଣ୍ଡାକୁ ଇଂରାଜୀ ଶୈଳୀରେ ସାମ ପାଣ୍ଡା କହୁଥିବା ଲୋକ ଜଣକ ଶେଷରେ ସ୍ତବ୍ଧ ହୋଇଛି ଯେତେବେଳେ ନିଜ ଝିଅ ତା'ର ନାଆଁକୁ ବିକୃତ କରି ଉଚ୍ଚାରଣ କରିଛି । ଗପଟିରେ ଦେଖାଣିଆ ଇଂରାଜୀ ଉଚ୍ଚାରଣ ପ୍ରତି ଅଛି ଶ୍ଳେଷ । 'ସୁପ ୱନ ବାଇ ଟୁ'ରେ ଅଛି ସୁପକୁ ଦୁଇ ଭାଗ କରି ଖାଇବାର ଏକ ରୋଚକ କାହାଣୀ । ଏହା ମାଧ୍ୟମରେ ନାୟକ ନାୟିକାଙ୍କ ଭିତରେ ଏକ ପ୍ରକାର ଅନ୍ତରଙ୍ଗତା ପ୍ରକାଶ ପାଇଛି । କାହାଣୀଟି ମିଳନାତ୍ମକ । 'ଆଇଁଷ ପାଣି' ଗପରେ ନାୟକ ଶୁଦ୍ଧି କ୍ରିୟା ସମୟରେ ବିନା ଆମିଷରେ ରହିଥିବାର କଷ୍ଟ ବର୍ଣ୍ଣିତ । ତେବେ ଶେଷରେ ସେ ଗୋଟିଏ ହୋଟେଲରେ ନିଜ ମନ ପସନ୍ଦର ଆମିଷ ଖାଇ ଖୁସି ହୋଇଛି । ଶେଷ ଗପ 'ଚକ୍ରମଣୋହି'ରେ ଜଗନ୍ନାଥଙ୍କ ଅଲୌକିକ ଲୀଳା ପ୍ରକାଶ ପାଇଛି । ଜଗନ୍ନାଥଙ୍କ ଦର୍ଶନ ବନ୍ଦ ହୋଇଥିଲେ ମଧ୍ୟ ଅକସ୍ମାତ ମିଳିଥିବା ପ୍ରସାଦ ମାଧ୍ୟମରେ ସେ ନିଜ ଲୀଳା ପ୍ରକଟ କରିଛନ୍ତି ବୋଲି ଚରିତ୍ରମାନେ ଅନୁଭବ କରିଛନ୍ତି । ଗପଗୁଡ଼ିକ ସରଳ ଓ ସାବଲୀଳ । ବର୍ଣ୍ଣନାଶୈଳୀ ରୋଚକ । ତେବେ କାହାଣୀରେ ଉତ୍କଣ୍ଠା ସୃଷ୍ଟି କରିବାରେ ଲେଖକ ଦୁହେଁ ସଫଳ ହୋଇ ପାରିନାହାନ୍ତି । ଅମ୍ବରୀଷ- ପୁଣ୍ଡରୀକଙ୍କର ଓଡ଼ିଆ ଗପ ଜଗତରେ ଆଗ୍ରେ ପାଦ ଦୃଢ଼ ହେବ ବୋଲି ଆଶା କରିବା ।

# ଆଜି ଜାଗର, ଚଳଚଞ୍ଚଳ ଆଖଣ୍ଡଳମଣିଙ୍କ ପୀଠ



**ଭଦ୍ରକ,୧୪ା୨/ଏନ୍‌ଏନ୍‌ଏସ୍:** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ଆରଡ଼ି ପୀଠ ଉତ୍ସବମୁଖର ହୋଇଉଠିଛି। ଜାଗର ଯାତ୍ରା ଦିନତମାମ ମନ୍ଦିରରେ ଅନୁଷ୍ଠିତ ହେବାସହ ସଂଧ୍ୟାରୁ ରାତ୍ର ୧୨ଟା ଯାଏ ଚାରି ପ୍ରହର ରୁଦ୍ରାଭିଷେକ ଓ ଘର୍ଷଣ ଲାଗି, ରାତ୍ର ୧ଟାରେ ସୁନା ବେଶ ଓ ଭୋର ୪ଟା ୩୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ଶନିବାର ଏକବାର ନୀତି ପାଇଁ ଭୋର୍ ୪ଟା ୩୦ରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ ସମ୍ପନ୍ନ ହେବା ପରେ ଘର୍ଷଣଲାଗି ଓ ଜଳାଭିଷେକ ନୀତି ସମ୍ପନ୍ନ କରାଯାଇ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭାଗ ଲାଗି କରାଯାଇଥିଲା। ସକାଳ ୫ଟାରୁ ମଧ୍ୟାହ୍ନ ୧ଟା ଯାଏଁ ଆଗନ୍ତୁକ ଶ୍ରଦ୍ଧାଳୁମାନେ ସାହଣ ମେଲା ଦର୍ଶନ କରିଥିଲେ। ଅପରାହ୍ଣ ୪ଟା ସୁଦ୍ଧା ମଣିବାବାଙ୍କ ସମସ୍ତ ସକାଳ ଧୂପ ସରିବା ପରେ ଗର୍ଭଗୃହ ମାର୍ଜନା କରାଯାଇ ନୂଆ ଚାନ୍ଦୁଆ ଲାଗି କରାଯାଉଥିବା ବେଳେ ମନ୍ଦିର ଚୂଡ଼ାରେ ନୂଆନେତ ଲାଗି କରାଯାଇଥିଲା। ପରେ ମଣିବାବାଙ୍କ ବଡ଼ସିଂହାର ବେଶ ସହ ସଂଧ୍ୟାରେ ଏକବାର ଅନ୍ନଭୋଗ ନୀତି ଲାଗି କରାଯାଇଥିଲା। ଅନ୍ୟପଟେ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ନେଇ ପୂର୍ବାଞ୍ଚଳ ଡିଆଇଜି ପିନାକି ମିଶ୍ର ସ୍ଥିତିର ସମୀକ୍ଷା କରିଥିବାବେଳେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନ୍ୟପଟେ ଆରଡ଼ିସ୍ଥିତ ଅଖଣ୍ଡଳମଣି ପୀଠରେ ଆସନ୍ତା ଜାଗର ଉତ୍ସବ ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ସୁଗମ ଯାତାୟାତ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ନିମ୍ନଲିଖିତ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା କରାଯାଇଛି।

ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ପାର୍ଶ୍ୱରୁ ଓଳଙ୍ଗ ମଠ ଦେଇ ଆସୁଥିବା ଗାଡ଼ି ଗୁଡ଼ିକ ପାଇଁ ସମସ୍ତ ଗାଡ଼ିକୁ ଆରଡ଼ି ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଅଟକାଯିବ। ବସ୍ ଏବଂ ଟେମ୍ପୋ ଟ୍ରାଭେଲର୍ସ ବସ୍ ଷ୍ଟାଣ୍ଡ ଭିତରେ ପାର୍କିଂ କରିବେ। କାର୍ ଏବଂ ଅଟୋରିକ୍ସା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ଚିହ୍ନିତ ସ୍ଥାନରେ ପାର୍କିଂ କରିବେ। ଦୁଇ ଚକିଆ ଯାନ କେବଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନିର୍ଦ୍ଦିଷ୍ଟ ପାର୍କିଂ ଅଞ୍ଚଳରେ ପାର୍କିଂ କରିବେ। ତିହିଡ଼ି ପାର୍ଶ୍ୱରୁ ଆସୁଥିବା ଗାଡ଼ି ଗୁଡ଼ିକ ପାଇଁ ଡିହସାହି ଛକରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ତିନିତରା ଘାଟ ପାର୍ଶ୍ୱରୁ ଆସୁଥିବା ବାଇକ୍ ପାଇଁ ଶିବ ପ୍ଲାଜା ଛକର ପ୍ରାୟ ୫୦୦ ମିଟର୍ ପୂର୍ବରୁ ଗାଡ଼ି ଅଟକାଯିବ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ପାର୍କିଂ କରାଯିବ। ଟ୍ରାଫିକ୍ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯାଇଛି।

**ସୋର ଷ୍ଟେସନ୍ ପ୍ରତି ଦକ୍ଷିଣ-ପୂର୍ବ ରେଳ ଡିଭିଜନ୍‌ର ଚରମ ଅବହେଳା**

# ମାର୍ଚ୍ଚ ୯ରୁ ୧୧ ନାଗରିକ ମଞ୍ଚର ଧାରଣା

**ସୋର,୧୪ା୨/ଏନ୍‌ଏନ୍‌ଏସ୍:** ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ ସଭାପତିତ୍ୱ କରିଥିଲେ। ଏଥିରେ ଦୀର୍ଘ ବର୍ଷ ଧରି ଦକ୍ଷିଣ-ପୂର୍ବ ରେଳ ବିଭାଗ ସୋର ରେଳ ଷ୍ଟେସନ୍ ପ୍ରତି ହେୟ ମନୋଭାବ ତଥା ଚରମ ଅବହେଳାକୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। ଦୀର୍ଘ ବର୍ଷ ଧରି ନାଗରିକ ମଞ୍ଚ ସମେତ ଭଦ୍ରକ ଲୋକସଭା ସାଂସଦ, ସୋରର ବିଭିନ୍ନ ରାଜନୈତିକ ଦଳ, ବ୍ୟବସାୟୀ ସଂଘ, ସାମାଜିକ ଗଣ ସଂଗଠନ, ବିଭାଗୀୟ ମନ୍ତ୍ରୀଙ୍କ ସମେତ ମହାପ୍ରବନ୍ଧକ କୋଲକାତା, ଖଡଗପୁର୍ ଡିଭିଜନ୍‌ର ସମସ୍ତ ଉଚ୍ଚପଦାଧିକାରୀଙ୍କୁ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ସୋର ଷ୍ଟେସନ୍ ଉପରେ ନିର୍ଭରଶୀଳ ସୋର, ଖଇରା, ଔପଦା, ବାହାନଗା ଓ ବାସୁଦେବପୁର ବ୍ଲକ୍‌ର ରେଳଯାତ୍ରୀଙ୍କୁ ଉପେକ୍ଷା କରିଚାଲିଛନ୍ତି। ସୋର ଷ୍ଟେସନ୍‌ରୁ ବାର୍ଷିକ ପ୍ରାୟ ୯ କୋଟି ଟଙ୍କା ରାଜସ୍ୱ ଆଦାୟ ହେବାସହ ଷ୍ଟେସନ୍ ଅମୃତ ଭାରତ ଯୋଜନାରେ ସାମିଲ୍ ହୋଇ ମଧ୍ୟ ଯୋଜନାର ସୁଫଳ ରେଳ ଯାତ୍ରୀମାନେ ପାଉନାହାନ୍ତି। ଦକ୍ଷିଣ ପୂର୍ବ ରେଳ ବିଭାଗର ଉଚ୍ଚ ପଦାଧିକାରୀଙ୍କ ସୋର ଷ୍ଟେସନ୍ ପ୍ରତି ବେଖାତିର୍ ମନୋଭାବ ବିରୋଧରେ ନିମ୍ନଲିଖିତ ଦାବିରେ ନାଗରିକ ମଞ୍ଚ ଆସନ୍ତା ମାର୍ଚ୍ଚ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ସୋର ଷ୍ଟେସନ୍‌ରେ ଗଣଧାରଣାରେ ବସିବାକୁ ନିଷ୍ପତ୍ତି ଗ୍ରହଣ କରିଛି। ସୋର ରେଳ ଷ୍ଟେସନ୍ ଉପରେ ନିର୍ଭରଶୀଳ ହଜାର ହଜାର ଯାତ୍ରୀ ଦୈନିକ ରାଜ୍ୟ ତଥା ରାଜ୍ୟ ବାହାରକୁ ରେଳ ଯୋଗେ ଯାତାୟତ କରୁଥିବାରୁ ସୋର ଷ୍ଟେସନ୍‌ରେ ତୁରନ୍ତ ଦୂରଗାମୀ ଟ୍ରେନ୍ ଯଥା ବାଙ୍ଗାଲୋର, ଚେନ୍ନାଇ, ତ୍ରିଭେନ୍ଦ୍ରମ୍, ମୁମ୍ବାଇ, ଦିଲ୍ଲୀ, ଆସାମ, ପାଟନା, ସିକନ୍ଦରାବାଦ ଓ ଅହମ୍ମଦାବାଦ ସଂଯୋଗ କରୁଥିବା ସାପ୍ତାହିକ ଏବଂ ଦୈନିକ ଟ୍ରେନ୍‌ର ରହଣୀ, ତୁରନ୍ତ ଦ୍ୱିତୀୟ ରେଳ ଓଭରବ୍ରିଜ୍ ନିର୍ମାଣ ଶେଷ କରିବା, ବରିଷ୍ଠ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା, ସଂରକ୍ଷିତ ବଗି ଚିହ୍ନଟ ପାଇଁ କୋଚ୍ ଇଣ୍ଡିକେଟର୍ ସ୍ଥାପନ, ଯାତ୍ରୀ ବିଶ୍ରାମାଗାର, ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଓ ଶୌଚାଳୟ ପ୍ରମୁଖ ଅପରିହାର୍ଯ୍ୟ ଦାବିଗୁଡ଼ିକ ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ସହ ମାର୍ଚ୍ଚ ୩୧ ରେଳରୋକ ଭଳି ଚରମ ପଦକ୍ଷେପ ନେବାକୁ ସ୍ଥିର ହୋଇଛି। ଏହି ବୈଠକରେ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର୍ ନରହରି ନାୟକ, ନବକିଶୋର ଦାସ, ମାୟାଧର ନାୟକ, ମନୋଜ କୁମାର ରାୟ, ପ୍ରଦୀପ କୁମାର ଦାଶ ସୁରେନ୍ଦ୍ର ପାଣିଗ୍ରହୀ, ଅଦୈତ୍ୟ କୁମାର କର, ଜିତେନ୍ଦ୍ର ବେହେରା, ପ୍ରଫୁଲ୍ଲ ଷଡ଼ଙ୍ଗୀଓ ଦାମୋଦର ଦାଶମହାପାତ୍ର ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଖଗେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ଦାଶ, ପଦ୍ମଲୋଚନ ପାତ୍ର, କମଳାକାନ୍ତ ତିଆଡ଼ି, ରଜନୀକାନ୍ତ ପାଣିଗ୍ରାହୀ, ଚିତ୍ତରଞ୍ଜନ ଦାଶ, ପ୍ରଶାନ୍ତ ଦାସ, କଟଚନ୍ଦ୍ର ବେହେରା, ଇଂ ଦିବାକର ଦଳାଇ, ପ୍ରଫୁଲ୍ଲ କୁମାର ମହାନ୍ତି, ରାଜାରାଣୀ ଜେନା ଓ ରବୀନ୍ଦ୍ର କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଗଙ୍ଗାଧର ପାଢ଼ୀ ଧନ୍ୟବାଦ ଦେଇଥିଲେ।

**ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ**

## 'ଚିତ୍ରକଳା ଅନ୍ତରରୁ ଉଭାସିତ ହେଲେ ଜୀବନ୍ତ ହୋଇଉଠେ'



**ବାରିପଦା,୧୪ା୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇଟିଇପି ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ନାରାୟଣ ପ୍ରସାଦ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଯୋଗଦେଇ ଚିତ୍ରକଳା ଗୁଡ଼ିକ ସ୍ୱାଭାବିକ ଭାବେ ଅନ୍ତରରୁ ଉଭାସିତ ହେଲେ ଜୀବନ୍ତ ହୋଇଉଠେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସ୍କୁଲ୍ ଅଫ୍ ଆର୍ଟ ଏଣ୍ଡ୍ କ୍ରାଫ୍ଟର ଅଧ୍ୟକ୍ଷ ପ୍ରଣତି ପଟ୍ଟନାୟକ ଓ ସହକାରୀ ପ୍ରଫେସର୍ ଡକ୍ଟର ସରୋଜ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା କଳାପ୍ରେମୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ସହ ବିକ୍ରି ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ଅବସରରେ ମୟୂରଭଞ୍ଜ ଜନ୍ମିତ ମହାନ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ ଦାସଙ୍କ ସ୍ମୃତିଚାରଣ କରାଯାଇଥିଲା। ସହକାରୀ ପ୍ରଫେସର୍ ଡକ୍ଟର୍ ଦିଲ୍ଲୀପ କୁମାର ଦଳେଇ, ଡକ୍ଟର୍ ସଦାନନ୍ଦ ମେହେର, ସୁଶ୍ରୀ ସଙ୍ଗୀତା ପାତ୍ର, ଅଧ୍ୟାପକ ସତ୍ୟରଞ୍ଜନ ପାଣିଗ୍ରାହୀ, ଶକ୍ତିଜିତ ନାୟକ, ନମିତା ସରେନ୍ ଓ ସନ୍ଧ୍ୟାରାଣୀ ଧୂପଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଳା ଅଧ୍ୟାପକ ଈଶ୍ୱର କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀରେ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## କିଟ୍ କେୟାର୍ସ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା

**ବାରିପଦା,୧୪ା୨/ଏନ୍‌ଏନ୍‌ଏସ୍:** ବାରିପଦା ନିକଟସ୍ଥ ଇନ୍ଦୁପାଇସ୍ଥିତ ସେଣ୍ଟ୍ ଜେଭିୟର୍ସ ବିଦ୍ୟାଳୟରେ କିଟ୍ କେୟାର୍ସ, ଭୁବନେଶ୍ୱର ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। 'ଯୌଥ ପରିବାର ଏକବିଂଶ ଶତାବ୍ଦୀର ଏକ ଅନାବଶ୍ୟକ ସାମାଜିକ ବ୍ୟବସ୍ଥା' ଶୀର୍ଷକ ଉପରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ୫୧ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପରେ ଏକ ବୃତ୍ତିଗତ ପରାମର୍ଶ ସେବା ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ବିଭାଗ ନିର୍ଦ୍ଦେଶକ ଡ. ରାଜେନ୍ଦ୍ର କୁମାର ଦାସ, ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ବିଶ୍ୱଜିତ ଦାସ, ଶିକ୍ଷାବିତ୍ ତଥା ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ. ପୁଷ୍ପା ପାତ୍ର ଅତିଥିଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅମିତାଭ ପଟ୍ଟନାୟକ ଓ ଅଧ୍ୟକ୍ଷ ଜାନକୀ ବଲ୍ଲଭ ମହାନ୍ତିଙ୍କ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି। କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଏତାଦୃଶ ଛାତ୍ର ମେଧା ପ୍ରୋତ୍ସାହନକାରୀ ପଦକ୍ଷେପକୁ ବିଦ୍ୟାଳୟର କର୍ତ୍ତୃପକ୍ଷ ଭୂୟସୀ ପ୍ରଶଂସା କରିଥିଲେ।




# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ସୋର,୧୪ା୨/ଏନ୍‌ଏନ୍‌ଏସ୍:** ସୋର ବିଧାୟକ ମାଧବ ଧଡ଼ା ଗୋପୀନାଥପୁର ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଗୋପୀନାଥପୁର ପଞ୍ଚାୟତର ମେଣ୍ଡାଗଡ଼ିଆ ଗ୍ରାମରେ ସିଆର୍‌ସି ଗୃହ ନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର, ମାନସିକ ଅନଗ୍ରସର ଓ ମୁକବଧିର ସ୍କୁଲ୍‌ର ଉନ୍ନତିକରଣ ପାଇଁ ୧୦ ଲକ୍ଷ, ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ୩୪ ଲକ୍ଷ ୬୭ ହଜାର ୭୯୬ ଟଙ୍କା, ନୂତନ ଜିମ୍ ସେଣ୍ଟର୍ ପାଇଁ ୭ଲକ୍ଷ ୫୦ ହଜାର ଓ ଭୋଗମଣ୍ଡପ ନିର୍ମାଣ ପାଇଁ ୪ଲକ୍ଷ ୫୦ହଜାର ଟଙ୍କାର ଶିଳାନ୍ୟାସ କରିଥିଲେ। ଏହି ସମୟରେ ପଞ୍ଚାୟତର ସରପଞ୍ଚ ବନିତା ପଣ୍ଡା, ସମିତିସଭ୍ୟା ସସ୍ମିତା ବେହେରା ଓ ପ୍ରାକ୍ତନ ସରପଞ୍ଚ ଶଙ୍କର୍ଷଣ ବାରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାବା ବାଲୁକେଶ୍ୱର ବାରିଙ୍ଗିଆ ମହୋତ୍ସବ ଉଦ୍‌ଯାପିତ

**ଖଇରା,୧୪ା୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବାରିଙ୍ଗିଆରେ ୬ ଦିନ ଧରି ଚାଲିଥିବା ବାବା ବାଲୁକେଶ୍ୱର ବାରିଙ୍ଗିଆ ମହୋତ୍ସବ ମନଛୁଆଁ ନୃତ୍ୟସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ସ୍ଥାନୀୟ କଳାକାର ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରେରିତ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲ। ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ସିମୁଳିଆରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶି କୁମାର ସାହୁ ମୁଖ୍ୟଅତିଥି ଓ ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ବିଭୁତି ଭୂଷଣ ମାହାନା, ବାଲୁକେଶ୍ୱର ଟ୍ରଷ୍ଟ ଅଧ୍ୟକ୍ଷ ଶରତ କୁମାର ଜେନା ଓ ସମ୍ପାଦିକା ମିତା ସେଠୀ, ବରିଷ୍ଠ କର୍ମକର୍ତ୍ତା ଉମ୍ବରୁଧର ଦାସ ଓ ଉତ୍ତମ ଗିରି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଆର୍‌ପି ଶୁଭଲକ୍ଷ୍ମୀ ବାରିକ, ଗାୟିକା ମନସ୍ୱିନୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା ଓ ସଞ୍ଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାମ୍ବାଦିକ ଗୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଏସ୍ ଜିତୁ ଓ ରଶ୍ମିତାଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନ ଛୁଇଁଥିଲା। କମିଟିର ସମସ୍ତ ସଦସ୍ୟ ୬ ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ପୂର୍ବାଞ୍ଚଳ ଆନ୍ତବିଶ୍ୱବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ

**ବାଲେଶ୍ୱର,୧୪ା୨/ଏନ୍‌ଏନ୍‌ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୂର୍ବ ଭାରତର ୭ଟି ରାଜ୍ୟରୁ ୨୭ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିବାବେଳେ ପ୍ରାୟ ୫୦୦ ଛାତ୍ରୀ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବରେ ଅଧ୍ୟକ୍ଷତା କରି ସମସ୍ତ ଦଳକୁ ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ସମର୍ପଣ, ସମନ୍ୱୟ ଓ ପ୍ରତିସ୍ପର୍ଦ୍ଧାମୂଳକ କୌଶଳକୁ ପ୍ରଶଂସା କରିଥିଲେ। ଧ୍ୱଜାବତରଣ ଅବସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ. ନରେଶ କୁମାର ଉପସ୍ଥିତ ରହି ପ୍ରତିଯୋଗିତାର ସୁଚିନ୍ତିତ ପରିକଳ୍ପନା ଓ ସୁଚାରୁ ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ଭାସ୍କର ବେହେରା ଓ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର୍ ପବିତ୍ର ମୋହନ ନାୟକ ବିଜୟୀ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଏହି କାର୍ଯ୍ୟକ୍ରମକୁ ସହଯୋଗ ଓ ସଫଳ କରିଥିବା ହେତୁ ଦଳର କୋଚ୍, ମ୍ୟାନେଜର୍, ରେଫ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁମ୍ବାଇସ୍ଥିତ ଏସ୍‌ଏନ୍‌ଡିଟି ମହିଳା ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ସର୍ବଭାରତୀୟ ଅନ୍ତ-ବିଭାଗୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ (ମହିଳା) ପ୍ରତିଯୋଗିତା ପାଇଁ ନିମ୍ନଲିଖିତ ଦଳମାନେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ପ୍ରଥମ ସ୍ଥାନ (ବିଜେତା) ଉତ୍କଳ ବିଶ୍ୱବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ( ପ୍ରଥମ ଉପବିଜେତା) କିଟ୍‌ସ ବିଶ୍ୱବିଦ୍ୟାଳୟ, ତୃତୀୟ ସ୍ଥାନ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ (ଛତିଶଗଡ଼), ଚତୁର୍ଥ ସ୍ଥାନ ସହୀଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟ (ବସ୍ତର-ଛତିଶଗଡ଼)। ଏହି ସମଗ୍ର ପ୍ରତିଯୋଗିତା କ୍ରୀଡ଼ା ପରିଷଦର ଉପନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା ଓ ଶାରୀରିକ ଶିକ୍ଷାଧିକାରୀ ସଂଗ୍ରାମ ବିଶୋୟୀଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।




**ତିହିଡ଼ି ମହୋତ୍ସବ ଉଦ୍‌ଯାପିତ**

# 'ନିଜ ପ୍ରତିଭାର ଆଲୋକରେ ଆଗକୁ ବଢ଼ିବା ହିଁ ପ୍ରକୃତ ସଫଳତା'

**ତିହିଡ଼ି,୧୪ା୨/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଶ୍ୟାମା କ୍ଲବ୍ ପକ୍ଷରୁ ତିହିଡ଼ି କାଳୀପଡ଼ିଆରେ ୫ଦିନ ଧରି ଚାଲିଥିବା ତିହିଡ଼ି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ଶ୍ୟାମାକ୍ଲବ୍ ଓ ମହୋତ୍ସବ କମିଟିର ପ୍ରାକ୍ତନ ସଦସ୍ୟ ସ୍ୱର୍ଗତ ପ୍ରଦୀପ୍ ଜେନା ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିହିଡ଼ି ସିଆର୍‌ଏସ୍ ସରକାରୀ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ସମେରେନ୍ଦ୍ର ନାଥ ମିଶ୍ର ଅତିଥିଭାବେ ଯୋଗଦେଇ ନିଜ ପ୍ରତିଭାର ଆଲୋକରେ ଆଗକୁ ବଢ଼ିବା ହିଁ ପ୍ରକୃତ ସଫଳତା ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ତିହିଡ଼ି ଅଞ୍ଚଳର ଚିକିତ୍ସକ ଭାବେ ନିଜକୁ ଗଢ଼ି ତୋଳିଥିବା ଡା. ଗାୟତ୍ରୀ ନାୟକ, ଡା. ବିକାଶ ଗୁପ୍ତା, ଡା. ଚିରଞ୍ଜିବ ଦାସ, ଡା. ଦେବଦତ୍ତ ଦାଶ, ଡା. ଭବାନୀ ଶଙ୍କର ନାୟକ, ଡା. ସତ୍ୟମ୍ ବିଶ୍ୱାଳ, ଡା କୌଶିକ ପୃଷ୍ଟି, ଚିତ୍ରଶିଳ୍ପୀ ମହେଶ୍ୱର ସେଠୀ, ଚରସ ହାଇସ୍କୁଲ୍ ଏନ୍‌ସିସି ଗ୍ରୁପ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ଯାଇଥିବା ଛାତ୍ର ଓମ୍ ପ୍ରକାଶ ସେଠୀ ଓ ସାଇପ୍ରଦ ମାହୁନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥୀଙ୍କ ସଙ୍ଗୀତ ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବଲାଙ୍ଗୀର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ ଡକ୍ଟର ଅମୂଲ୍ୟ ସେନାପତି, ବିସ୍ମୟ ବିହାରୀ ସାହୁ, ଯଯାତି କେଶରୀ ଦାସ ଓ ଭଗବାନ ନାୟକଙ୍କ ସଞ୍ଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସଭାପତି ଡକ୍ଟର୍ ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନ କରିଥିଲେ। ବିଶ୍ୱଜିତ୍ ବେହେରା ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ। ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ପ୍ରତାପ ଜେନା, ବସନ୍ତ ମହାପାତ୍ର, ନୀଳମଣି ସାବତ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ ଦାସ, ଶୁଭମ ସାର୍ଥକ ଜେନା, ମିଡ଼ିଆ ସଂଯୋଜକ ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ତିହିଡ଼ି ବ୍ଲକ୍‌ର ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ୫ଦିନ ଧରି ଚାଲିଥିବା ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ।



## ପୋକ୍‌ସୋ ଓ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ସମ୍ବନ୍ଧୀୟ କର୍ମଶାଳା ଉଦ୍‌ଘାଟିତ



**ବାଲେଶ୍ୱର,୧୪ା୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ପୁଲିସ୍ ପ୍ରଶାସନ ଆନୁକୂଲ୍ୟରେ ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଓଫେନ୍ସେସ୍ (ପୋକସୋ) ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଉପରେ ଦକ୍ଷତା ନିର୍ମାଣ ସମ୍ବନ୍ଧୀୟ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଆଇଜି ପିନାକ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ଆଇନଜୀବୀ ନିଧି ଶର୍ମା, ଆଇନଜୀବୀ ଅନନ୍ତ ଆସ୍ଥାନା, ପିଏମ୍‌ଜେଜେବି ଅଧିକାରୀ ଶୁଭଶ୍ରୀ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ଏଥିରେ ବହୁ ସଂଖ୍ୟାରେ ପୁଲିସ୍ ଅଧିକାରୀ, କର୍ମଚାରୀ, ସମାଜସେବୀ, ସିଡବ୍ଲ୍ୟୁସି ସଦସ୍ୟ ଓ ଆଇନଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ନିଧି ଶର୍ମା, ଆଇନଜୀବୀ ଅନନ୍ତ ଆସ୍ଥାନା ପୋକସୋ ଓ ଜେଜେ ଆକ୍ଟ ସମ୍ପର୍କରେ ବିସ୍ତୃତ ତାଲିମ୍ ପ୍ରଦାନ କରିଥିଲେ। ରବିବାର ମଧ୍ୟ ଏହି ଦୁଇଟି ଆଇନ ଉପରେ ତାଲିମ୍ ଜାରି ରହିବ। ଏହି କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଉପରେ ସଚେତନତା ବୃଦ୍ଧି କରିବା, ସମ୍ପୃକ୍ତ ସମସ୍ତଙ୍କ ଦାୟିତ୍ୱକୁ ସ୍ପଷ୍ଟ କରିବା, ଯେକୌଣସି ଅପରାଧ ଘଟିଲେ ସଠିକ୍ ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ପାଇଁ ପ୍ରଶିକ୍ଷିତ କରିବା।

## ଟି-୨୦ ବିଶ୍ୱକପ୍

# ୯୬ ରନ୍‌ରେ ଓମାନ୍‌କୁ ହରାଇଲା ଆୟାରଲାଣ୍ଡ



**କଲମ୍ବୋ, ୧୪।୨/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍‌ର ୨୨ତମ ମ୍ୟାଚ୍‌ରେ, ଆୟାରଲାଣ୍ଡ ୯୬ରନ୍‌ରେ ଓମାନକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ପ୍ରଥମ ବିଜୟ ହାସଲ କରିଛି। ଶନିବାର କଲମ୍ବୋର ସିଂହଳୀ ସ୍ପୋର୍ଟସ୍ କ୍ଲବ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ, ଓମାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଓମାନ୍‌ର ଏହି ନିଷ୍ପତ୍ତି ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଅନ୍ୟପକ୍ଷେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆୟାରଲ୍ୟାଣ୍ଡ ଧାର୍ଯ୍ୟ ୨୦ ଓଭରରେ ୫ ୱିକେଟ୍ ହରାଇ ୨୩୫ ରନ୍ କରିଥିଲା, ଯାହା ଏହି ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ସେମାନଙ୍କର ସର୍ବାଧିକ ସ୍କୋର। ଜବାବରେ, ଓମାନ ୧୮ ଓଭରରେ ମାତ୍ର ୧୩୯ରନ୍‌ରେ ହିଁ ଅଲଆଉଟ୍ ହୋଇଗଲା। ଆୟାରଲ୍ୟାଣ୍ଡ ବ୍ୟାଟ୍ସମ୍ୟାନ୍ ତଥା ଅଧିନାୟକ ଲୋର୍କାନ ଟକରଙ୍କୁ ତାଙ୍କର ୯୪ର ଜବରଦସ୍ତ ପାଳି ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ଆଜିର ଏହି ମ୍ୟାଚ୍‌ରେ ଆୟର୍ଲାଣ୍ଡ ପ୍ରଥମରୁ ହିଁ ଓମାନ୍ ଉପରେ ଭାରି ପଡ଼ିଥିଲା। ପ୍ରଥମେ ବ୍ୟାଟିଂ ସମୟରେ ଆୟାରଲ୍ୟାଣ୍ଡ ଅଧିନାୟକ ଲୋର୍କାନ ଟକର ଏବଂ ଗାରେଥ ଡେଲାନି ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଟକର ୫୧ ବଲରୁ ୯୪ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ, ଯେତେବେଳେ ଡେଲାନି ୩୦ ବଲରୁ ୫୬ ରନ କରିଥିଲେ। ଏହି ସମୟରେ ଜର୍ଜ ଡକରେଲ ଶେଷ ଓଭରରେ ଲଗାତାର ତିନୋଟି ଛକା ମାରିଥିଲ। ସେ ମାତ୍ର ୯ ବଲରୁ ୩୫ ରନ କରିଥିଲେ ଯାହାଫଳରେ ଦଳ ୨୩୫ ରନ୍‌ରେ ପହଞ୍ଚିପାରିଥିଲେ। ଓମାନ ପାଇଁ, ଶକିଲ ଅହମ୍ମଦ ତିନୋଟି ୱିକେଟ ନେଇଥିଲେ, ଯେତେବେଳେ ଶାହ ଫୈସଲ ଏବଂ ଆମିର କଲିମ ପ୍ରତ୍ୟେକ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ତେବେ ୨୩୬ ରନ୍‌ର ଲକ୍ଷ୍ୟକୁ ପିଛା କରିବା ଉଦ୍ଦେଶ୍ୟରେ ପଡ଼ିଆକୁ ଓହ୍ଲାଇଥିବା ଓମାନ୍‌ର ଅନ୍ୟତମ ଓପନର ଆମିର କଲିମ୍ ଏବଂ ହମାଦ୍ ମିର୍ଜାଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିପାରିନଥିଲେ। ଆମିର କଲିମ ୨୯ ବଲରୁ ୫୦ ରନ କରି ଆଉଟ୍ ହୋଇଥିବା ବେଳେ ହମ୍ମାଦ ମିର୍ଜା ୩୭ ବଲରୁ ୪୬ ରନ କରିଥିଲେ। ଅନ୍ୟପକ୍ଷେ ଆୟରଲ୍ୟାଣ୍ଡ ପାଇଁ, ଜୋଶୁଆ ଲିଟିଲ ତିନୋଟି ୱିକେଟ ନେଇଥିଲେ, ଯେତେବେଳେ ମାଥ୍ୟୁ ହମ୍ଫ୍ରିସ୍ ଏବଂ ବାରି ମ୍ୟାକାର୍ଥି ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜର୍ଜ ଡକରେଲ ଗୋଟିଏ ୱିକେଟ ନେଇଥିଲେ। ଅଧିନାୟକ ଜତିନ୍ଦର ସିଂହ ମାତ୍ର ୭ ରନ୍ କରି ପାଭିଲିୟନ୍ ଫେରିଥିଲେ। ଆଶିଷ ଓଡେଡାରା ଏବଂ ହମ୍ମାଦ ମିର୍ଜା ରନ୍ ଆଉଟ ହୋଇଥିଲେ।

# ସ୍କଟଲାଣ୍ଡ୍‌କୁ ହରାଇ ୨ୟ ବିଜୟ ହାସଲ କଲା ଇଂଲଣ୍ଡ



**କୋଲକାତା, ୧୪।୨/ଏଜେନ୍ସି:** ଟି-୨୦ ବିଶ୍ୱକପର ୨୩ତମ ମ୍ୟାଚ୍‌ରେ ଇଂଲଣ୍ଡ, ନିଜ ତୁଳନାରେ ଅପେକ୍ଷାକୃତ କମ୍‌ଜୋର ଦଳ ସ୍କଟ୍‌ଲାଣ୍ଡକୁ ୫ ୱିକେଟରେ ପରାସ୍ତ କରିଛି। ଶନିବାର କୋଲକାତାର ଇଡେନ୍ ଗାର୍ଡେନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନ୍ୟପକ୍ଷେ ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ୍ ୧୯.୪ ଓଭରରେ ୧୫୨ରନ୍‌ରେ ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ୧୮.୨ ଓଭରରେ ୫ ୱିକେଟ ହରାଇ ଏହି ଲକ୍ଷ୍ୟକୁ ହାସଲ କରିବା ସହ ମ୍ୟାଚ୍ ବିଜୟୀ ହୋଇଛି। ତେବେ ଏହି ବିଜୟ ସହ ଚଳିତ ବିଶ୍ୱକପ୍ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡ୍ ମୋଟ୍ ତିନୋଟି ମ୍ୟାଚ୍ ଖେଳିସାରିଥିବା ବେଳେ ଏହା ଇଂଲଣ୍ଡର ଦ୍ୱିତୀୟ ବିଜୟ। ପୂର୍ବରୁ, ଫେବୃଆରୀ ୮ରେ ଦଳ ଏକ ରୋମାଞ୍ଚକର ମ୍ୟାଚ୍‌ରେ ନେପାଳକୁ ୪ ରନରେ ପରାସ୍ତ କରିଥିଲା। ଏହି ବିଜୟ ସହିତ ଇଂଲଣ୍ଡ ଗ୍ରୁପ୍ ସିର ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷେ ଏହା ସ୍କଟଲାଣ୍ଡର ମଧ୍ୟ ତିନିଟି ମ୍ୟାଚ୍ ମଧ୍ୟରୁ ଦ୍ୱିତୀୟ ପରାଜୟ। ଏହା ପୂର୍ବରୁ ସେମାନେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ମଧ୍ୟ ପରାଜୟର ସମ୍ମୁଖୀନ ହୋଇଥଲା। ସ୍କଟଲାଣ୍ଡ୍‌ର ଅଧିନାୟକ ରିଚି ବେରିଂଟନ୍‌ଙ୍କ ୪୯ ରନ୍, ମାଇକେଲ୍ ଜୋନ୍ସ ୩୩ ରନ୍, ଟମ୍ ବ୍ରୁସ୍ ୨୪ ରନ୍ ଏବଂ ଓଲିଭର ଡେଭିଡସନ୍‌ଙ୍କ ଅପରାଜିତ ୨୦ ରନ୍ ସତ୍ତ୍ୱେ ଦଳ ମାତ୍ର ୧୫୨ ରନ୍ କରିପାରିଥିଲା। ଇଂଲଣ୍ଡ ପକ୍ଷରୁ ଆଦିଲ୍ ରସିଦ୍ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଜୋଫ୍ରା ଆର୍ଚର, ଲିଆମ୍ ଡସନ୍ ୨ଟି ଲେଖାଏ ୱିକଟେ୍ ପାଇଥିଲେ। ସେହିପରି ଜାମି ଓଭରଟର୍ନ ଏବଂ ସାମ୍ କୁରାନ୍ ୧-୧ ଲେଖାଏ ୱିକେଟ୍ ହାସଲ କରିଥିଲେ। ଅନ୍ୟପକ୍ଷେ ୧୫୩ ରନ୍‌ର ଲକ୍ଷ୍ୟ ସହ ଇଂଲଣ୍ଡ ପକ୍ଷରୁ ଟମ୍ ବାଣ୍ଟନ୍ ୪୧ ବଲ୍‌ରେ ୬୩ରନର୍ ଅପରାଜିତ ଇନିଂସ ଖେଳିଥିଲେ। ସେହିପରି ଜ୍ୟାକବ୍ ବେଥେଲ୍ ୨୮ ବଲ୍‌ରୁ ୩୨ ରନ୍ ଏବଂ ସାମ୍ କୁରାନ୍‌ଙ୍କ ୨୮ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାଳି ବଳରେ ଇଂଲଣ୍ଡ ୧୫୫ ରନ୍ କରିଥିଲା। ସ୍କଟଲ୍ୟାଣ୍ଡ ପାଇଁ ବ୍ରାଣ୍ଡନ୍ ମ୍ୟାକମୁଲେନ୍, ଅଲିଭର୍ ଡେଭିଡସନ୍, ବ୍ରାଡ୍ ହ୍ୱିଲ୍, ବ୍ରାଡ୍ କରି ଏବଂ ମାଇକେଲ୍ ଲିସ୍କ ୧-୧ ୱିକେଟ୍ ପାଇଥିଲେ। ଆଜିର ମ୍ୟାଚ୍‌ରେ ଟମ୍ ବାଣ୍ଟନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ସାଉଥ୍ ଆଫ୍ରିକାର ଲଗାତାର ତୃତୀୟ ବିଜୟ

## ୩ ୱିକେଟ୍‌ରେ ହାରିଲା ନ୍ୟୁଜିଲାଣ୍ଡ୍



**ଅହମଦାବାଦ, ୧୪।୨/ଏଜେନ୍ସି:** ୨୦୨୬ ଟି-୨୦ ବିଶ୍ୱକପ୍‌ରେ ସାଉଥ୍ ଆଫ୍ରିକା ଲଗାତାର ତୃତୀୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ନ୍ୟୁଜିଲାଣ୍ଡକୁ ୩ ୱିକେଟ୍‌ରେ ପରାସ୍ତ କରିବାରେ ସଫଳ ହୋଇଛି। ଏହି ବିଜୟ ସହ ଦଳ ଗ୍ରୁପ୍ ଡି ପଏଣ୍ଟ୍ ଟେବୁଲ୍‌ରେ ପ୍ରଥମ ସ୍ଥାନରେ ପହଞ୍ଚିଛି, ଯେତେବେଳେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନରେ ଅଛି। ସେହିପରି ସାଉଥ୍ ଆଫ୍ରିକା କୌଣସି ଟି-୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ନିଜ ଅପରାଜିତ ରେକର୍ଡକୁ ବଜାୟ ରଖିବାରେ ମଧ୍ୟ ସଫଳ ହୋଇଛି। ଉଭୟ ଦଳ ମଧ୍ୟରେ ଟି-୨୦ ବିଶ୍ୱକପ୍‌ରେ ମୋଟ୍ ୫ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ସମସ୍ତ ମ୍ୟାଚ୍ ସାଉଥ୍ ଆଫ୍ରିକା ଜିତିଛି। ଅହମଦାବାଦ୍ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ସାଉଥ୍ ଆଫ୍ରିକା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅନ୍ୟପକ୍ଷେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା। ଦଳ ପକ୍ଷରୁ ମାର୍କ ଚାପମାନ୍ ସର୍ବାଧିକ ୪୮ ରନ୍‌ର ପାଳି ଖେଳିଥିଲେ। ସେହିପରି ଡେରିଲ୍ ମିଚେଲ୍ ୩୨ ରନ୍ ଏବଂ ଫିନ୍ ଆଲେନ୍ ୧୭ ବଲ୍‌ରୁ ୩୧ ରନ୍‌ର ଧୂଆଁଧାର ଇନିଂସ ଖେଳିଥିଲେ। ଅନ୍ୟପକ୍ଷେ ତେବେ ସାଉଥ୍ ଆଫ୍ରିକା ମାତ୍ର ୧୭.୧ ଓଭରରେ ୩ ୱିକେଟ୍ ହରାଇ ୧୭୬ ରନ୍ ଲକ୍ଷ୍ୟ ହାସଲ କରିନେଇଥିଲା। ଡେଭିଡ୍ ମିଲର୍ ଏକ ଛକା ମାରି ଦଳକୁ ବିଜୟୀ କରାଇଥିଲେ। ନିଜ ବ୍ୟକ୍ତିଗତ ୪ ଓଭରରେ ୪୦ ରନ୍ ଦେଇ ୪ ୱିକେଟ୍ ଅକ୍ତିଆର କରିଥିବା ମାର୍କୋ ଜାନସେନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସାଉଥ୍ ଆଫ୍ରିକାର ବିଜୟରେ ଅଧିନାୟକ ମାର୍କରାମ ଅପରାଜିତ ୮୬ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା।

# ସାମ୍ନାସାମ୍ନି ହେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ

**କଲମ୍ବୋ, ୧୪।୨/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍‌ର ଅନ୍ୟତମ ମ୍ୟାଚ୍‌ରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ଆମ୍ନା ସାମ୍ନା ହେବାକୁ ଯାଉଛନ୍ତି। ତେବେ ଏହା କେବଳ ଏକ ମ୍ୟାଚ୍ ନୁହେଁ ବରଂ ଉଭୟ ଦେଶବାସୀଙ୍କ ଭାବନା ସହ ଜଡିତ ଏକ କ୍ରୀଡା ରୂପୀ ଲଢ଼େଇ। ଟି-୨୦ ବିଶ୍ୱକପ୍‌ର ଏହି ହାଇଭୋଲଟେଜ୍ ମ୍ୟାଚ୍‌ରେ ଉଭୟ ଦେଶର ଖେଳାଳିମାନେ ନିଜ ଦେଶବାସୀଙ୍କୁ ଖୁସି କରିବା ତଥା ଦେଶକୁ ଗୌରବାନ୍ୱିତ କରିବା ଉଦ୍ଦେଶ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ସୁତରାଂ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍ ଏବେ ବେଶ୍ ରୋମାଞ୍ଚକ ହୋଇପଡିଛି। ପ୍ରଥମେ ପାକିସ୍ତାନ ଭାରତ ସହ ଖେଳିବାକୁ ମନା କରିବା, ପରେ ଆଇସିସି ଛାଟ ବାଜିବା ପରେ ପୁଣିଥରେ ଖେଳିବାକୁ ରାଜି ହୋଇଥିଲା, ଯାହାକି ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଉପହାସର ପାତ୍ର ସଜାଇଦେଇଛି। ଅନ୍ୟପକ୍ଷେ ଏସିଆ କପ୍ ସମୟରେ ଭାରତୀୟ ଖେଳାଳିମାନେ ହ୍ୟାଣ୍ଡସେକ୍ ନକରିବା ଯୋଗୁ ନିଜକୁ ଅପମାନିତ ମଣିଥିବା ପାକିସ୍ତାନ ଏହି ମ୍ୟାଚ୍‌କୁ ପ୍ରତିଶୋଧ ମନୋଭାବ ନେଇ ଖେଳିବାକୁ ପ୍ରସ୍ତୁତ ରହିଛି। ଅନ୍ୟପକ୍ଷେ ଭାରତ ମଧ୍ୟ ପାକିସ୍ତାନକୁ ହରାଇବାର ପରମ୍ପରା ବଜାୟ ରଖିବା ଉଦ୍ଦେଶ୍ୟରେ ଖେଳିବ। ଏସବୁ ମଧ୍ୟରେ ପାକିସ୍ତାନ କ୍ରିକେଟ୍ ଟିମ୍‌ର ଅଧିନାୟକ ସଲମାନ୍ ଅଲି ଆଗା ଶନିବାର କଲମ୍ବୋରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ୨୦୨୫ରେ ଅନୁଷ୍ଠିତ ଏସିଆ କପ୍ ସମୟରେ ଭାରତୀୟ ଖେଳାଳି ଆମ ସହ ହାତ ମିଳାଇନଥିଲେ, ଆସନ୍ତା କାଲିର ମ୍ୟାଚ୍‌ରେ ଆମେ ଏହାର ଉଚିତ୍ ଜବାବ ଦେବୁ। ତେବେ ଜବାବରେ ଭାରତୀୟ ଟି-୨୦ ସ୍କ୍ୱାଡ୍‌ର ଅଧିନାୟକ ସୂର୍ଯ୍ୟ କୁମାର ଯାଦବ କହିଛନ୍ତି, ୨୪ ଘଣ୍ଟା ପରେ ଆମେ ଏହାର ଉତ୍ତର ପଡ଼ିଆରେ ଦେବୁ। ସଲମାନ୍ ଆଗା କହିଛନ୍ତି ଆମେ ସର୍ବଶ୍ରେଷ୍ଠ ଭାରତୀୟ ଦଳ ସହ ଖେଳିବାକୁ ଏବଂ ପରାସ୍ତ କରିବାକୁ ପ୍ରସ୍ତୁତ ରହିଛୁ। ସେ ଆହତ ଥିବା ଭାରତୀୟ ବିସ୍ଫୋରକ ଓପନର ଅଭିଷେକ୍ ଶର୍ମାଙ୍କ ଖେଳିବା ପରିପ୍ରେକ୍ଷୀରେ ଏପରି କହିଛନ୍ତି।

## ଦେଶ ବିଦେଶ

# ବାଂଲାଦେଶରୁ ଆସିବ ମୋଦୀଙ୍କୁ ନିମନ୍ତ୍ରଣ !

**ଢ଼ାକା, ନୂଆଦିଲ୍ଲୀ, ୧୪।୨/ଏଜେନ୍ସି:** ବାଂଲାଦେଶରେ ନୂଆ ସରକାର ଗଠନ ହେବାକୁ ଯାଉଛି। ବିଏନ୍‌ପି ମୁଖ୍ୟ ତାରିକ୍ ରେହମାନ ଦେଶର ନୂଆ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ହୋଇଯାଇଛି। ତେବେ ସେ ବାଂଲାଦେଶକୁ ଫେରିବା ପରଠାରୁ ବର୍ତ୍ତମାନ ସୁଦ୍ଧା ଭାରତ ଉଦ୍ଦେଶ୍ୟରେ ଯାହାକିଛି ବିବୃତି ତଥା ମତମନ୍ତବ୍ୟ ଦେଇଛନ୍ତି ସେଥିରୁ ଭାରତ ସହ ବାଂଲାଦେଶର ସମ୍ପର୍କ ସୁଧୁରିବାର ଏକ ନୂଆ ଆଶା ସଞ୍ଚାର ହୋଇଛି। ଏସବୁକୁ ଆଶାକୁ ଆହୁରି ଅଧିକ ଦୃଢ଼ୀଭୂତ କରୁଛି ତାରିକ୍ ରେହମାନ୍ ନିଜ ଶପଥ ଗ୍ରହଣ ଉତ୍ସବକୁ ମୋଦୀଙ୍କୁ ନିମନ୍ତ୍ରଣ କରିପାରନ୍ତି ବୋଲି ଆରମ୍ଭ ହୋଇଥିବା ଚର୍ଚ୍ଚା।



ବିଏନ୍‌ପି ତାରିକ ରେହମାନଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ବିଭିନ୍ନ ଦେଶ ସହିତ କୂଟନୈତିକ ସମ୍ପର୍କ ବୃଦ୍ଧି କରିବାକୁ ବିଏନ୍‌ପି ସମସ୍ତ ପ୍ରମୁଖ ଦେଶର ଶାସନ ମୁଖ୍ୟଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା ରଖିଛି। ସୂତ୍ର ଅନୁଯାୟୀ, ରେହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଆଞ୍ଚଳିକ ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯିବ, ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ପ୍ରମୁଖ ଅତିଥି ରହିପାରନ୍ତି। ପ୍ରକାଶ, ତାରିକ୍ ରେହମାନ୍‌ଙ୍କ ଦଳ ବହୁମତରେ ବିଜୟୀ ହେବା ପରେ ପରେ ପ୍ରଧାନମନ୍ତ୍ରୀ ମୋଦୀ, ଫୋନ୍ କରି ତାରିକ୍ ରେହମାନ୍‌ଙ୍କୁ ବିଜୟ ଶୁଭେଚ୍ଛା ଜଣାଇଥିଲେ। ତାରିକ୍ ମଧ୍ୟ ବହୁ ପୂର୍ବରୁ ହିଁ ଏପରି କିଛି ବୟାନ୍ ଦେଇସାରିଛନ୍ତି। ନିକଟତରେ ତାରିକ୍ କହିଥିଲେ ବାଂଲାଦେଶର ବିକାଶ ପାଇଁ ଭାରତ ସହ ସମ୍ପର୍କକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ, ମହମଦ୍ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ସମୟରେ ଭାରତ-ବାଂଲାଦେଶ ସମ୍ପର୍କ ଅତ୍ୟନ୍ତ ତିକ୍ତତାପୂର୍ଣ୍ଣ ହୋଇଯାଇଥିଲା।

## କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି

# ବ୍ରହ୍ମପୁତ୍ର ନଦୀ ତଳେ ନିର୍ମାଣ ହେବ ଟନେଲ୍

**● ଏପ୍ରକାର ସୁଡ଼ଙ୍ଗ ଭାରତରେ ପ୍ରଥମ, ବିଶ୍ୱର ୨ୟ ● ୬ ଘଣ୍ଟାର ଯାତ୍ରା ୨୦ ମିନିଟ୍‌କୁ ହ୍ରାସ ପାଇବ**

**ନୂଆଦିଲ୍ଲୀ, ୧୪।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ୍ ୧,୬୦,୫୦୪ କୋଟି ଟଙ୍କା ବ୍ୟୟବରାଦିତ ପ୍ରାୟ ୧୦ଟି ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରେ ଆସାମରେ ଗୋହପୁର (ଏନ୍‌ଏଚ୍-୧୫) ଏବଂ ନୁମାଲିଗଡ଼ (ଏନ୍‌ଏଚ୍-୭୧୫) ମଧ୍ୟରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ତଳେ ଏକ ଟନେଲ୍ ନିର୍ମାଣ କରାଯିବା ଭଳି ପ୍ରସ୍ତାବ ମଧ୍ୟ ସାମିଲ ରହିଛି। ଏହା ଦେଶର ପ୍ରଥମ ତଥା ବିଶ୍ୱର ଦ୍ୱିତୀୟ ସମୁଦ୍ର ତଳ ଟନେଲ୍ ପ୍ରକଳ୍ପ ହେବ ଯାହାକି ରାସ୍ତା ତଥା ରେଳ ଟ୍ରାକ୍ ବିଶିଷ୍ଟ ଚାରି ଲେନ୍ ହେବ। ସିଧାସଳଖ କହିଲେ ଏହି ପ୍ରକଳ୍ପ ଅନ୍ତର୍ଗତ ସମୁଦ୍ର ତଳେ ଯେଉଁ ଟନେଲ୍ ନିର୍ମାଣ କରାଯିବ ସେଥିମଧ୍ୟରେ ୨ ଲେନ୍‌ର ରେଳ ଟ୍ରାକ୍ ବିଛାଯିବ ଏବଂ ଅନ୍ୟାନ୍ୟ ଯାନବାହାନ ଚଳାଚଳ ପାଇଁ ବାକି ୨ ଲେନ୍‌ର ରାସ୍ତା ରହିବ। ଏହାଦ୍ୱାରା ଏହି ଟନେଲ୍ ମଧ୍ୟ ଦେଇ ଏକାସଙ୍ଗେ ଉଭୟ ରେଳ ଚଳାଚଳ ଏବଂ ବାକି ଅନ୍ୟାନ୍ୟ ଯାନବାହାନ ମଧ୍ୟ ଚଳାଚଳ କରିବା ସମ୍ଭବ ହୋଇପାରିବ। ଏପ୍ରକାର ଏକ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନଫିଲ୍ଡ କରିଡରକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୧୫.୭୯ କିଲୋମିଟର ଲମ୍ବ ଏହି ଟନେଲ୍ ପ୍ରକଳ୍ପ ପାଇଁ ମୋଟ୍ ୧୮,୬୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ଇଞ୍ଜିନିୟରିଂ-ପ୍ରୋକ୍ୟୁରମେଣ୍ଟ-ନିର୍ମାଣ (ଇପିସି) ମଡେଲରେ ବିକଶିତ କରାଯିବ।



ବର୍ତ୍ତମାନ, ନୁମାଲିଗଡ଼ ଏବଂ ଗୋହପୁର ମଧ୍ୟରେ ପ୍ରାୟ ୨୪୦ କିଲୋମିଟର ଦୂରତା ଯାହାକୁ ଅତିକ୍ରମ କରିବା ପାଇଁ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି ଏହି ପ୍ରକଳ୍ପ ଶେଷ ହେବା ପରେ ଏହି ସମୟ ୨୦ ମିନିଟ୍‌କୁ ହ୍ରାସ ପାଇବ। ଏହି ଟନେଲ୍ ଦ୍ୱାରା ଆସାମ, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡ ସମେତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଉନ୍ନତ ସଂଯୋଗୀକରଣ ସମ୍ଭବ ହୋଇପାରିବ। ସେହିପରି ୧୧ ଅର୍ଥନୈତିକ, ୩ ସାମାଜିକ, ୨ ପର୍ଯ୍ୟଟନ ଏବଂ ୮ ଲଜିଷ୍ଟିକ୍ ନୋଡ୍ ସହିତ ସଂଯୋଗୀକରଣ, ୪ଟି ପ୍ରମୁଖ ରେଳ ଷ୍ଟେସନ, ୨ ବିମାନବନ୍ଦର ଏବଂ ୨ ଜଳପଥ ସହିତ ସଂଯୋଗୀକରଣ ମଧ୍ୟ ସମ୍ଭବ ହୋଇପାରିବ। ସବୁଠୁ ବଡ଼ କଥା ହେଉଛି ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୮ ନିୟୁତ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

**ନୋଏଡା ମେଟ୍ରୋ ସମ୍ପ୍ରସାରଣ ପ୍ରସ୍ତାବକୁ ମଞ୍ଜୁରି, ୧ ଲକ୍ଷ କୋଟିର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠିକୁ ମଞ୍ଜୁରି**

କ୍ୟାବିନେଟ୍ ନିଜ ଦ୍ୱିତୀୟ ନିଷ୍ପତ୍ତି କ୍ରମେ ୧୧.୫୬ କିଲୋମିଟର ନୋଏଡା ମେଟ୍ରୋ ସମ୍ପ୍ରସାରଣ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରି ଦେଇଛି। ନୋଏଡା ମେଟ୍ରୋ ରେଳ ପ୍ରକଳ୍ପ ଅଧୀନରେ ସେକ୍ଟର ୧୪୨ରୁ ବୋଟାନିକାଲ୍ ଗାର୍ଡେନ୍ ପର୍ଯ୍ୟନ୍ତ ଏହି ଏକ୍ସଟେନ୍ସନ୍ କରିଡରକୁ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପରେ ୮ଟି ଉଚ୍ଚ ଷ୍ଟେସନ ଅନ୍ତର୍ଭୁକ୍ତ ହେବ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ, ନୋଏଡା-ଗ୍ରେଟର୍ ନୋଏଡା ମେଟ୍ରୋ ନେଟୱାର୍କ ୬୧.୬୨ କିଲୋମିଟର ଲମ୍ବା ହେବ। ଏହା ବଟାନିକାଲ୍ ଗାର୍ଡେନରେ ବ୍ଲୁ ଲାଇନ୍ ଏବଂ ମାଜେଣ୍ଟା ଲାଇନ୍ ସହିତ ଆଦାନପ୍ରଦାନକୁ ସହଜ କରିବ। ଏହା ବାଣିଜ୍ୟିକ ଏବଂ ଶିକ୍ଷାଗତ କ୍ଷେତ୍ରଗୁଡ଼ିକୁ ସିଧାସଳଖ ସଂଯୋଗ ପ୍ରଦାନ କରିବ, ଟ୍ରାଫିକ୍ ଭିଡ଼ ହ୍ରାସ କରିବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୨୨୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କେନ୍ଦ୍ର କ୍ୟାବିନେଟ୍ ସହରୀ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦିତ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି (ୟୁସିଏଫ୍)କୁ ଅନୁମୋଦନ କରିଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନା ୨୦୨୫-୨୬ ରୁ ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଛୋଟ ସହର ପାଇଁ ୫,୦୦୦ କୋଟି ଟଙ୍କାର କ୍ରେଡିଟ୍ ମରାମତି ଗ୍ୟାରେଣ୍ଟି ଯୋଜନାକୁ ମଧ୍ୟ ଅନୁମୋଦନ କରାଯାଇଛି। ଏତଦ୍‌ବ୍ୟତୀତ କ୍ୟାବିନେଟ୍ ରାଇସିନା ହିଲ୍ ସ୍ଥିତ ସାଉଥ୍ ବ୍ଲକ୍‌ରୁ ନବନିର୍ମିତ 'ସେବା ତୀର୍ଥ'କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସ୍ଥାନାନ୍ତର କରିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛି।

ଆଜି ନିଆଯାଇଥିବା ଅନ୍ୟ କ୍ୟାବିନେଟ୍ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ୧୦,୧୫୪ କୋଟି ଟଙ୍କା ବିନିମୟରେ କସରା-ମନମାଦ୍ ୩ୟ ଏବଂ ୪ର୍ଥ ଲାଇନ ନିର୍ମାଣ, ୫,୯୮୩ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ-ଅମ୍ବାଲା ମଧ୍ୟରେ ୩ୟ ଏବଂ ୪ର୍ଥ ଲାଇନ୍ ନିର୍ମାଣ, ୨୩୭୨ କୋଟି ଟଙ୍କା ମୂଲ୍ୟରେ ବଲାରି-ହୋସାପେଟେ ମଧ୍ୟ ୩ୟ ଏବଂ ୪ର୍ଥ ଲାଇନ୍ ନିର୍ମାଣ, ୩୧୭୫ କୋଟି ବ୍ୟୟ ବରାଦିତ ଗୁଡେବେଲ୍ଲୁର-ମେହବୁବନଗର ସେକ୍‌ସନ୍‌ର ୪ ଲେନିଂ, ୪୫୮୪ କୋଟି ଟଙ୍କା ବ୍ୟୟବରାଦିତ ଢ଼ାମସିୟା-ବିଟାଡା ଏବଂ ନାସରପୁର-ମାଲୋଠା ସେକ୍‌ସନ୍‌ର ୪ ଲେନିଂ, ୩୩୨୦ କୋଟି ଖର୍ଚ୍ଚ ବରାଦିତ ଘୋଟି-ତ୍ରିମ୍ବକ୍-ପାଲଘର ସେକ୍‌ସନର ଅପଗ୍ରେଡେସନ୍ ଏବଂ ୧୦,୦୦୦ କୋଟି ଟଙ୍କା ପାଣ୍ଠି ସମ୍ବଳିତ ଫଣ୍ଡ-୨.୦ ର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ୍ ଭଳି ନିଷ୍ପତ୍ତି ସାମିଲ ରହିଛି।

### ବିଶ୍ୱର ପ୍ରଥମ ସମୁଦ୍ର ତଳ ଟନେଲ୍ 'ଚ୍ୟାନେଲ ଟନେଲ୍'

ବର୍ତ୍ତମାନ, ଚ୍ୟାନେଲ ଟନେଲ୍ ବିଶ୍ୱର ଏକମାତ୍ର ସମୁଦ୍ର ତଳ ଟନେଲ୍ ଯାହାକି ଉଭୟ ରାସ୍ତା-ସହ-ରେଳ ଟ୍ରାକ୍‌ର ସୁବିଧା ପ୍ରଦାନ କରୁଛି। ଚ୍ୟାନେଲ ଟନେଲ୍ ଯୁକ୍ତରାଜ୍ୟ ଏବଂ ଫ୍ରାନ୍ସକୁ ସଂଯୋଗ କରୁଛି। ଇଂରାଜୀ ଚ୍ୟାନେଲ ତଳେ ନିର୍ମିତ ଏହି ଟନେଲ୍‌କୁ ୧୯୯୪ ମସିହାରେ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇଥିଲା। ଏହି ସୁଡ଼ଙ୍ଗର ମୋଟ୍ ଲମ୍ବ ପ୍ରାୟ ୫୦.୪୫ କିଲୋମିଟର, ଯାହା ମଧ୍ୟରୁ ପ୍ରାୟ ୩୭.୯ କିଲୋମିଟର ଇଂଲିଶ ଚ୍ୟାନେଲ୍‌ର ନିମ୍ନଭାଗରେ ରହିଛି।


# କପାଚାଷୀ ଓ ବୟନ ଶିଳ୍ପ ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ରାହୁଲଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୧୪।୨/ଏଜେନ୍ସି:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ। କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ୍ତି ବୋଲି ମଧ୍ୟ ରାହୁଲ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ଉଲ୍ଲେଖ କରିଛନ୍ତି ଯେ, ଭାରତର ବୟନ ଶିଳ୍ପ ଏବଂ କପା ଚାଷ ଉପରେ ଲକ୍ଷ ଲକ୍ଷ ଲୋକ ଜୀବିକା ପାଇଁ ନିର୍ଭର କରନ୍ତି। ଏହି କ୍ଷେତ୍ରଗୁଡ଼ିକୁ କ୍ଷତି ଅର୍ଥ ଲକ୍ଷ ଲକ୍ଷ ପରିବାରକୁ ବେକାରୀ ଏବଂ ଆର୍ଥିକ ଦୁର୍ଦ୍ଦଶା ଭିତରକୁ ଠେଲି ଦେବା ଭଳି ହେବ। ଯେକୌଣସି ଦୂରଦୃଷ୍ଟିସମ୍ପନ୍ନ ଏବଂ ରାଷ୍ଟ୍ରହିତ ପାଇଁ ଚିନ୍ତା କରୁଥିବା ସରକାର ଉଭୟ କ୍ଷେତ୍ରର ଲାଭ ଦେଖିଥାନ୍ତେ। ଏହା କିପରି ନୀତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମୁମ୍ବାଇଠାରେ ଗୋୟଲ କହିଛନ୍ତି, ରାହୁଲଙ୍କଠାରେ ପରିପକ୍ୱତା କିମ୍ବା ଅର୍ଥନୀତି ସମ୍ପର୍କିତ ଜ୍ଞାନ ନାହିଁ। ସେ ସାମାଜିକ ଗଣମାଧ୍ୟମରେ କେବଳ ମିଥ୍ୟା ଓ ଭ୍ରମ ସୃଷ୍ଟିକାରୀ ତଥ୍ୟ ପ୍ରଦାନ କରୁଛନ୍ତି। ସେ ବାସ୍ତବତାଠାରୁ ହଜାରେ ମାଇଲ ଦୂରରେ ଅଛନ୍ତି। ଏହି ଚୁକ୍ତି ଦ୍ୱାରା ଉଭୟ କପାଚାଷ କ୍ଷମତା ଓ ଆବଶ୍ୟକତା ବୃଦ୍ଧି ପାଇବ ବୋଲି ଗୋୟଲ କହିଛନ୍ତି।

## ପୁତିନ୍‌ଙ୍କ ବିରୋଧରେ ୟୁରୋପୀୟ ଦେଶଗୁଡ଼ିକଙ୍କ ସଂଗୀନ ଅଭିଯୋଗ

# ନାଭାଲନିଙ୍କୁ ବିଷ ଦେଇ ହତ୍ୟା କରାଯାଇଛି

**ମସ୍କୋ, ୧୪।୨/ଏଜେନ୍ସି:** ରୁଷ୍ ବିରୋଧରେ ୟୁରୋପୀୟ ଦେଶଗୁଡ଼ିକ ଏବେ ଏକ ସଂଗୀନ ଅଭିଯୋଗ ଆଣିଛନ୍ତି। ତେବେ ଏହି ଅଭିଯୋଗ ସିଧାସଳଖ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ବିରୋଧରେ ବୋଲି କୁହାଯାଉଛି। ୟୁରୋପୀୟ ଦେଶଗୁଡ଼ିକଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ବିରୋଧୀ ଦଳ ନେତା ଆଲେକ୍ସେସି ନାଭାଲନିଙ୍କୁ ବିଷ ଦେଇ ହତ୍ୟା କରିଛନ୍ତି। ନାଭାଲନିଙ୍କୁ ବେଙ୍ଗ ଠାରୁ ମିଳୁଥିବା ବିଷ ଏପିବାଟିଡିନ୍ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ୨୦୨୪ ରେ ଜେଲରେ ନାଭାଲନିଙ୍କ ମୃତ୍ୟୁ ପୂର୍ବରୁ ତାଙ୍କୁ ବିଷ ଦିଆଯାଇଥିବା ଲାବୋରେଟୋରୀ ପରୀକ୍ଷାରୁ ଜଣାପଡ଼ିଥିବା ବ୍ରିଟେନ୍ ସମେତ ୫ ୟୁରୋପୀୟ ଦେଶ ଅଭିଯୋଗ କରିଛନ୍ତି। ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ସ୍ୱିଡେନ ଓ ନେଦରଲ୍ୟାଣ୍ଡର ବିଦେଶ ମନ୍ତ୍ରୀମାନେ ଶନିବାର ଅଭିଯୋଗ କରିଛନ୍ତି ଯେ, ଦୁଇ ବର୍ଷ ତଳେ ନାଭାଲନିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କଠାରୁ ସଂଗ୍ରହ ନମୁନାରୁ ଏପିବାଟିଡିନ୍ ବିଷର ଉପସ୍ଥିତି ଜଣାପଡ଼ିଛି। ଏପିବାଟିଡିନ୍ ବିଷ ଦକ୍ଷିଣ ଆମେରିକାରେ ମିଳୁଥିବା ଏକ ପ୍ରକାର ବେଙ୍ଗ ଠାରୁ ମିଳିଥାଏ। ଏହି ବେଙ୍ଗ ରୁଷ୍‌ରେ ଦେଖାଯାଆନ୍ତି ନାହିଁ। ୟୁରୋପୀୟ ଦେଶଗୁଡ଼ିକ କହିଛନ୍ତି ଯେ, ସେମାନେ ରାସାୟନିକ ଅସ୍ତ୍ର ଚୁକ୍ତିନାମା ଉଲ୍ଲଙ୍ଘନ କରିବା ପାଇଁ ରୁଷ ବିରୋଧରେ ରାସାୟନିକ ଅସ୍ତ୍ର ନିଷେଧ ସଂଗଠନକୁ ରିପୋର୍ଟ କରିବେ ବୋଲି କହିଛନ୍ତି। ପ୍ରକାଶ, ଫେବ୍ରୁଆରୀ ୨୦୨୪ରେ ଆର୍କଟିକ ପେନାଲ କଲୋନୀ ଜେଲରେ ନାଭଲନିଙ୍କର ମୃତ୍ୟୁ ହୋଇଥିଲା। ଭ୍ଲାଦିମିର ପୁତିନ୍ ତାଙ୍କୁ ମିଥ୍ୟା ଅଭିଯୋଗରେ ୧୯ ବର୍ଷର ଜେଲଦଣ୍ଡାଦେଶ ଦେଇଥିଲେ ଯାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା ବୋଲି ୟୁରୋପୀୟ ଦେଶଗୁଡ଼ିକ ଅଭିଯୋଗ କରିଛନ୍ତି।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra